# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

# ଇ ପତ୍ରିକା

ଦ୍ୱାଦଶ ସଂଖ୍ୟା, ୧ ଜୁନ୍ ୨୦୨୩

https://epatrika.cspursahityasansad.com/



Publisher :
Newtra Creations
Bhubaneswar

ମୁଖ୍ୟ ସଂପାଦକ: ବସନ୍ତ ମାଝି || ସଂପାଦକ: ସରୋଜ କୁମାର ଶତପଥୀ

Contact : 7/13, Type 'B' (Revised), Unit-9, Bhubaneswar - 751022

Mob : 9438621925 / 9937128547

Website: www.newtracreations.com / www.cspursahityasansad.com

Email : cspursahityasansad@gmail.com

# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

# ଇପତ୍ରିକା

ଦ୍ୱାଦଶ ସଂଖ୍ୟା
୧ ଜୁନ୍ ୨୦୨୩

**ଉପଦେଷ୍ଟା :**
ପ୍ରଫେସର୍ ଅଭୟ କୁମାର ବେହେରା
ପ୍ରଫେସର ଅଶୋକ କୁମାର ମହାନ୍ତି
ଡକ୍ଟର୍ ସଂଘମିତ୍ରା ଭଞ୍ଜ

**ମୁଖ୍ୟ ସମ୍ପାଦକ :**
ବସନ୍ତ ମାଝି

**ସମ୍ପାଦକ :**
ସରୋଜ କୁମାର ଶତପଥୀ

**ସମ୍ପାଦନା ମଣ୍ଡଳୀ :**
ପ୍ରଫେସର୍ ବୀଣାପାଣି ତ୍ରିପାଠୀ
ଯଶୋବନ୍ତ ସେଠୀ
ବିଦ୍ୟାଧର ଗୁରୁ
କ୍ଷଣପ୍ରଭା ମହାନ୍ତି

**ଅଳଙ୍କରଣ ଓ ପ୍ରଚ୍ଛଦ :**
ସରୋଜ କୁମାର ଶତପଥୀ

**ପ୍ରକାଶକ :**
ନ୍ୟୁଟ୍ରା କ୍ରିଏସନ୍ସ,
ପ୍ଲଟ୍ ନଂ -୫, ଜୟଦେବ ନଗର,
ଲୁଇସ୍ ରୋଡ୍, ଭୁବନେଶ୍ୱର-୦୨
ମୋ - ୯୯୩୭୧୨୮୫୪୭
e-mail: newtracreations@gmail.com
website : www.newtracreations.com

**ସମ୍ପର୍କ :**
ସମ୍ପାଦକ: ଇ-ପତ୍ରିକା,
୭/୧୩-ଟାଇପ୍ 'ବି'(ରିଭାଇଜ୍ଡ)
ୟୁନିଟ୍ -୯, ଭୁବନେଶ୍ୱର-୨୨
ଫୋନ -୯୪୩୮୬୨୧୯୨୫/୯୯୩୭୧୨୮୫୪୭
e-mail: epatrika@cspursahityasansad.com
website : www.cspursahityasansad.com

**Patron:**
Prof. Avaya Kumar Behera
Prof. Ashok Kumar Mohanty
Dr. Sanghamitra Bhanja

**Chief Editor :**
Basanta Majhi

**Editor :**
Saroj Kumar Satpathy

**Editorial Board :**
Prof. Binapani Tripathy
Jashobanta Sethi
Bidyadhar Guru
Kshyanaprabha Mohanty

**Illustration & Cover design :**
Saroj Kumar Satpathy

**Publisher :**
Newtra Creations
Plot no-5, Jayadev Nagar
Bhubaneswar - 751002
Mob : 9937128547
e-mail: newtracreations@gmail.com
website : www.newtracreations.com

**Contact :**
Editor - ePatrika,
7/13- Type 'B' (Revised), Unit-9,
Bhubaneswar - 751022
Mob : 9438621925 / 9937128547
Email : epatrika@cspursahityasansad.com
website : www.cspursahityasansad.com

ଇ-ପତ୍ରିକା
ଦ୍ୱାଦଶ ସଂଖ୍ୟା, ୧ ଜୁନ୍ ୨୦୨୩





# ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

## ରେଳଧାରଣା ମରଣରେଖା ନ ହୋଇ ଜୀବନରେଖା ହେଉ

ଗତ **ତା ୩/୬/୨୦୨୩ ରିଖ** ଦୁଇଯାତ୍ରୀବାହୀ ଟ୍ରେନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ଫଳରେ **୩୦୦**ରୁ ଉର୍ଦ୍ଧ୍ୱ ଯାତ୍ରୀ ମୃତ୍ୟୁର ଶିକାର ହୋଇଥିବାବେଳେ ପ୍ରାୟ **୯୦୦**ରୁ ଉର୍ଦ୍ଧ୍ୱ ଯାତ୍ରୀ ଗୁରୁତର ଆହତ ହୋଇଥିବା ଦୁଃଖଦ ସମ୍ବାଦରେ ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ପ୍ରତ୍ୟେକ ସଦସ୍ୟ ଗଭୀର ମର୍ମାହତ । ଏତେ ସଂଖ୍ୟକ ଜୀବନହାନି ପ୍ରାକୃତିକ ଘୂର୍ଣ୍ଣିଝଡ଼ ଫଣିରେ ମଧ୍ୟ ଦେଖାଯାଇ ନଥିଲା । ଦୁର୍ଘଟଣା ସ୍ଥଳରେ ଏବଂ ଡାକ୍ତରଖାନାରେ ସାଧାରଣ ଜନତା ଉଦ୍ଧାର କାର୍ଯ୍ୟରେ ଯେପରି ସହାୟତା ପ୍ରଦାନ କରିଛନ୍ତି, ସମାଜରେ ମାନବିକ ମୂଲ୍ୟବୋଧ ବ୍* ରହିଛି ବୋଲି ପ୍ରମାଣିତ ହୋଇଛି । ଏହା ସହାୟତାକାରୀ ଏବଂ ରକ୍ତ ପ୍ରଦାନକାରୀମାନଙ୍କୁ ସଂସଦ ଅଶେଷ ଧନ୍ୟବାଦ ଅର୍ପଣ କରୁଛି ।

ଏହି ଦୁର୍ଘଟଣାରେ ଯେଉଁ ମାନବ ସଂପଦର ଧ୍ୱଂସ ସାଧିତ ହେଲା ଏବଂ ତାଙ୍କ ପରିବାର ଛାରଖାର ହେଲା, ଏହି କ୍ଷତିକୁ ଭରଣା କରିବାର ମାର୍ଗ ନିର୍ଣ୍ଣିତ କରାଯିବା ଦରକାର । କେବଳ କିଛି ଆର୍ଥିକ ସହାୟତା ଆଦୌ କ୍ଷତିପୂରଣର ମାର୍ଗ ହୋଇପାରିବ ନାହିଁ । ରେଳ ବିଭାଗ ହେଉଛି ଦେଶର ଜୀବନରେଖା । ରେଳଧାରଣା ମରଣରେଖା ନ ହୋଇ, ଜୀବନରେଖା ହେଉ । ରେଳଯାତ୍ରା ଭୟ ସଙ୍କୁଳ ମହାଯାତ୍ରା ନ ହୋଇ ସୁଖମୟ ହେଉ । ଏହି ଜୀବନ ରେଖାର ବିଭିନ୍ନ ବିଭାଗକୁ ଘରୋଇକରଣ କରିବା, ବଜେଟୀୟ ବ୍ୟୟବରାଦ ହ୍ରାସ କରିବା, ଯାତ୍ରୀଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ନ ଦେବା, ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ନ କରି ମିଥ୍ୟା ପ୍ରଚାର ଚଳାଇବା, ଭିତ୍ତିଭୂମିର ଉନ୍ନତିକରଣ ପାଇଁ ବିଶେଷ ଗୁରୁତ୍ୱ ପ୍ରଦାନ ନ କରିବା ପ୍ରସଙ୍ଗ ଏହି ଦୁର୍ଘଟଣା ପରେ ପ୍ରଶ୍ନ ସାମ୍ନାକୁ ତୋଳି ଧରୁଛି । ଏହି ପ୍ରକାର ଦୁର୍ଘଟଣା କମ୍ପ୍ୟୁଟରୀକରଣ ନିୟନ୍ତ୍ରଣ ବ୍ୟବସ୍ଥାର ବିଫଳତା ଓ ଅପରାଧ ଯେଉଁଥିପାଇଁ କଠୋରଶାସ୍ତିର ଦୃଷ୍ଟାନ୍ତ ନାହିଁ । ଦୁଇ ବିପରୀତମୁଖୀ ଟ୍ରେନ୍ ଦୁର୍ଘଟଣାର ସମ୍ମୁଖୀନ ହେବା ସାଧାରଣ ଘଟଣା ବୋଲି କୁହାଯାଇପାରିବ ନାହିଁ । ଏହି ଦୁର୍ଘଟଣା ମଣିଷକୃତ ବୋଲି ଯେ କେହି କହିପାରିବ । ପୂର୍ବତନ ରେଳମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀ ଯେଉଁ ନୈତିକତା ପ୍ରଦର୍ଶନ କରିଥିଲେ, ସେହି ନୈତିକତା, ମୂଲ୍ୟବୋଧ ପ୍ରଦର୍ଶିତ ହେବା ଜରୁରୀ । ଭିତ୍ତିଭୂମିର ବିକାଶ ନ କରି ରେଳ ଲାଇନରେ ଦ୍ରୁତଗାମୀ ଟ୍ରେନ ଚଳାଇବାର ଅହଂ ପ୍ରଦର୍ଶନ ଜୀବନକୁ ହାଣ ମୁହଁକୁ ଠେଲି ଦେବା ଭଳି ହୋଇ ଉଠୁଛି ।

ପରିଶେଷରେ ନିହତ ପରିବାରର ପରିବାରବର୍ଗ ଓ ବନ୍ଧୁ-ବାନ୍ଧବ, ପରିଜନଙ୍କୁ ସମବେଦନା ଜ୍ଞାପନ କରିବା ସହ ଆହତ ବ୍ୟକ୍ତିମାନଙ୍କର ଶୀଘ୍ର ଆରୋଗ୍ୟ କାମନା କରୁଛୁ ।

**ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ,**
**ଭୁବନେଶ୍ୱର**

## ସମ୍ପାଦକୀୟ...



# ଗୋଟିଏ ବର୍ଷର ଯାତ୍ରା

ଓଡ଼ିଶା ମାଟିରେ ସାହିତ୍ୟ ଓ ସଂସ୍କୃତିର ଯାତ୍ରା ଅତ୍ୟନ୍ତ ଜଟିଳ । ଏହି ଯାତ୍ରା ପଥର ଯାତ୍ରୀ ଏବଂ ଦରଦୀ ଦର୍ଶକ ହିଁ ଏହି ସତ୍ୟକୁ ଉପଲବ୍ଧି କରିପାରିବେ ।

ଏହି କଷ୍ଟସାଧ ପଥର ପଥିକ ଭାବରେ ଆମ ସଂସଦର ମାସିକ ଡିଜିଟାଲ ପତ୍ରିକା "ଇ-ପତ୍ରିକା" ତା'ର ଗୋଟିଏ ବର୍ଷର ଯାତ୍ରାକୁ ପୂରଣ କରି ପାରିଛି, ଏହା ହିଁ ଆତ୍ମସନ୍ତୋଷର ବାର୍ତ୍ତା । ପ୍ରଚେଷ୍ଟା କରିଛି ସାଂପ୍ରତିକ ଇଣ୍ଟର୍‌ନେଟ୍‌କୁ ମାଧ୍ୟମ ରୂପେ ଉପଯୋଗ କରି ସାହିତ୍ୟ ଓ ସଂସ୍କୃତିର ବାର୍ତ୍ତାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ । ସଫଳତା କମ୍ ନୁହେଁ କିମ୍ବା ଶୁଭେଚ୍ଛାର ବାର୍ତ୍ତା ମଧ କମ୍ ନୁହେଁ । ନବୀନ-ପ୍ରବୀଣ ସାହିତ୍ୟିକଙ୍କୁ ଓଡ଼ିଆ ଭାଷା-ଭାଷୀ ଭାଇ-ଭଉଣୀଙ୍କ ନିକଟରେ ପହଞ୍ଚାଇବାର ଏହି ଅଭିଯାନରେ ଆମ ପ୍ରିୟ ସାହିତ୍ୟ ସଂସଦର ସତୀର୍ଥ ଓ ଶୁଭେଚ୍ଛୁମାନଙ୍କୁ ଏହି ଅବସରରେ ଅକୃପଣ ଶୁଭେଚ୍ଛା ଓ କୃତଜ୍ଞତା ଜ୍ଞାପନ କରୁଛୁ ।

ଓଡ଼ିଆ ଭାଷା ଗୋଷ୍ଠୀ ମଧ୍ୟରେ ଜମାଟ ବାନ୍ଧିଥିବା ହୀନମନ୍ୟତାର ଅଳିଆକୁ ଝାଡ଼ିଝୁଡ଼ି ସଫା କରିବା ପାଇଁ ବହୁ ସାହିତ୍ୟ ସଂଗଠନ କାର୍ଯ୍ୟ କରିବା ଏବଂ ଏହି କାର୍ଯ୍ୟରେ ଅଳ୍ପ ବହୁତ ସଫଳତା ପାଇବା ହେଉଛି ଆଶ୍ୱାସନାର ବିଷୟ । ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ ଏହି ମହତ କାର୍ଯ୍ୟରେ ନିଜକୁ ସାମିଲ୍ କରାଇ ଅତି ଆନନ୍ଦରେ ଗଣ୍ଡୁଚି ମୂଷାର ପ୍ରୟାସ ଜାରି ରଖିଛି । କେବଳ ଗୁଣାତ୍ମକ ମାନ ବଜାୟ ରଖିବା ଏକମାତ୍ର କାର୍ଯ୍ୟ ନୁହେଁ । ନୂତନ ପିଢ଼ିକୁ ପ୍ରୋତ୍ସାହନ ପ୍ରଦାନ ମାଧ୍ୟମରେ ସେମାନଙ୍କର ଆତ୍ମ ପ୍ରତ୍ୟୟ ସୃଷ୍ଟିକୁ "ଇ-ପତ୍ରିକା" ଗୁରୁତ୍ୱ ଦେଇ ଆସିଛି । ମଣିଷର ଚେତନା ଜଗତ ଯଦି ନିର୍ଦ୍ଦିଷ୍ଟ ପରିସୀମା ମଧ୍ୟରେ ଆବଦ୍ଧ ହୋଇ ରହେ ତାହାହେଲେ ଏହା ପୋଖରୀପାଣି ପରି ପ୍ରଦୂଷିତ ହେବା ସୁନିଶ୍ଚିତ । "ଇ-ପତ୍ରିକା" ପ୍ରଚେଷ୍ଟା କରି ଆସିଛି ଏକ ବେଗମତୀ ତଟିନୀଟିଏ ହେବା ପାଇଁ । ଅଙ୍କା-ବଙ୍କା ମାର୍ଗରେ ଚେତନାର ବହୁ ଭୂ-ଖଣ୍ଡକୁ ଛୁଇଁଯିବା ପାଇଁ । ଏହା ହିଁ ଆମ ଲୋକପ୍ରିୟତାର ଅନ୍ୟତମ ସର୍ତ୍ତ ।

ଆସନ୍ତୁ, ପ୍ରଥମ ବର୍ଷର ଅଭିଜ୍ଞତା ଆଧାରରେ ଆମେ ଦ୍ୱିତୀୟ ବର୍ଷ ପାଇଁ ଅଙ୍ଗୀକାରବଦ୍ଧ ହେବା । "ଇ-ପତ୍ରିକା" ର ଗୁଣ, ମାନ, କଳେବର ଓ ପ୍ରଚାର-ପ୍ରସାରକୁ ବହୁଗୁଣିତ କରିବା । ସହାୟତାର ହାତକୁ ସଂପ୍ରସାରିତ କରିବା ଏବଂ ଓଡ଼ିଆ ବାଣୀଭଣ୍ଡାରର ସମୃଦ୍ଧି ନିମନ୍ତେ ପୁଣି ଥରେ ସଂକଳ୍ପବଦ୍ଧ ହେବା ।

■■■

**ସରୋଜ କୁମାର ଶତପଥୀ**
**ସମ୍ପାଦକ**



ଇ-ପତ୍ରିକା
ଦ୍ୱାଦଶ ସଂଖ୍ୟା, ୧ଜୁନ୍ ୨୦୨୩

# ମୁଖଶାଳା



| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧. | ସମ୍ପାଦକୀୟ : ଗୋଟିଏ ବର୍ଷର ଯାତ୍ରା | ସରୋଜ କୁମାର ଶତପଥୀ | ୦୪ |
| | **ବ୍ୟାକରଣ ବିଭାଗ** | | |
| ୨. | ବିଭକ୍ତି | ଡ. ଦେବାଶିଷ ମହାପାତ୍ର | ୦୮ |
| | **ଗଦ୍ୟ ବିଭାଗ** | | |
| ୦୩. | ତିନୋଟି ସନ୍ଧ୍ୟାର ସ୍ମୃତି ଓ ଗୁଣମଣି ନାନୀ | ପ୍ର. ମଣୀନ୍ଦ୍ର କୁମାର ମେହେର | ୧୧ |
| ୦୪. | ଭେଟି | ବସନ୍ତ ମାଝି | ୧୩ |
| ୦୫. | ପାକୁଆ ପାଟିର ହସ | ଛନ୍ଦା ମିଶ୍ର | ୧୪ |
| ୦୬. | କବି ଅଶୋକ ମହାନ୍ତିଙ୍କର ଅଭିନବ "ମାମୁଘର ଗାଁ" | ଅନ୍ନଦା ମିଶ୍ର | ୧୬ |
| ୦୭. | କବି ହୃଷିକେଶ ମଲ୍ଲିକଙ୍କ କବିତା ସଂକଳନ "ସରିଯାଇଥିବା ଅପେରା" | ଡ. ମମତା ପ୍ରିୟଦର୍ଶିନୀ ସାହୁ | ୧୯ |
| ୦୮. | ଭୂତ | ଗଗନ ବିହାରୀ ନାୟକ | ୨୨ |
| ୦୯. | ଡିସ୍କାଉଣ୍ଟ୍ | ପ୍ରମୋଦ କୁମାର ମହାପାତ୍ର | ୨୩ |
| ୧୦. | ସୋନାଗାଛିର ରାଜକୁମାର | ବିଦ୍ୟାଧର ଗୁରୁ | ୨୫ |
| ୧୧ | ସିଦ୍ଧାଚାର୍ଯ୍ୟ ଶବର (ଧାରାବହିକ ଯୋଗୀ-୨) | ମୀନୁ ହୋତା | ୨୯ |
| | **ପଦ୍ୟ ବିଭାଗ** | | |
| ୧୨. | ଚକ୍ରଧର | ଶିବପ୍ରିୟା ମିଶ୍ର | ୩୪ |
| ୧୩. | ଦୃଶ୍ୟ ଓ ଦ୍ରଷ୍ଟା | ପ୍ର. ବୀଣାପାଣି ତ୍ରିପାଠୀ | ୩୫ |
| ୧୪. | ଆକାଶ | ବିଷ୍ଣୁପ୍ରିୟା ମହାପାତ୍ର | ୩୬ |
| ୧୫. | ସ୍ମୃତି | ମନୋରମା ମିଶ୍ର | ୩୭ |
| ୧୬. | ସ୍ୱପ୍ନ ନା ଜାଗୃତି | ଅଧ୍ୟାପକ ଅଜୟ ପଟ୍ଟନାୟକ | ୩୮ |
| ୧୭. | ଭକ୍ତି (ବ୍ୟଙ୍ଗ) | ବିରଞ୍ଚି ମିଶ୍ର | ୩୯ |
| ୧୮. | ଭଲ ମଣିଷ | ଯଜ୍ଞଦତ୍ତ ସାମନ୍ତରାୟ | ୪୦ |
| ୧୯. | ପ୍ରଦ୍ୟୁମ୍ନ | ଜ୍ୟୋତିପ୍ରକାଶ ଗଡ଼ତ୍ୟା | ୪୧ |
| ୨୦. | ଅସ୍ୱ ଉଠାଅ ଝିଅ | ଡ. ନଳିନୀ ବେହେରା | ୪୨ |
| ୨୧. | ଆସଇ ରୂପେଲି ରଜ | ଅନସୂୟା ବାରିକ | ୪୩ |
| ୨୨. | ସାମାଦିକତା | ଶର୍ମିଷ୍ଠା ମିଶ୍ର | ୪୪ |
| ୨୩. | କ୍ୟାବିନ୍ ନଂ-୪୧୩ | ନିହାରୀକା ରାୟବରାଳ | ୪୫ |
| ୨୪. | ମୃତ୍ୟୁ | ସରୋଜ କୁମାର ଶତପଥୀ | ୪୬ |
| ୨୫. | ବିନ୍ତି(କୋଶ୍ଲୀ) | ପ୍ରଜ୍ଞା ଦର୍ଜୀ ମହାପାତ୍ର | ୪୭ |
| ୨୬. | ମୁଇଁ ଆର୍ ମୁଇଁ ନାଇଁ ନ (କୋଶ୍ଲୀ) | ଯୋଗେଶ ଚନ୍ଦ୍ର ମିଶ୍ର | ୪୮ |
| ୨୭. | ଅଭିମାନର ସ୍ୱର | ଅଞ୍ଜଳି ଆଚାର୍ଯ୍ୟ | ୪୯ |
| ୨୮. | ପଶ୍ଚାତାପ | ଗୀତା ପଟ୍ଟନାୟକ | ୫୦ |

# ମୁଖଶାଳା


| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୨୯. | କୋଳକୁ ତୁମରି ନିଅ ମା’ | ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ | ୫୧ |
| ୩୦. | ଉପକାର | ଅଧ୍ୟାପିକା ପ୍ରିୟଦର୍ଶିନୀ ନାୟକ | ୫୨ |
| ୩୧. | ଜଞ୍ଜାଳ | କବିତା ନାୟକ | ୫୩ |
| ୩୨. | ଅହଂକାର | କ୍ଷଣପ୍ରଭା ମହାନ୍ତି | ୫୪ |
| ୩୩. | ଅନ୍ତଃସ୍ୱର | ଡ. ପ୍ରବୀଣା ପରିଡ଼ା | ୫୫ |
| ୩୪. | ସାମର୍ଥ୍ୟ | ଡ. ମନୋରଞ୍ଜନ ବିଶୋୟୀ | ୫୬ |
| ୩୫. | ମୃଦୁ ଜହର | ଅଜୟ କୁମାର ସେଠୀ | ୫୭ |
| ୩୬. | ଖଣ୍ଡଗିରିରେ ଭାବନା | ବୀରେଶ୍ୱର ମହାନ୍ତି | ୫୮ |
| ୩୭. | କିଏ ମୋତେ ଡାକେ | ଧର୍ମ କୁମାର ଶତପଥୀ | ୫୯ |
| ୩୮. | ଗ୍ରୀଷ୍ମ | ଶୁଭଶ୍ରୀ ସ୍ୱଂ | ୬୦ |
| ୩୯. | ତଥାପି ଜଳୁଛି | ରଶ୍ମିମୟୀ ପତି | ୬୧ |
| ୪୦. | ବୋଉ ର କୋଳ | ବାସନ୍ତି ବାରିକ୍ | ୬୨ |
| ୪୧. | କବିତାରେ କ୍ରନ୍ତି | ମାନଗୋବିନ୍ଦ ବାରିକ୍ | ୬୩ |
| ୪୨. | ସନ୍ଧ୍ୟା | ଡ. ପ୍ରିୟମ୍ବଦା ସାମଲ | ୬୪ |
| ୪୩. | ସେଇ ଚାହାଣି | ବିନୋଦିନୀ ଗଉଡ଼ | ୬୫ |
| ୪୪. | ଅବସର ବାସରେ | ଶ୍ରୀ କୁଞ୍ଜବିହାରୀ ସାହୁ | ୬୬ |
| ୪୫. | ଅଫେରା | ରାଜେଶ ପୂଜାରୀ | ୬୭ |
| ୪୬. | ଆସ ମୋ ସହିତ | ଜାହ୍ନବୀ ଚୌଧୁରୀ | ୬୮ |
| ୪୭. | ଘର | ପ୍ରଜ୍ଞା ମହାନ୍ତି | ୬୯ |
| ୪୮. | ଶ୍ରମିକ | ସରୋଜଲକ୍ଷ୍ମୀ ମହାନ୍ତି | ୭୦ |
| ୪୯. | ମାଆ ବରୁଣେଇ | ନୂକୁଞ୍ଜ କୁମାର ଘୋଷ | ୭୧ |
| ୫୦. | ବର୍ଷାରାଗ | ଅପରାଜିତା | ୭୨ |
| ୫୧. | ଦେବାଶିଷ | କରିସ୍ମା ତ୍ରିପାଠି | ୭୩ |
| ୫୨. | ମା’ | ସରୋଜ କୁମାର ନାୟକ | ୭୪ |
| ୫୩. | ନୀଳ ଢେଉରେ ମୁଁ | ସ୍ନିଗ୍ଧା ଜି. ମହାପାତ୍ର | ୭୫ |
| ୫୪. | ଉଦୟରାଗ | କମଳିନୀ ଦେବୀ | ୭୬ |
| ୫୫. | କେମିତି କହିବି କୁହ | ବିଜୟା ମିଶ୍ର | ୭୭ |
| ୫୬. | ଓ ଇ - ପତ୍ରିକା ର ମଇ ସଂଖ୍ୟା ର କିଛି ସ୍ମୃତି | | ୭୮ |

ପତ୍ରିକା
ଦ୍ୱାଦଶ ସଂଖ୍ୟା, ୧ଜୁନ୍ ୨୦୨୩

# ବ୍ୟାକରଣ ବିଭାଗ





# ବିଭକ୍ତି

ଡ. ଦେବାଶିଷ ମହାପାତ୍ର

ଯାହାଦ୍ୱାରା ସଂଖ୍ୟା ଓ କାରକର ପରିଚୟ ହୁଏ ତାହା ବିଭକ୍ତି । ବିଭକ୍ତି ପାଇଁ ଗୋଟିଏ ପଦ ବା କାରକ ଅନ୍ୟପଦଠାରୁ ଅଲଗା ବୋଲି ଜାଣିହୁଏ । ଗୋଟିଏ ପଦରୁ ଅନ୍ୟପଦକୁ ବିଭକ୍ତ କରୁଥିବାରୁ ଏହା ବିଭକ୍ତି ଭାବେ ପରିଚିତ । କର୍ତ୍ତାକାରକରେ ପ୍ରଥମା, କର୍ମକାରକରେ ଦ୍ୱିତୀୟା, କରଣକାରକରେ ତୃତୀୟା, ସଂପ୍ରଦାନ କାରକରେ ଚତୁର୍ଥୀ, ଅପାଦାନ କାରକରେ ପଞ୍ଚମୀ, ସମ୍ବନ୍ଧ ପଦରେ ଷଷ୍ଠୀ ଓ ଅଧିକରଣ କାରକରେ ସପ୍ତମୀ ବିଭକ୍ତି ହୋଇଥାଏ ।

ଉଦାହରଣ-

**ପ୍ରଥମା ବିଭକ୍ତି -**

କବି କବିତା ଲେଖନ୍ତି ।

ହେ ପ୍ରଭୁ ! କ୍ଷମାକର ।

**ଦ୍ୱିତୀୟା ବିଭକ୍ତି -**

ଲାଜା ଗୀତ ଗାଉଛି ।

ଡେଜି ମନ୍ଦିରକୁ ଯାଉଛି ।

**ତୃତୀୟା ବିଭକ୍ତି -**

ମୁଖ୍ୟମନ୍ତ୍ରୀ ବିମାନରେ ମାଲକାନଗିରି ଗଲେ ।

ସମସ୍ତେ ଖୁସିରେ ରହନ୍ତୁ ।

**ଚତୁର୍ଥୀ ବିଭକ୍ତି -**

ବ୍ରାହ୍ମଣଙ୍କୁ ଦକ୍ଷିଣା ଦିଅ ।

ଗୁରୁଜନଙ୍କୁ ଭକ୍ତି କର ।

**ପଞ୍ଚମୀ ବିଭକ୍ତି -**

ଦେଶ ବିଦେଶରୁ ଅତିଥି ଆସିଲେ ।

ଆକାଂକ୍ଷାଠାରୁ ପ୍ରତୀକ୍ଷା ଦୁର୍ବଳ ।

**ଷଷ୍ଠୀ ବିଭକ୍ତି -**

ବସନ୍ତ ଋତୁମାନଙ୍କର ରାଜା ।

ଇନ୍ଦ୍ରଧନୁର ରଙ୍ଗ ମନଲୋଭା ।

**ସପ୍ତମୀ ବିଭକ୍ତି -**

ଆଶ୍ୱିନ ମାସରେ ଦୁର୍ଗାପୂଜା ହୁଏ ।

ପଶ୍ଚିମ ଓଡ଼ିଶାରେ ନୂଆଖାଇ ଗୋଟିଏ ଗଣପର୍ବ ।

ଯାହାଦ୍ୱାରା ସଂଖ୍ୟା ଓ କାରକର ପରିଚୟ ହୁଏ ତାହା ବିଭକ୍ତି । ବିଭକ୍ତି ପାଇଁ ଗୋଟିଏ ପଦ ବା କାରକ ଅନ୍ୟପଦଠାରୁ ଅଲଗା ବୋଲି ଜାଣିହୁଏ । ଗୋଟିଏ ପଦରୁ ଅନ୍ୟପଦକୁ ବିଭକ୍ତ କରୁଥିବାରୁ ଏହା ବିଭକ୍ତି ଭାବେ ପରିଚିତ । କର୍ତ୍ତାକାରକରେ ପ୍ରଥମା, କର୍ମକାରକରେ ଦ୍ୱିତୀୟା, କରଣକାରକରେ ତୃତୀୟା, ସଂପ୍ରଦାନ କାରକରେ ଚତୁର୍ଥୀ, ଅପାଦାନ କାରକରେ ପଞ୍ଚମୀ ସମ୍ବନ୍ଧ ପଦରେ ଷଷ୍ଠୀ ଓ ଅଧିକରଣ କାରକରେ ସପ୍ତମୀ ବିଭକ୍ତି ହୋଇଥାଏ ।

■■■

ଓଲ୍ଡ ଟାଉନ୍ , ଭୁବନେଶ୍ୱର

## ଭାଷା, ସାହିତ୍ୟ ଓ ସଂସ୍କୃତି ର ବିକାଶ ଦିଗରେ
## ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ବିଭିନ୍ନ ପ୍ରଗତିମୂଳକ ପଦକ୍ଷେପ

ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

ଚିହ୍ନ


ଆଳାପ

ମାନବୀ

ଅଙ୍କୁର

ଇପତ୍ରିକା

# ଗଦ୍ୟ ବିଭାଗ



# ତିନୋଟି ସନ୍ଧ୍ୟାର ସ୍ମୃତି ଓ ଗୁଣମଣି ନାନୀ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର



ଶୈଶବକାଳର କଥା ମା'ଙ୍କ ଠାରୁ ଶୁଣିବା ମାତ୍ରକେ ପ୍ରତିଥର ଯେପରି ଶିହରି ଉଠେ ଏଥର ମଧ୍ୟ ସେହି ଅବସ୍ଥା ହୋଇଥିଲା ମୋର । ମା' ଭାବ ବିହ୍ୱଳ କଣ୍ଠରେ ଅନର୍ଗଳ କହି ଯାଉଥିଲେ ସେହି ନାନୀଙ୍କ କଥା । ନାଁ ତାଙ୍କର ଗୁଣମଣି । ବାସ୍ତବିକ୍ ସ୍ନେହ ଓ ଶ୍ରଦ୍ଧା ବାଣ୍ଟି ଦେବାରେ ସେ ଯେଉଁ ଔଜ୍ୱଲ୍ୟ ପ୍ରକଟିତ କରିଥିଲେ ତାହା ତାଙ୍କ ମଧ୍ୟରେ ରହିଥିବା ବିପୁଳ ଗୁଣ ରାଶିର ପରିଚୟ । ତାଙ୍କର ପିତାମହ ଓ ମୋର ପିତାମହ ଉଭୟେ ଥିଲେ ଘନିଷ୍ଠ ବନ୍ଧୁ । ଦୁହେଁ ଥିଲେ ଦୁହିଁଙ୍କର ମିତ । ସେଥି ପାଇଁ ତାଙ୍କ ଓ ଆମର ପରିବାର ଭିତରେ ଯେଉଁ ବନ୍ଧନ ସୃଷ୍ଟି ହୋଇଥିଲା ତାହା ପ୍ରକୃତରେ ହୃଦୟକୁ ଅପାର ଭାବ ତରଙ୍ଗରେ ଉଦବେଳିତ କରିଦେବା ଭଳି।

ପୂଜ୍ୟ ପିତାମହ ଚାଲିଯାଇ ସାରିଥିଲେ ୧୯୭୭ ମସିହାରେ । ତାହାର ପରବର୍ତ୍ତୀ ସମୟରେ ତାଙ୍କର ମିତ ବୃଦ୍ଧାବସ୍ଥାରେ ରିକ୍ସାରେ ବସି ଆଗମନ କରିଥିଲେ ଆମ ଘରକୁ। ସେତେବେଳେ ସେ ମୋତେ ଆଦରରେ କୋଳାଗ୍ରତ କରିଥିଲେ ଓ ମୋର ସାମାନ୍ୟ ସଙ୍କୋଚ ସତ୍ତ୍ୱେ ମୋତେ ରିକ୍ସାରେ ବସାଇ ନେଇଯାଇଥିଲେ ତାଙ୍କ ଘରକୁ ।

ସେଇଠି ହିଁ ସଚେତନ ଭାବରେ ପ୍ରଥମେ ଦେଖିଥିଲି ଗୁଣମଣି ନାନୀଙ୍କୁ । ପୂର୍ବରୁ କେତେ ଯେ ସ୍ନେହ ତାଙ୍କଠୁ ପାଇଛି ତାହା ଶୁଣିଥିଲି ମା'ଙ୍କ ଠାରୁ । ତେବେ ଗୁଣମଣି  ନାନୀ ଦେଖିବାକୁ କିପରି ତାହା କଳ୍ପନା କରି ପାରି ନଥିଲି। ସେହିଥର ଯାହା ଦେଖିଲି ତାହା ଥିଲା ମୋର କଳ୍ପନାତୀତ । ଘର ଭିତରକୁ ତାଙ୍କର ପ୍ରବେଶ କରୁ କରୁ ପିତାମହଙ୍କ ମିତ ଯେତେବେଳେ ଡାକିଦେଲେ ତାଙ୍କୁ ଦେଖ୍ – କିଏ ଆସିଛି ବୋଲି ସେତେବେଳେ ଯେଉଁ ଅପୂର୍ବ ମମତାମୟୀ ମୂର୍ତ୍ତିଟି ଦୌଡ଼ି ଆସିଥିଲେ ମୋ ପାଖକୁ ସିଏ ହିଁ ହେଉଛନ୍ତି ଗୁଣମଣି ନାନୀ। " ବାବୁ ଆମ ଘରକୁ ଆସିଛି ।" ବୋଲି ସାରା ଘରଟିକୁ ଆନନ୍ଦରେ ପ୍ରକମ୍ପିତ କରି ଦେଇଥିଲେ ସେ । ତାଙ୍କ କଣ୍ଠସ୍ୱର  ଶୁଣି ଘରର ପ୍ରତିଟି କୋଠରୀରୁ ବାହାରି ଆସିଥିଲେ ଯେଉଁ ମାତୃମୂର୍ତ୍ତି ମାନେ ସେ ସମସ୍ତେ ଥିଲେ ମୋର ବଡ ମା' ମାନେ । ଗୁଣମଣି ନାନୀ ଏପରି ଆବେଗର ସହ ମୋର ମୁଣ୍ଡ , ମୁଖମଣ୍ଡଳ ଓ ସାରା ଶରୀରକୁ ଆଉଁସି ଦେଉଥିଲେ ଯେ ଆଜି ମନେ ପକାଇଲେ ସ୍ନେହର ବର୍ଷା କିପରି ହୁଏ ତାହା ମୁଁ କିଞ୍ଚିତ୍ ଅନୁମାନ କରି ପାରୁଛି ।

ସେଇ ନିର୍ଦ୍ଦିଷ୍ଟ ସନ୍ଧ୍ୟାଟିର କଥା କ'ଣ କେବେବି ଭୁଲି ଯାଇପାରିବି ? ଜୀବନରେ  ପୁନଶ୍ଚ ଏପରି ଗୋଟିଏ ସନ୍ଧ୍ୟା ଆସିବ ବୋଲି ମୁଁ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲି । ଅନେକ ବର୍ଷ ବିତି ଯିବା ପରେ ଥରେ ଜ୍ୱରାକ୍ରାନ୍ତ ହୋଇ ପଡ଼ିଥିଲି ମୁଁ । ଆମ ଘର ସମ୍ମୁଖର ଡାକ୍ତରଖାନାକୁ ଯାଇଥିଲି ସନ୍ଧ୍ୟାରେ । ଡକ୍ଟର ମହାନନ୍ଦଙ୍କ ଘର ବାରଣ୍ଡାରେ ଛିଡ଼ା ହୋଇ ଅପେକ୍ଷା କରିଥିଲି ମୋର ନମ୍ବର କେତେବେଳେ ଆସିବ। ସେଇଠି କାନ୍ଥକୁ ଭରା ଦେଇ ଛିଡ଼ା ହୋଇଥାନ୍ତି ଜଣେ ମାତୃ ପ୍ରତିମା ଜୀବନ୍ତ ମୂର୍ତ୍ତି । ଲକ୍ଷ୍ୟ କଲି ନିର୍ନିମେଷ ନୟନରେ ସେ ମୋତେ ଦେଖୁଥିଲେ ସ୍ନେହ ସଜଳ ଦୃଷ୍ଟି ନେଇ । ମୋ ପାଖକୁ ଟିକେ ନଇଁ ଆସି ପଚାରିଲେ ବାବୁ ତୁ କ'ଣ ମଣୀନ୍ଦ୍ର ? ମୁଁ ସଂକ୍ଷେପରେ ଉତ୍ତର-ଦେଲି – ହଁ । ତାପରେ ଆଉ ତାଙ୍କର ଆହ୍ଲାଦର ସୀମା ନଥିଲା। ସେ ଯେ ଡାକ୍ତରଙ୍କ ପାଖକୁ ଆସିଛନ୍ତି ଏହା ଭୁଲି ଯାଇଥିଲେ ଯେପରି , ମୁଁ ବି ବିସ୍ମରି ଯାଇଥିଲି ମୋର ଜ୍ୱରାକ୍ରାନ୍ତ ଶରୀରକୁ । ଅକଳ୍ପନୀୟ ଆବେଗରେ ସେ ଯେପରି ଥରି ଉଠିଲେ ଆପାଦମସ୍ତକ ଓ ଗୋଟିକ ପରେ ଗୋଟିଏ ସ୍ନେହସିକ୍ତ ପ୍ରଶ୍ନ ପଚାରି ମୋ ବିଷୟରେ ତଥା ଘରର ସମସ୍ତଙ୍କ ବିଷୟରେ ଯେପରି ମୋ ଠାରୁ ଖବର ଆଦାୟ କରିନେଲେ, ତାହା ମୋତେ ଅଭିଭୂତ କରିଦେଲା କ୍ଷଣକ ମଧ୍ୟରେ । ଆଉ ମୋର ଜାଣିବାକୁ ବାକି ରହିଲା ନାହିଁ ସେ କିଏ ? ଆଗରୁ ଯାହାଙ୍କ କଥା ବ୍ୟକ୍ତ କରି ସାରିଛି ତାଙ୍କ ବ୍ୟତୀତ ଏହି ସ୍ନେହମୟୀ ପ୍ରତିମାଟି ଆଉ କିଏ ବା ହୋଇ ପାରନ୍ତି ? ଆମେ ଦୁହେଁ ଭୁଲି ଯାଇଥିଲୁ ଯେ ଆମେ ଜ୍ୱରାକ୍ରାନ୍ତ । ଗୁଣମଣି ନାନୀଙ୍କ ଆଖିରୁ ବୋହି ଯାଉଥାଏ ଧାର ଧାର ଲୁହ । ବର୍ଷ ବର୍ଷ ବ୍ୟାପୀ  ଯେଉଁ ସ୍ନେହ ଓ ଶ୍ରଦ୍ଧା ସଞ୍ଚିତ ହୋଇ ରହିଥିଲା ତାଙ୍କ ହୃଦୟରେ ତାହା ଲୁହ ଧାରା ହୋଇ ଏପରି ବୋହି ପାରେ ସେ ପବିତ୍ର ଦୃଶ୍ୟ ଜୀବନରେ ଦେଖିଥିଲି ପ୍ରଥମ ଥର ପାଇଁ । ମୁଁ କ'ଣ ଗୁଣମଣି ନାନୀଙ୍କ ପରି କାନ୍ଦି ପାରିଥାନ୍ତି ? ମୋ ଭିତରେ ତାଙ୍କ ପ୍ରତି ଯେଉଁ ଶ୍ରଦ୍ଧା ଓ ସମ୍ମାନ ଭରି ଦେଇଥିଲେ ମୋର 'ମା ' ସେହି ଆବେଗକୁ ବ୍ୟକ୍ତ କରିବା ପାଇଁ ସେତିକି ଅଶ୍ରୁ ତର୍ପଣ କରିବାର କ୍ଷମତା ନ ଥିଲା ମୋର । ମାତ୍ର ମର୍ମେ ମର୍ମେ ଅନୁଭବ କରୁଥିଲି ମୋର ଛାତି ଭିତରେ ଶିଶୁଟିଏ ବସି ନିଜ ନାନୀଙ୍କୁ ପାଖରେ ପାଇ ଅବାରିତ ଅଶ୍ରୁ ବର୍ଷଣ କରୁଛି । ମୋର ଛାତି ତଳର ସେଇ କରୁଣ ରୂପ ଦେଖି ପାରୁଥିଲେ ମୋର ସ୍ନେହମୟୀ ନାନୀ । ସେଥି ପାଇଁ ମୋ ଜୀବନର ଅତୃପ୍ତି ଅସହାୟତା ଓ ଅଭାବ ପାଇଁ ତାଙ୍କ ହୃଦୟ କ୍ରନ୍ଦନ କରି ଉଠୁଥିଲା ସେଇଠି ଛିଡ଼ା ହୋଇ । ମୋର ଆଉ କ'ଣ  ଡାକ୍ତରଙ୍କୁ ଦେଖାଇବା ଇଚ୍ଛା ଥିଲା ? କର୍ତ୍ତବ୍ୟ ଦୃଷ୍ଟିରୁ ପରାମର୍ଶ ଗ୍ରହଣ କଲି ଓ ହାତରେ ପ୍ରେସ୍କ୍ରିପସନ୍ ଧରି ଦୋକାନରୁ ଔଷଧ କିଣି ଫେରିଥିଲି ଘରକୁ । ମାତ୍ର ମୁଁ ସତେ ଯେପରି ସେହି ଦୃଶ୍ୟମାନ ଜଗତରେ ନଥିଲି । ଚାଲିଯାଇ ସାରିଥିଲି ଏକ ମହାନ୍ ଭାବ

ରାଜ୍ୟକୁ । ନାନୀଙ୍କୁ ଛାଡ଼ି ଆସିବା ପାଇଁ ଆଦୌ ଇଚ୍ଛା ନ ଥିଲା । ତାଙ୍କଠୁ ବିଚ୍ଛିନ୍ନ ହେଲି ସିନା, ମାତ୍ର ମୋର ସାରା ଅନ୍ତରକୁ ଆଚ୍ଛାଦିତ କରି ରହିଥିଲା ତାଙ୍କ ନୟନ ଗଙ୍ଗାର ପବିତ୍ର ସ୍ୱଚ୍ଛ ଧାରା । ଘରକୁ ଫେରି ଆସି ମୋର୍ ସେହି ଅଲୌକିକ ଅନୁଭୂତିର କଥା ମା'ଙ୍କ ଆଗରେ କିପରି ବା ବ୍ୟକ୍ତ କରି ନଥାନ୍ତି ? ମୋ ଉଚ୍ଚାରିତ ଶବ୍ଦରେ ଗୁଣମଣି-ନାନୀଙ୍କ ଗୁଣବତ୍ତାର ସ୍ୱର୍ଶ ଲାଭ କରି ମା'ଙ୍କ ଆଖି ସଜଳ ହୋଇ ଉଠିଥିଲା । ମୋର ଏହି ଚିର ଦୁଃଖିନୀ ନାନୀଙ୍କ ଉଦ୍ଦେଶ୍ୟରେ ମା' ଯେଉଁ ସହାନୁଭୂତି ବ୍ୟକ୍ତ କରିଥିଲେ ସେଥିରେ ଗୁଣମଣି ନାନୀଙ୍କ ବେଦନା ଭରା ଜୀବନ କାହାଣୀ ଶୁଣି ମୁଁ ନୀରବ ନିଶ୍ଚଳ ଦୀପ ଶିଖାଟିଏରେ ପରିଣତ ହୋଇ ଯାଇଥିଲି ଈଶ୍ୱରଙ୍କ ଆଗରେ ।

ଅନେକ ଦିନ ପରେ ପୁଣି ଗୁଣମଣି ନାନୀଙ୍କ ସହିତ ସାକ୍ଷାତର ଶେଷ ସନ୍ଧ୍ୟାଟି ଏପରି ଭାବରେ ଆଉ ଜୀବନରେ ଆସିବ ବୋଲି ମୁଁ ଆଦୌ ଭାବି ନଥିଲି । ତାଙ୍କ ସୁପୁତ୍ର ସରୋଜ ମୋର ପ୍ରିୟତମ ଛାତ୍ର । କଲେଜରୁ ଉତ୍ତୀର୍ଣ୍ଣ ହୋଇ ଗଲା ପରେ ସରୋଜ ସହିତ ଯେତେବେଳେ ବି ଦେଖା ହୁଏ ନାନୀଙ୍କ ସମ୍ପର୍କରେ ନ ପଚାରିଲେ ଅବସୋସ ରହିଯାଏ ପ୍ରାଣ ମଧ୍ୟରେ । ତେବେ ଯେତେ ଥର ପ୍ରିୟ ସରୋଜଙ୍କୁ ପଚାରିଛି ତାଙ୍କ ମା'ଙ୍କ ସମ୍ପର୍କରେ, ପ୍ରତିଟି ଥର ପାଇଛି ଅତ୍ୟନ୍ତ ବେଦନାଦାୟକ ଉତ୍ତର , ଯାହା ମୋର ହୃଦୟକୁ ମନ୍ଥିତ କରିଦିଏ । ସରୋଜଙ୍କୁ ପ୍ରଶ୍ନ ପଚାରିବା ବେଳେ ସେ ପୁଣି ପ୍ରତିଟି ଥର କହନ୍ତି ନାନୀ କିପରି ମୋତେ ସ୍ମରଣ କରନ୍ତି । ନାନୀଙ୍କ ମମତା ଭରା ସଜଳ ଆଖିର ପ୍ରତିଫଳନ ଦେଖେ ସରୋଜଙ୍କ ଆଖି ଡୋଳାରେ । ସବୁବେଳେ ମୋ ଉଦ୍ଦେଶ୍ୟରେ ସେ କହନ୍ତି – "ମା ଆପଣଙ୍କୁ ଖୋଜୁଛନ୍ତି ବ୍ୟାକୁଳ ଚିତ୍ତରେ ।" ଏକଥା ଶୁଣି ହୃଦୟ ସାଗରରେ ଉତଥିତ ହୁଏ ଏତେ ପ୍ରବଳ ଭାବ ତରଙ୍ଗଯେ ସେହି କ୍ଷଣି ଇଚ୍ଛା ହୁଏ ଗୁଣମଣି ନାନୀଙ୍କ ନିକଟକୁ ତତକ୍ଷଣାତ୍ ପହଞ୍ଚିବା ପାଇଁ । କିନ୍ତୁ ବ୍ୟସ୍ତତା ମଧ୍ୟରେ ବୁଡ଼ି ରହିଥିବା ମୋ ପରି ହତଭାଗା ପାଇଁ ପରିସ୍ଥିତିରୁ ମୁକୁଳିବା ସହଜ ହୁଏ ନାହିଁ ।

ଦିନେ ସନ୍ଧ୍ୟା ଉତ୍ତୀର୍ଣ୍ଣ ହେବା ପୂର୍ବରୁ ଆବେଗରେ ଅଧୀର ହୋଇ ପହଞ୍ଚି ଥିଲି ନାନୀଙ୍କ ପାଖରେ । ଯେଉଁ ଗୁଣମଣି ନାନୀଙ୍କୁ ଦେଖିଲି ତାଙ୍କ ଘରେ ସେ ସେତେବେଳେ ହୋଇ ପଡିଥାନ୍ତି ଶଯ୍ୟାଶାୟୀ । ଏପରି ଅବସ୍ଥାରେ ଥାଇ ମଧ୍ୟ ନିଜର ସବୁ କଷ୍ଟକୁ ହୃଦୟରେ ଚାପି ରଖି ଯେଉଁ ଅମୃତ ବିତରଣ କଲେ ସେ ତାହା ଏବେ ଭାବିଲେ ଉଦବେଳିତ ହୋଇ – ଯାଏ ଅନ୍ତଃସ୍ଥଳ । ତା' ପରେ ଯାହା ହେବାର ଥାଏ ତାହାହିଁ ହେଲା , କେତୋଟି ମାତ୍ର ଦିନ ପରେ । ସରୋଜଙ୍କୁ ସାନ୍ତ୍ୱନାର ହାତ ବଢ଼ାଇ ଆଲିଙ୍ଗନବଦ୍ଧ କରିବାକୁ ଯାଇଥିଲି ଅଚିରେ । ଦେଖିଲି ଗୁଣମଣି ନାନୀ ଏବେବି ଜୀବନ୍ତ ଓ ସତେଜ୍ ହୋଇ ରହିଛନ୍ତି ତାଙ୍କର ପ୍ରିୟ ପୁତ୍ର ସରୋଜଙ୍କ ଆଖିରେ, ଓଠରେ, ପ୍ରତିଟି ଶିରା ପ୍ରଶିରାରେ, ପ୍ରତିଟି ରକ୍ତ କଣିକାରେ । ନାନୀ ସଶରୀରରେ ଥିଲେ ଯେପରି ସ୍ନେହରେ ଭିଜାଇ ଦେଇଥାନ୍ତେ ଠିକ୍ ସେହିପରି ଭିଜିଗଲି ସରୋଜଙ୍କ ମାଧ୍ୟମରେ ପ୍ରକାଶିତ ଅଜସ୍ର ସ୍ନେହ କଣାରେ ।

ମୋର ଏହି ଗଭୀର ଓ ନିବିଡ ଅନୁଭୂତିକୁ କୌଣସି ଗଳ୍ପ କଳାର ସ୍ୱର୍ଶ ଦେଇ ମୁଁ ପ୍ରକାଶ କରିବାକୁ ଚାହୁଁ ନାହିଁ । କେବଳ ଯେଉଁ ତିନୋଟି ସନ୍ଧ୍ୟା ମୋ ପାଇଁ ଚିର ଅଭୁଲା ତାହାକୁ ହିଁ ସାଇତି ରଖିଛି ଅନ୍ତର ମଧ୍ୟରେ ଓ ଦେଖୁଛି ମୋ ଭିତରେ ମୁଁ ନିଜର "ଗୁଣମଣି ନାନୀ"ଙ୍କ ପ୍ରତିଚ୍ଛବି ନିକଟରେ ସନ୍ଧ୍ୟା ଦୀପଟିଏ ହୋଇ କିପରି ଜଳୁଛି ନିରନ୍ତର ।

**ସ୍ନାତୋକତ୍ତର ଭାଷା ଓ ସାହିତ୍ୟ ବିଭାଗ**
**ଫକୀର ମୋହନ ବିଶ୍ୱ ବିଦ୍ୟାଳୟ, ବାଲେଶ୍ୱର**
**ମୋ : ୯୯୩୭୩୬୫୬୯୮**

■■■



# ଭେଟି

**ବସନ୍ତ ମାଝି**





ବିଗତ ବର୍ଷଗୁଡ଼ିକ ପରି ଚଳିତ ବର୍ଷ ଆମ ସହର ଉତ୍ସବ ମୁଖର ହୋଇଆସିଲାଣି । ସହରବାସୀଙ୍କ ମୁହଁରେ ଶାରଦୀୟ ଉତ୍ସବର ସରସତା ଫୁଟି ଉଠୁଥିଲାବେଳେ ଗତବର୍ଷର ସାଂପ୍ରଦାୟିକ ଦଙ୍ଗାର ବୀଭତ୍ସ ଦୃଶ୍ୟ ମୋ ଆଖିପଟଳରେ ଭାସି ଯାଉଥିଲା । ଚଳିତ ବର୍ଷ ପୁଣି ତ୍ରିଶୂଳ ବନାମ ତଲୱାର ରକ୍ତପିପାସୁ ହେବେ ନାହିଁ ତ ? ନିଆଁର କରାଳ ଗ୍ରାସରେ ଜୀବନ-ଜୀବିକା ଧ୍ୱସ୍ତ-ବିଧ୍ୱସ୍ତ ହେବ ନାହିଁ ତ ? ରକ୍ତ, ଆଖିର ଲୁହ ଓ ଛାତିର କୋହକୁ ସଂପ୍ରଦାୟ ଭିତ୍ତିରେ ବିଭାଜିତ କରିବାର କଳାକୌଶଳ ଭିତରେ ଆମର ବିବେକୀ ମନ ହିଂସ୍ରବଶ୍ୟ ପଶୁ ହୋଇଯିବ ନାହିଁ ତ? ଏ କଥାର କିଏ ଗ୍ୟାରେଣ୍ଟି ଦେଇପାରିବ ?

ଗତବର୍ଷର ଠିକ୍ ଏଇ ଉତ୍ସବ ମୁଖର ସମୟରେ ନୂଆ ପରିଧାନ ପାଇଁ ଆମ ବଜାରର ପରିଚିତ ସଲିମ୍ ଟେଲର ପାଖରେ ପ୍ୟାଣ୍ଟ ଆଉ ପଞ୍ଜାବୀ ସିଲେଇ ପାଇଁ ମାପଚୁପ ଦେବା ସହ ମନପସନ୍ଦର ଥାନ ଦେଇଥିଲି । ଠିକ୍ ଏହାର ପରଦିନ ଅଜଣା କାରଣରୁ ରକ୍ତମୁଖା ହୋଇଉଠିଲା ତ୍ରିଶୂଳ ଆଉ ତଲୱାର । ଦାଉ ଦାଉ ହୋଇ ଜଳିଲା ଦୋକାନ ଘର ଆଉ ସଦ୍‌ଭାବ । ମୁହଁ ଅନ୍ଧାରୀ ସଞ୍ଜରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୋ ଘର ଭିତରକୁ ଜୀବନ ସୁରକ୍ଷା ପାଇ ପଶିଆସିଲା ଯୁବକ ସଲିମ୍ ଟେଲର । ହାତ ଯୋଡ଼ି ଜୀବନ ଭିକ୍ଷା କରୁଥିଲା, ଆତତାୟୀଙ୍କ ହାଣ ମୁହଁରୁ ସୁରକ୍ଷିତ ସ୍ଥାନ ଲୋଡୁଥିଲା ।

ଏହି ସମୟରେ ଭିନ୍ନ ସଂପ୍ରଦାୟର ଲୋକକୁ ସୁରକ୍ଷା ପ୍ରଦାନର ଅର୍ଥ ନିଜ ପରିବାର ପ୍ରତି ବିପଦକୁ ଆମନ୍ତ୍ରଣ କରି ଆଣିବା । ଆ' ବଳଦ ମୋତେ ବିନ୍ଧ । କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥାରେ ମୁଁ ଗ୍ରିଲ୍ ରେ ଚାବି ପକାଇ ଲାଇଟ ଲିଭାଇ ଦେଲି ସିନା ହେଲେ ମନ ଭିତରେ ମାନବିକତାର ଆଲୁଅ ଜଳି ଉଠିଲା । ସଲିମର କ୍ଷତରୁ ତୁଳାରେ ରକ୍ତ ପୋଛିଦେଲି । ଘରେ ଥିବା ଫାଷ୍ଟଏଡ୍ ବକ୍ସରୁ ମଲମ କେମିତି ବାହାର କରି ଲଗାଇଲି । ସଲିମର ଦୁଇ ଆଖିରୁ ଝରୁଥିବା ଅମାନିଆ ଲୁହଧାରକୁ ପୋଛି ଆଶ୍ୱାସନା ଦେଉଥିଲି । ସହରରୁ ଯେତେବେଳେ କର୍ଫ୍ୟୁ ପ୍ରତ୍ୟାହୃତ ହେଲା ସଲିମକୁ ରାତିରେ ନେଇ ଷ୍ଟେସନରେ ଟ୍ରେନ୍‌ରେ ଚଢ଼ାଇ ଦେଇ ଆସିଥିଲି । ଏହି ସ୍ୱଳ୍ପ ମାନବିକ କର୍ତ୍ତବ୍ୟ ଟିକକକୁ କାହା ଆଗରେ ବଖାଣିବାର ସାହସ ଆଜି ପର୍ଯ୍ୟନ୍ତ ମୋ ମନରେ ଆସିନାହିଁ । ସେବେଠାରୁ ସଲିମର ଖୋଜଖବର ମୁଁ ନେଇ ନାହିଁ କିମ୍ବା ସେ ଆମ ସହରକୁ ଫେରିନାହିଁ ।

ହଠାତ୍ କଲିଂଗ ବେଲ୍‌ର ଆର୍ତ୍ତ ଚିତ୍କାରରେ ମୁଁ ରକ୍ତାକ୍ତ ସ୍ମୃତି ଜଗତରୁ ବାସ୍ତବ ଜଗତକୁ ଫେରିଆସିଲି । ଗେଟ ପାଖରେ ଠିଆହୋଇଥିବା ପାର୍ସଲ ବୟ ମୋତେ ଦେଖି ପଚାରି ଉଠିଲା ସସ୍ମିତ ଦାସ ଅଛନ୍ତି କି? ମୁଁ ନିଜେ - ଉତ୍ତର ଦେଲି । - ସାର ଆପଣଙ୍କର ଏକ ପାର୍ଶଲ ଆସିଛି । ମୁଁ ସ୍ୱାକ୍ଷର କରି ପାର୍ସଲଟିକୁ ଆଣି ଡ୍ରଇଁରୁମରେ ଖୋଲି ଦେଖିଲି ଏକ ପଞ୍ଜାବୀ ଏବଂ ଫୁଲ ପ୍ୟାଣ୍ଟ । ଛୋଟ ଏକ କାଗଜରେ ଲେଖାଥିଲା - ଆପଣଙ୍କ ପାଇଁ ଦଶହରା ଭେଟି । ସଲିମ୍ ।

ସାଦରେ ସେହି ପଞ୍ଜାବୀ, ପ୍ୟାଣ୍ଟକୁ ଛାତିରେ ଚାପି ରଖି ସଲିମ୍‌ର ଆଲିଙ୍ଗନକୁ ଅନୁଭବ କଲି । ଅଜାଣତେ ଆଖିରୁ ଝରି ଆସିଲା ମାନବିକ ଦରଦୀପଣର ଅଶ୍ରୁ ।

■■■

ପ୍ରତିଷ୍ଠାତା ସଂପାଦକ,
ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ, ଭୁବନେଶ୍ୱର
ମୋ : ୯୪୩୭୮୬୨୧୯୨୫

# ପାକୁଆ ପାଟିର ହସ

ଛନ୍ଦା ମିଶ୍ର





ଆଗେ, ସାଙ୍ଗ ସାଥି ଓ ପଡୋଶୀ ମାନଙ୍କ ଘର କୁ ନିଶଙ୍କୋଚ ରେ ଆମେ ଯାଇ ପାରୁ ଥିଲେ, ଆସି ପାରୁଥିଲେ। ମୋର ମନେ ଅଛି, ଶୀତ ଦିନ ଛଡା, ଅନ୍ୟ ଦିନେ ମା, ତରକାରୀ ପତ୍ର କମ୍ ରାନ୍ଧେ। ଚେଷ୍ଟା କରେ, ଦିନ ବେଳ ଖାଇବା ଦିନ ବେଳେ ସରୁ ବୋଲି। କିନ୍ତୁ ଭାତ ନିଶ୍ଚୟ ଅଧିକ କରିଥିବ । ବେଳେବେଳେ ବାପା, ବିରକ୍ତ ହୁଅନ୍ତି, "କାଇଁ ଅଧିକ ରାନ୍ଧୁଛ, ତମକୁ ହିଁ ତ ବାସୀ ଖାଇବାକୁ ପଡୁଛି"। ମାଆ ଉତ୍ତର ଦିଏ, "ଆଉ... ହଠାତ୍ କିଏ ଗୋଟେ ଆସି ପହଁଚି ଯିବ ଯଦି..."। ସତ କୁ ସତ, ପ୍ରାୟ ଦିନ କେହି ନା କେହି ଅତିଥି ରୂପେ ଉଭା ହୁଅନ୍ତି। କେବେ କେହି ବନ୍ଧୁ ବାନ୍ଧବ, କେହି ଦୂର ସମ୍ପର୍କୀୟ, ଅବା ବୁଢ଼ା ବ୍ରାହ୍ମଣ, ସନ୍ୟାସୀ କିମ୍ବା ଭିକାରୀ ରୂପ ରେ। ମାତ୍ର, ଘରୁ କେହି ଖାଲି ପେଟ ରେ ଫେରନ୍ତି ନାହିଁ। ତାଙ୍କ ହଂସା ଉଡି ଯାଉ ଥିଲା ବେଳେ, ଆଳୁ, ବାଇଗଣ ଅବା ବଡି ଦୁଇଟା ରେ କଂସାଏ ପଖାଳ ତାଙ୍କୁ କରେ ତୃପ୍ତ। ଅନେକ୍ ସମ୍ପର୍କୀୟ ତ, ପିନ୍ଧା ଲୁଗା ବି ଧରି ଆସି ନ ଥାନ୍ତି। ଆଲଣା ର ତଳ ଥାକ ରେ ଥିବା ଡବା ଭିତରୁ ମାଆ କାଢ଼େ ସଫା ଧୋତି ଗାମୁଛା ବା ସୁତା ଲୁଗା ଖଣ୍ଡେ। ସେତେବେଳେ କୋଉ ଫୋନ ଥିଲା ଯେ...କେବେ କେମିତି ବେଶି ଦୂରରୁ ଆସୁଥିବା ଲୋକେ ଚିଠି ଖଣ୍ଡେ ଦେଉଥିଲେ।

ଆଜିକାଲି କିନ୍ତୁ କାହା ଘରକୁ ଯିବା ଆଗରୁ ଆମେ ଦଶ ଥର ଚିନ୍ତା କରୁଛେ । ଟିଭିରେ ସିରିଏଲ୍ ର ଧାରା ଆରମ୍ଭ ହେଲାପରେ, ତାଙ୍କ ସିରିଏଲ ସମୟରେ ଆପଣ ପହଁଚିଗଲେ, ଲୋକେ ଆପଣଙ୍କ ଆସିବାଟାକୁ କରୁଛନ୍ତି ନାପସନ୍ଦ । କେହି କେହି ତ ଆପଣଙ୍କୁ ବାଧ କରିବେ, "ଏଇ ସିରିଏଲ୍ ଟା ଦେଖିବା ତା'ପରେ କଥା ହେବା ।" ଆଉ ବା କେହି ଆପଣଙ୍କ ଗୋଡରୁ ମୁଣ୍ଡ ଯାଏ ଏମିତି ଚାହିଁବେ ଯେ, ଯାହାର ଅର୍ଥ ହେବ "ତମର କଣ କାଣ୍ଡ ଜ୍ଞାନ ନାହିଁ କିହୋ..."। ପୁଣି କିଛି, ପାଦେ ଆଗକୁ ଯାଇ, ଆପଣ ଅସ୍ତିତ୍ୱ ଅଛି ବୋଲି ଅସ୍ୱୀକାର କରି ନିଜ ଟିଭି ଟି ଆଗରେ ପାଟି ମେଲାକରି ବସି ରହିବେ। ହେଲେ ଯେବେ କରୋନା ନିଜ କାୟା ବିସ୍ତାର କଲା, କାହା ଘର କୁ ଯିବା ତ ଦୂରର କଥା, ବାଟ ରେ ଘାଟ ରେ ଲୋକେ ଦେଖା ହୋଇ ଗଲେ, ନ ଚିହ୍ନିଲା ପରି ବାଟ କାଟି ଚାଲି ଯାଉଥିଲେ। ଆଉ ଯଦି ଆପଣଙ୍କୁ କୌଣସି କାମରେ ତାଙ୍କ ଘରକୁ ଯିବାପାଇଁ ପଡିଲା, ତେବେ ତ କଥା ସରିଲା । ସନ୍ଦିଗ୍ଧ ଆତଙ୍କବାଦୀକୁ ଦେଖିଲା ପରି ସେ, ଆପଣ ଙ୍କୁ ଏମିତି ଚାହିଁବେ ଯେ, ଆପଣ ଠିଆ ଠିଆ କାମ ସାରି ଫେରି ଆସିବାକୁ ତର ସହିବ ନାହିଁ। ତେଣୁ ଆଜିକାଲି କେହି ଆଉ କାହା ଘରେ ଅତିଥି ନୁହଁନ୍ତି । ସମସ୍ତେ ତିଥି, ବାର, ନକ୍ଷତ୍ର ଓ ବେଳ କାଳ ଦେଖି, ଫୋନ ରେ ଆଗରୁ ସୂଚନା ଦେଇ, ଅନୁମତି ନେଇ କାହା ଘର କୁ ଯାଉଛନ୍ତି । ଯିବା ଆଗରୁ, "ଆପଣଙ୍କୁ କିଛି ଅସୁବିଧା ହେବ ନାହିଁ ତ?" ବୋଲି ପଚାରୁ ଛନ୍ତି। ସମ୍ପର୍କରେ ଅନେକ୍ ଔପଚାରିକତା ଆସି ଯାଇଚି। ପୂର୍ବ ର ସେ ଆବିଳତାହୀନ ଆତିଥେୟତା ଆଉ ନାହିଁ। । ଯଦିଓ ଆଜି ବି ହାତଗଣତି ହେଲେ ସୁଦ୍ଧା ଏପରି କିଛି ଲୋକ ଅଛନ୍ତି, ଯିଏ ଅତିଥି ଙ୍କୁ ପାଛୋଟି ନେବା ପାଇଁ ସଦା ଥାଆନ୍ତି ତତ୍ପର ହୋଇ।

ଏଇ କିଛି ଦିନ ତଳେ ଯାଇଥିଲି, ପୁରୁଣା ଚିହ୍ନା ଜଣେ ଅନ୍ତରଙ୍ଗ ପଡୋଶୀଙ୍କ ଘର କୁ । ସାଦରେ ସ୍ୱାଗତ କରିବା ସହ ସେ ନେଇ, ବାଟ ଘରେ ବସାଇ ଦେଲେ। ଝିଅ ଟି ତାଙ୍କର, ଡେଲିଭରି ପାଇଁ ଆସି ଥାଏ ଶାଶୁ ଘରୁ। ଏବେ ଶାଶୁ ଘର ଫେରି ଯିବାର ସମୟ ହେଲାଣି। ତାହାରି କୁନି ଝିଅଟିକୁ ଦେଖିବା ସହ, ଆଶୀର୍ବାଦ ରୂପେ ତା ହାତ ରେ କିଛି ଦେଇ

ଆସିବି, ଏହା ଥିଲା ମୋର ଉଦ୍ଦେଶ୍ୟ । ମୋ ପାଇଁ ଚା' ଜଳଖିଆ ପରଶି ଦେଇ ସେ ମୋ ନିକଟରେ ବସି ପଡିଲେ। ଏଇ ସମୟ ରେ ଝିଅଟି ତାଙ୍କର, ଚାରୋଟି ରୁଟି ଆଣି, ଆମରି ପାଖରେ ବସି, ଗରମ୍ କ୍ଷୀରରେ ପକାଇ ଚକଟିଲା। ଭଲ କରି ଚକଟି ସାରି ଦୁଇଟି ଗିନା ରେ ଅଲଗା ଅଲଗା କରି ବାଣ୍ଟି ଦେଲା । ଗୋଟିଏ ବଢେଇ ଦେଲା ତା ମା ଆଡକୁ। ଓ ନିଜେ ସେ, ତାର କୁନି ଝିଅଟିକୁ ଥଣ୍ଡା କରି ଖୁଆଇଲା। ହଗିଜ ପିନ୍ଧି ଥିବା ଝିଅ ଟି କୁ ହେଇ କାଉ ଆସିଲା, ବାଘ, ହାଉଁ କଲା କହି ଖୁଆଇବାକୁ ହେଉ ଥାଏ । ଝିଅ ଟି ତା ପାକୁଆ ପାଟିରେ ହସି ହସି ଖାଉଥାଏ ଆମ ସହିତ ଖେଳି ଖେଳି। ସେ ଖାଇ ସାରିଲା ପରେ ଆଈ ତାର ଆର ଗିନା ଟି ଧରି ଉଠିଲେ। ଆଉ ମତେ ସାଙ୍ଗ ରେ ନେଇ ଗଲେ ପାଖ ଘର କୁ । ଖଟ ଉପରେ ଅସ୍ତବ୍ୟସ୍ତ ଲୁଗା ବୁଜୁଳା ପରି ପଡିଥିଲେ ଶାଶୁ ତାଙ୍କର। ଦେହରେ ତାଙ୍କର ଲୁଗା ନଥିଲା, କେବଳ ଯାହା ଅଣ୍ଟା ରେ ଥିଲା ହଗିଜ ଟିଏ। ସମାନ୍ ଢଙ୍ଗରେ ତାଙ୍କୁ ବି ୟାତୁ ସ୍ୟାତୁ କହି ଚାମଚ ରେ ରୁଟି କ୍ଷୀର ଚକଟା ଖୁଆଇ ବାକୁ ହେଲା।

ଜୀବନ ର ବାସ୍ତବତା ଥିଲା ମୋ ସମ୍ମୁଖରେ। ଶୁଣି ଥିଲି, ବାଳ ବୃଦ୍ଧ ସମାନ୍। ଆଜି ପ୍ରତ୍ୟକ୍ଷ କରୁଥିଲି। ଉଭୟଙ୍କ ହାତଗୋଡ଼ ବୋଲ ମାନୁନି। ଝାଡ଼ା ପରିସ୍ରା ଉପରେ ନାହିଁ ନିୟନ୍ତ୍ରଣ। ନା କହି ପାରୁଛନ୍ତି, ନା ବୁଝି ପାରୁଛନ୍ତି, ନା ଚାଲି ପାରୁଛନ୍ତି। ପାଟି ରେ ଗୋଟିଏ ହେଲେ ଦାନ୍ତ ନାହିଁ। କିନ୍ତୁ ଉଭୟଙ୍କ ପାକୁଆ ପାଟିର ହସ ବେଶ୍ ଚମତ୍କାର। ଜଣେ ଜୀବନକୁ ସ୍ବାଗତ କଲା ବେଳେ ଆର ଜଣକ ବିଦାୟ ମାଗୁଛନ୍ତି। ଉଭୟ ଏବେ ଅତିଥି, ଜଣେ ମର୍ତ୍ତ୍ୟଲୋକ ର ଜଣେ ମୃତ୍ୟୁ ଲୋକ ର । କୁନି ଝିଅଟିର ମାଆ କହୁଥିଲା, ଡାକ୍ତର କହିଥିବାର ସମୟର ସପ୍ତାହେ ପୂର୍ବରୁ ଝିଅ ଜନ୍ମ ହୋଇ ଗଲା । ଆଉ ବୁଢୀଙ୍କ କଥା ଯଦି କହିବି, ଡାକ୍ତରଙ୍କ ହିସାବରେ ସେ ତ' ସାତବର୍ଷ ତଳୁ ମରି ସାରନ୍ତେଣି। ବୋଧହୁଏ ଏଇଥି ପାଇଁ କୁହାଯାଏ, ଜନମ, ମରଣ, ବରଷା, କହି ନ ପାରଇ ପୁରୁଷା । କିଏ କେତେବେଳେ ଆସିବ ଓ କେତେବେଳେ ଯିବ କେହି ଜାଣିନେ । ପାକୁଆ ପାଟିରେ ଆସିବ ଓ ପାକୁଆ ପାଟିରେ ଯିବ। ଜୀବନ ଚକ୍ର ଘୁରି ଚାଲିଥିବ। ଯେଉଁଠୁ ଆରମ୍ଭ, ସେଇଠି ବି ଶେଷ, ଆଉ ଥରେ ଆରମ୍ଭ ହେବାପାଇଁ । ଦୁଇଟି ପାକୁଆ ପାଟିର ନିଷ୍କପଟତା ମଝିରେ , ଜୀବନ ଦୁଇ ଧାଡ଼ି ଦାନ୍ତଙ୍କୁ ଧରି, ଅତିଥି ଭଳି ଆସି ଅତିଥି ଭଳି ଚାଲିଯିବ। ତା' ଭାଗ୍ୟର ଅଭ୍ୟର୍ଥନା, ତା' ପାଇଁ ରଖି ଥିବ ତା'ର ଭାଗ୍ୟ ବିଧାତା, କିଛି ସୁଖ କିଛି ଦୁଃଖ, କିଛି ଖଟା କିଛି ମିଠା। ଅତିଥି ଗୃହ ରେ ସବୁ ଅତିଥି ଙ୍କୁ ସମାନ୍ ଢଙ୍ଗରେ ସ୍ବାଗତ କରାଯିବ ବୋଲି କିଛି ମାନେ ନାହିଁ। ଭେକ ଦେଖି ଭିକ ମିଳିବ। ସେତିକି ରେ ପେଟ ପୂରାଇ ବାକୁ ପଡିବ, ହେବା କୁ ପଡ଼ିବ ସନ୍ତୁଷ୍ଟ, ଅନ୍ୟଥା ଅସନ୍ତୋଷର ନିଆଁ ରେ ଜୀବନ ଜଳିପୋଡି ହେବ ପାଉଁଶ। ତେବେ ପାକୁଆ ପାଟିରେ ହସି ହସି ଆସି ପାକୁଆ ପାଟିରେ ହସି ହସି ଯିବାକୁ ଯିଏ ହେବ ସମର୍ଥ, ତା'ର ହିଁ ଜୀବନ ସାର୍ଥକ।

**କଳିଙ୍ଗ ନଗର, ଭୁବନେଶ୍ୱର**
**ମୋ-୯୪୩୭୪ ୫୩୬୧୦**


■■■



# କବି ଅଶୋକ ମହାନ୍ତିଙ୍କର ଅଭିନବ "ମାମୁଘର ଗାଁ"

**ଅନ୍ୱଦା ମିଶ୍ର**





ଓଡ଼ିଆ ଭାଷା ସାହିତ୍ୟରେ ବହୁ କବି ଓ ସାହିତ୍ୟିକ ନିଜ ନିଜ ଗାଁର ମହନୀୟତା ସଂପର୍କରେ ଏବଂ ପ୍ରିୟତମାର ଗାଁ ସଂପର୍କରେ ବେଶ ମଧୁର ଉଚ୍ଚାରଣ କରିଛନ୍ତି । ସାରଳା ମହାଭାରତ ଠାରୁ ଆରମ୍ଭ କରି ବ୍ୟାସକବି ଫକୀରମୋହନ, ବିନୋଦ ନାୟକ, ମନୋଜ ଦାସଙ୍କ ମଧ୍ୟ ଦେଇ ସୁନୀଲ ପୃଷ୍ଟିଙ୍କ ପର୍ଯ୍ୟନ୍ତ ଶତାଧିକ କବି ନିଜ ନିଜ ଗାଁର ସ୍ମୃତି କୋଣାର୍କ ନିର୍ମାଣ କରିଛନ୍ତି । ବୋଧହୁଏ କବି ଅଶୋକ ମହାନ୍ତି ନିଜ ଗାଁକୁ ପଛରେ ପକାଇ "ମାମୁଘର ଗାଁ'' (କେନ୍ଦୁଝର ଜିଲ୍ଲାର ବାନ୍ଧଗୋଡା) ଗାଁର ଔଜ୍ଜଲ୍ୟକୁ ପ୍ରିୟପାଠକଙ୍କ ନିକଟରେ ଟୋଳି ଧରିଛନ୍ତି ।

ମଣିଷ ଏକ ସାମାଜିକ ପ୍ରାଣୀ, ତେଣୁ ମଣିଷ ଗୋଷ୍ଠୀବଦ୍ଧ ଜୀବନଯାପନ କରେ । ପରସ୍ପର ସାହାଚର୍ଯ୍ୟରେ ଗୋଷ୍ଠୀବଦ୍ଧ ଜୀବନଯାପନ କରିବା ମାଧ୍ୟମରେ ମଣିଷ ଗଢିତୋଳି ଥିଲା ଗ୍ରାମ୍ୟ ଜୀବନ । ଗ୍ରାମ୍ୟର ପ୍ରାକୃତିକ ପରିବେଶ, ଖାଦ୍ୟର ପୁନଃ ଉତ୍ପାଦନର ପ୍ରକ୍ରିୟା, ମାନବିକ ଗୁଣର ଆଦାନ-ପ୍ରଦାନ ଇତ୍ୟାଦି ହୋଇ ଆସିଛି ମାନବ ଜୀବନଯାପନର ଶିରା-ପ୍ରଶିରାର ରକ୍ତକଣିକା ।

କବି ଅଶୋକ ମହାନ୍ତିଙ୍କ "ମାମୁଘର ଗାଁ'' ପାଠ କଲା ପରେ ମନ ଭିତରେ ସ୍ୱାଭାବିକ ପ୍ରଶ୍ନ ଆସିଥାଏ । ଗୋପ ପୁରରେ ଜନ୍ମ ନେଇଥିବା କୃଷ୍ଣ ମଥୁରା ପ୍ରତି କାହିଁକି ଆକର୍ଷିତ ହେଲେ ? ମଥୁରା ପ୍ରତି କୃଷ୍ଣ ଆକର୍ଷିତ ହେବାର ଅନ୍ୟତମ କାରଣ ଥିଲା ଅନ୍ୟାୟ ଉପରେ ପର୍ଯ୍ୟବେଶିତ ଶାସନ ବ୍ୟବସ୍ଥାକୁ ଉତ୍‌ଖାତ୍ କରି ଏକ ନ୍ୟାୟ ପ୍ରଦାନକାରୀ ଶାସନବ୍ୟବସ୍ଥାର ପ୍ରତିଷ୍ଠା କରିବା । କିନ୍ତୁ କବି ଅଶୋକ ମହାନ୍ତିଙ୍କ କ୍ଷେତ୍ରରେ ଏହା ଆଦୌ ପ୍ରଯୁଜ୍ୟ ନୁହେଁ । ଶୈଶବ ଅବସ୍ଥାରେ ନିଜ ମା'ଙ୍କ ଦେହାବସାନ ପରେ ମାମୁଘର ହିଁ ତାଙ୍କର ଭବିଷ୍ୟତ ଗଠନର କେନ୍ଦ୍ରସ୍ଥଳ ପାଲଟି ଥିଲା । ମାମୁଘର ଗାଁର ପାରିପାର୍ଶ୍ୱିକ ଅବସ୍ଥା ମନମୁଗ୍ଧକର ସ୍ଥିତି କିନ୍ତୁ ତାଙ୍କ କବି ପ୍ରାଣକୁ ଯଥେଷ୍ଟ ଆକର୍ଷିତ କରିଛି । ସୁଦୂର ଆମେରିକାରେ ରହିଥିବାବେଳେ ତାଙ୍କ ସ୍ମୃତିପଟରେ ଝଲସି ଉଠିଛି ବହୁ ମଧୁର, ବିଧୂର ସ୍ମୃତି । ତାଙ୍କ କବି ମନରେ ମାମୁଘର ଗାଁ, ଅଜା, ଆଈ, ମାମୁ, ମାଇଁ, ଶିକ୍ଷକ ଏବଂ ସାଙ୍ଗସାଥି କାହାକୁ ଭୁଲିପାରିନାହାଁନ୍ତି । ତାଙ୍କ ସମ୍ବେଦନଶୀଳ ମନର କାନ୍‌ଭାସରେ ମାମୁଘର ଗାଁର ଚିତ୍ରପଟ୍ଟ ଫୁଟି ଉଠିଛି ଜୀବନ ଭାବରେ । ବୃତ୍ତିଗତ ଜୀବନ ଆରମ୍ଭ ହେବା ଯୋଗୁ ଗାଁର ସରଳ ତଥା ପରିପୂର୍ଣ୍ଣ ଜୀବନଠାରୁ ନିଜକୁ ଦୂରେଇ ନେବା ଅପରାଧ ବୋଲି କବି ନିଷ୍କପଟ ଭାବରେ ଚିତ୍ରଣ କରିଛନ୍ତି ।

ପଲ୍ଲୀକବି କୃଷ୍ଣପ୍ରସାଦ ବେହେରା ନିଜ ମାମୁଘର ଗାଁ ସଂପର୍କରେ ଲେଖିଥିଲେ-

"ଏଇ ପାଟ ଆରପାରି ବଣ ବୁଦା ହେଲେ ପାରି
ନଈରେ ପଡିଛି ଟିକି ନାଆରେ
ତହିଁ ମୋର ମାମୁଘର ଗାଁରେ ।''

କବି ଅଶୋକ ମହାନ୍ତିଙ୍କ ମାମୁଘର ଗାଁ କବିତା ପୁସ୍ତକରେ ସ୍ଥାନିତ କବିତାଗୁଡିକ ଉପରେ ନଜର ପକାଇଲେ ସେଠି ଉହ୍ୟରହିଥାଏ ପ୍ରିୟତମାର ଗାଁ । ତେଣୁ କବି କହିଛନ୍ତି -

"କପୋତୀ ବାହୁନା ଭିତରେ
ମାମୁଘର ଗାଁ ଛାଡି
ଆଉ ଏକ ଅପନ୍ତରା ସହରକୁ
ପାଦବଢେଇବାର
ଯନ୍ତ୍ରଣାର ନାଁ ମାମୁଘର ।

ପାକଳ ବୟସରେ
ପଛରେ ଛାଡି ଆସିଥିବା
ଶାଗୁଆ ସ୍ମୃତି ସବୁକୁ
ସ୍ୱପ୍ନରେ ଆବୋରି
ଅଧୀର ହେଉଥିବା
ଶୂନ୍ୟତାର ନାମ ମାମୁଘର ।''

ମା'ର ବାତ୍ସଲ୍ୟ ସ୍ନେହରୁ ବଂ୍ଚିତ କବି ଅଶୋକ ମହାନ୍ତି ମାତୃହରା ଅସହାୟ ସମୟକୁ ନେଇ ଲୁହଭିଜା ଶବ୍ଦରେ "ବୋଉ'' କବିତାରେ ଲେଖିଛନ୍ତି-

"ତୋ ଲକ୍ଷ୍ମୀପାଦର ଏତେ ମହିମା ଯେ
ଘରବାଡି ଶୋଇବାଘର ରୋଷଘର / ଲାଗେ ପୂରିଲା ପୂରିଲା
ତୋ ଗୋବରଲିପା ଅଗଣାରେ / ଲୋଟୁଥାଏ ମୋ କୋମଳ ଶୈଶବ ।''

ବ୍ୟାସକବି ଫକୀରମୋହନ ସେନାପତି ତାଙ୍କ ନିଜ ଗାଁ "ମଲ୍ଲୀକାଶପୁର" ସଂପର୍କରେ ସେ ଲେଖିଛନ୍ତି-

"ସତ କଥା ନାହିଁ ତହିଁ ବିଶେଷ ସଂପତ୍ତି
ମାତ୍ର ଅଛି ତହିଁ ଚିତ୍ତ ବିମୋହିନୀ ଶକ୍ତି ।''

ଅନୁରୂପ ଭାବେ କବି ଅଶୋକ କହନ୍ତି-

"ଏଇ ଗାଁରେ ସମୁଦ୍ରଟେ ନଥାଏ ସିନା
ଏଠି ଥାଏ ଗେହ୍ଲେଇ ପୋଖରୀ ପରି ଭାବ ସମୁଦ୍ର ।''

ପ୍ରକୃତରେ ନିଜ ଗାଁ ହେଉ ବା ମାମୁଘର ଗାଁରେ ରହିଛି "ଚିତ୍ତ ବିମୋହିନୀ ଶକ୍ତି'' ଏବଂ "ଗଭୀର ଭାବର ସମୁଦ୍ର'' । କବି ଅଶୋକ ଏହି ଭାବ ସମୁଦ୍ରକୁ ମନ୍ଥନକରି ପାଇଛନ୍ତି ।

ଗିର ଅଜା, ରାଜା ମାମୁ, କୁମୁନି ମାମୁ, ଗୁଣ୍ଡୁଚି ଭାଇ, ଆଇ, ଅଜା, ବାପା ବୋଉ, ସଦାଶିବ ସାର୍ ଇତ୍ୟାଦି ମହନୀୟ ଚରିତ୍ରଗୁଡିକୁ । ଇନ୍ଦ୍ରଧନୁର ସାତରଙ୍ଗ ଭଳି ପ୍ରତ୍ୟେକ ଚରିତ୍ରର ରଙ୍ଗକୁ ସୁନ୍ଦର ଭାବରେ କବିତା କାନ୍‌ଭାସ୍‌ରେ ଉପସ୍ଥାପନ କରିପାରିଛନ୍ତି ।

ପାଠକଙ୍କ ମନରେ ସ୍ୱାଭାବିକ ପ୍ରଶ୍ନ ଜାଗ୍ରତ ହୋଇଥାଏ । ଯଦି ଗାଁରେ ବିମୋହିନୀ ଶକ୍ତି ରହିଛି ଏବଂ ଭାବର ଗଭୀର ସମୁଦ୍ରର ରହିଛି ତାହା ହେଲେ ଏଇ ବିମୋହିନୀ ଶକ୍ତିର ରଜ୍ଜୁକୁ ସଂପ୍ରତି କାହିଁକି ଛିନ୍ନ କରିବାକୁ ପଡୁଛି ? ଏହାର ମୁଖ୍ୟ କାରଣ ଜମିକୁ ଆଧାର କରି ଯେଉଁ ଶ୍ରମ ବିନିଯୋଗ ହେଉଥିଲା । ଲୋକସଂଖ୍ୟା ବୃଦ୍ଧି ଯୋଗୁ ଗ୍ରାମା*ଳରେ ଶ୍ରମଶକ୍ତି ଉଦ୍‌ବୃତ୍ତ ହେଉଛି । ଏଇ ଉଦ୍‌ବୃତ୍ତ ଶ୍ରମଶକ୍ତି ପ୍ରଯୁକ୍ତି ବିଦ୍ୟା ନାମରେ ସହରା*ଳରେ ବିନିଯୋଗ ହେଉଛି । ସହରା*ଳ ଗ୍ରାମା*ଳଠାରୁ ଆର୍ଥିକ ଦୃଷ୍ଟିକୋଣରୁ ଧନାଢ୍ୟ ହେଲେ ବି ସହର ହେଉଛି ହୃଦୟହୀନ ହୃଦୟର ଏକ କାଗଜ ଫୁଲର ବଗିଚା । ତେଣୁ କବି ଅଶୋକଙ୍କ ଭାଷାରେ-

"ଏବେ ମୁଁ ଆଉ ତମର ସେ ସହରରେ ନାହିଁ
ଏବେ ମୁଁ ଏକ ଅଭିଶପ୍ତ ସହରରେ କାଟୁଛି
ନିର୍ବାସିତ ଜୀବନ
ମୁଖାପିନ୍ଧା, ମାୟା ରାବଣ ସାଜି ପାରିଲି ନାହିଁ ବୋଲି
ଏଠି ମୁଁ ବୁଢୀ ଅସୁରୁଣୀ ଗୁମ୍ଫାରେ ବନ୍ଦୀ ।"
(କବିତା-ଶିମିଳିପାଳ)

କବିତା ପୁସ୍ତକରେ ମୋଟ ପଚାଶଟି କବିତା ସନ୍ନିବେଶିତ ହୋଇଥିଲେ ବି "ମାମୁଘର ଗାଁ'' ବାବଦରେ ସାତଟି

କବିତା ରହିଛି । ଏହି ସାତଟି କବିତାକୁ ପର୍ଯ୍ୟବେକ୍ଷଣ କଲେ ଦେଖିବାକୁ ମିଳେ "ମାମୁଘର ଗାଁ'' କବିଙ୍କ ପାଇଁ କାହିଁକି ଆକର୍ଷଣର କେନ୍ଦ୍ରବିନ୍ଦୁ ? ଏଥିରୁ ଗୋଟିଏ ଦୁଇଟି ପଂକ୍ତିକୁ ଉଦାହରଣ ହିସାବରେ ଉଦ୍ଧାର କରାଯାଇପାରିବ । ଯଥା କବିଙ୍କ ଭାଷାରେ-

"ରଣଫୁଲିଆ ଜନ୍ମରାତିରେ
ବାଉଳା ପବନର
ଚଗଲାମିର ନାଁ ମାମୁଘର ।

ପହଁରା ନ ଜାଣି ମରା ଗାଡିଆର
ଦୀପଦଣ୍ଡି ଛୁଇଁବାର
ସ୍ୱପ୍ନର ନାଁ ମାମୁଘର ।''

କବି ଅକପଟ ସତ୍ୟକୁ ତୋଳି ଧରିବାରେ ତିଳେ ବି ଦ୍ୱିଧା ପ୍ରକାଶ କରିନାହାନ୍ତି । ଏହି ବୈଶିଷ୍ଟ୍ୟ ହିଁ "ମାମୁଘର ଗାଁ'' କବିତାଗୁଡିକର ମାଧୁର୍ଯ୍ୟକୁ ତୋଳି ଧରିଥାଏ । ଯେମିତି "ପିଲାଦିନ'' କବିତାରେ ସେ ଲେଖିଛନ୍ତି-

"ଚଗଲା ସାଙ୍ଗଙ୍କ ସହ ପାହାଡ ଆଡକୁ ମୁହଁ କରି
କାହାର ପରିସ୍ରା କେତେଦୂର ପଡୁଛି
ସ୍କେଲପଟାରେ ମାପିବାର ନିର୍ଲଜ ପ୍ରତିଯୋଗିତା
ସାରଙ୍କ ହାତରେ ଧରାପଡି
କୁର୍ଛିତ୍ର ବେତମାଡ଼ ସହିଯିବାର ସାହାସିକତା ।''

ବିସ୍ଥାପିତ ଆଦିବାସୀମାନଙ୍କ ପାଇଁ କବିଙ୍କ ଦରଦୀହୃଦୟ ଲହୁଲୁହାଣ ହୋଇଛି । କବି କହିଛନ୍ତି-

"ମୋ ବଡାମ୍ ମୋ ମରାଂବୁରୁ
ମୋତେ ସପନରେ କହିଥିଲେ
ଏ ଜଙ୍ଗଲ ତୋର, ଝୋଲା ତୋର, ସଲପ୍ ଗଛ ତୋର
ମହୁଫେରା ତୋର
ଶାଳଗଛରୁ ବୋହି ପଡୁଥିବା
ଏ ଝୁଣା ଅଠା ତୋର ।''
(ବିସ୍ଥାପିତର ଲୁହ)

ଗାଁର କାହାଣୀ ହେଉଛି ବୁଢୀ ଅସୁରୁଣୀର ଅସରନ୍ତି କାହାଣୀ ପରି । ଯେଉଁ କାହାଣୀର ଭୁରୁଭୁରୁ ବାସ୍ନାରେ କବିମନ ବିମୁଗ୍ଧ । ନିଛକ ଭଲ ପାଇବା ପେଣ୍ଟ, ସ୍ନେହ ଓ ପ୍ରେମର ଏଠାକାର ଦିନରାତି । କବି ସଚ୍ଚି ରାଉତଙ୍କ "ଛୋଟ ମୋର ଗାଁଟି'' । ବିନୋଦ ନାୟକଙ୍କ "ଗ୍ରାମ ପଥ" ଏବଂ କବି ଓ ସମାଲୋଚକ ଅଶୋକ ମହାନ୍ତିଙ୍କ "ମାମୁଘର ଗାଁ'' ଓଡ଼ିଆ କାବ୍ୟ ମୋଦଙ୍କ ନିକଟରେ ଚିର ଭାସ୍ୱର ହୋଇ ରହିବ । ପରିଶେଷରେ କବି ବିନୋଦ ନାୟକଙ୍କ କବିତା- "ଗ୍ରାମ ପଥ" କବିତାରେ ପଂକ୍ତିଟିଏ ଉଦ୍ଧାର କରି ଆଲୋଚନାର ଉପସଂହାର ଅଙ୍କାଯାଇ ପାରିବ ।

"ଦୂର ତାଳବଣ ଆକାଶେ ଶୁଣାଏ ମାଟିର କବିତା କି ସେ
ଏ ଗ୍ରାମର ପଥ ତହିଁ ଦିଗନ୍ତେ ମିଶେ
କ୍ଷେତ ପରେ କ୍ଷେତ
କାଶଫୁଲ ଆଉ ବେଣାରେ ଜଟିଳା ପାଟ
ପାଟପରେ ବଣ
ବଣ ପାରି ହେଲେ ମାମୁ ଘର ଗାଁ ଦିଶେ ।''

ଭୁବନେଶ୍ୱର
ମୋ-୯୩୩୮୦୫୭୦୧୫

■■■

# କବି ହୃଷିକେଶ ମଲ୍ଲିକଙ୍କ କବିତା ସଂକଳନ "ସରିଯାଇଥିବା ଅପେରା"



**ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ**

"କବି ଭାଷା ସାଧେ ନାହିଁ, ଭାଷା ହିଁ ସାଧେ କବିକୁ । ହୁକୁମ୍ ଆସେ ଆଉ କୋଉଠୁ , ଲେଖନୀରେ କେବଳ ତାକୁ ତୋଳିଧରେ କବି । ଯେଉଁ କବିତା ଲେଖା ହୁଏ, ବେଶୀ କ୍ଷଣ ସେଠି ରହି ହୁଏନା । ପୁଣି ଯେଉଁ କବିତା ଲେଖା ସରେ, ସେଠାକୁ ବି ଆଉ କ୍ୱଚିତ୍ ଫେରି ହୁଏ । କବି ମାତ୍ର ଜଣେ । କଲମକାର ଆଉ କିଏ କିଏ । ଅସ୍ଥିର କାଳ ଅନୁକ୍ଷଣମୂର୍ତ୍ତ କବିତାକୁ ଜଗିରହେ " ବୋଲି ମନ୍ତବ୍ୟ ରଖୁଥିବା ଯଶସ୍ୱୀ କବି ହୃଷୀକେଶ ମଲ୍ଲିକ ସାଂପ୍ରତିକ ଓଡିଆ ସାହିତ୍ୟର ଜଣେ ସୁଦକ୍ଷ ବିନ୍ଧାଣୀ ।

ଶ୍ରୀ ମଲ୍ଲିକ ଓଡିଆ ଭାଷାରେ ଲେଖୁଥିବା ସେଇ ଭାରତୀୟ କବି, ଯାହାଙ୍କ କବିତାରେ ବିଭୁପ୍ରୀତି, ସାଂପ୍ରତିକ ମଣିଷଜୀବନର ବହୁ ଭାବବିଭାବ ଏବଂ ଭାରତବର୍ଷର ଅଂଗ ଓ ଆତ୍ମାର ବାଙ୍ଗମୟ ପରିପ୍ରକାଶ ଘଟିଥାଏ । ସେ ଏପରି ଜଣେ ସ୍ରଷ୍ଟା, ଯିଏ ଚାଲିଗଲା ଲୋକ ମୁହଁରୁ ଛଡେଇ ଆଣନ୍ତି ଭାଷା, ଆଉ ନିମିଷକେ ପର ଲଗେଇ ଉଡେଇ ଦିଅନ୍ତି ଦିଗବିଦିଗ।

କବିତା କେତେ ଅଧିକ ନିଃଷ୍କପଟ ଭାବେ କବି ଚିତ୍ତର ନିବିଡ ଆତ୍ମୀୟତାକୁ ପ୍ରକଟନ କରିପାରେ ତାର ଏକାନ୍ତ ସଫଳ ନିଦର୍ଶନ ହେଉଛି କବି ମଲ୍ଲିକଙ୍କ "ସରିଯାଇଥିବା ଅପେରା" କବିତା ସଂକଳନର ପ୍ରତ୍ୟେକ କବିତା । ଆତ୍ମାର ବିଶ୍ଳେଷଣ କବିତା ଗୁଡିକୁ କରିଛି ଅଧିକରୁ ଅଧିକ ଭାବପ୍ରବୋଧକ । ମାନବ ଜୀବନର ଏବଂ ଚରାଚରର ପ୍ରତ୍ୟେକ ଅନୁଭୂତି ଏ ସଂକଳନରେ ପ୍ରତୀକିତ ହୋଇଥିବାର ଉପଲବ୍ଧି କରିଥାଏ ମୋ ଭଳି ଜଣେ ବିଦଗ୍ଧ ପାଠକଟିଏ। ସେଇଥିପାଇଁ ତ ଏ ସଂକଳନର ପ୍ରକାଶକ କହନ୍ତି -"ଗାଁ ରୁ ସହର, ପଲାରୁ ପ୍ରାସାଦ, ଅଗଣାରୁ ଅନ୍ତରୀକ୍ଷ - ସମଶ୍ରଦ୍ଧାରେ ବ୍ୟାପ୍ତ ତାଙ୍କର ସୃଜନ-ବିଶ୍ୱ" ।

କବି ମଲ୍ଲିକଙ୍କ କବିତାରେ ପ୍ରସଙ୍ଗ ସବୁ ସ୍ୱତଃପ୍ରବୃତ୍ତ ଭାବରେ ଅବତରି ଆସନ୍ତି ଏବଂ ଶୈଳୀ ତାକୁ ଅନୁଗମନ କରନ୍ତି । ସମାଲୋଚକ ପ୍ରଫେସର ଆଦିକନ୍ଦ ସାହୁ ଙ୍କ ମତରେ -" ଆପଣା ଅଭ୍ୟନ୍ତରର କରୁଣା , ଶୂନ୍ୟତା , ସ୍ମୃତି, ସଂପ୍ରୀତି, ମାୟାମମତା , ବିଗଳନ , ପ୍ରତିଟି ଅନୁଭବ ପ୍ରତି ସତ୍ୟଶୀଳତା କବିତ୍ୱର ମଞ୍ଜ ଅଂଶ । ସେଥିପ୍ରତି କବି ଅନ୍ତରର ସତ୍ୟଶୀଳତା ନଥିଲେ କବିତା କେମିତି ଗୋଟେ ଶୂନ୍ୟ ପରବତ ପରି ଏବଷ୍ଟ୍ରାକ୍ଟ ଓ ଇନ୍ଦ୍ରିୟ ନିରପେକ୍ଷ ହୋଇଥାଆନ୍ତା ।" (ପ୍ରଫେସର ଆଦିକନ୍ଦ ସାହୁ, " ମୋ ମନ ପସନ୍ଦର କବି ଓ ଅନ୍ୟାନ୍ୟ ନିବନ୍ଧ, ପୃଷ୍ଠା-179) । ଠିକ୍ ସେହିପରି କବି ହୃଷୀକେଶ ମାନବୀୟ ସଂବେଗକୁ ତାଙ୍କ କବିତାରେ ପ୍ରଥମ ସ୍ଥାନ ଦେଇଛନ୍ତି । ବୋଧହୁଏ କବି ପାଶ୍ଚାତ୍ୟ ଦାର୍ଶନିକଙ୍କ ସେଇ ମହାନ୍ କଥାଟିକୁ ଗ୍ରହଣ କରି ନେଇଛନ୍ତି ଯେ -
" Whereever pain is; there I am. With a single drop of tears is shed, I myself am, crucified ."

ଆଲୋଚ୍ୟ ସଂକଳନରେ ମୋଟ ପଇଁଚାଳିଶଟି କବିତା ରହିଛି । ଏ ସମସ୍ତ କବିତାର ଭାବ ଭାଷା ଖୁବ୍ ଭାବପୂର୍ଣ୍ଣ । ସଫା ଆକାଶରେ ସାଦା ଜହ୍ନ ପରି ସରଳ, ନିରଭିମାନ ଅଥଚ ଗଭୀର ତେଜୋଦୀପ୍ତ ତାଙ୍କ କବିତାର ଚେହେରା ଓ ଚାହାଣି । ଥରେ ମନ ଦେଲେ ତାଙ୍କ କବିତାରେ ଫେରି ଫେରି ପଢିବା ଓ ପଢୁ ପଢୁ ଫେରାର୍ ହେଇଯିବା ଛଡା ଗତ୍ୟନ୍ତର ନଥାଏ ପାଠକର ବୋଲି ଏ ସଂକଳନର ପ୍ରକାଶକ କହିଥାନ୍ତି । ଏଥିରୁ ଅନୁଭବି ହୁଏ ଯେ କବିଙ୍କ ଜୀବନ ପ୍ରତି ନିରୁତା ସଂବେଦନା କେତେ ମାତ୍ରାରେ ରହିଛି ।

ସଂକଳନସ୍ଥ ପ୍ରଥମ କବିତା
'କାଠ ଚଉକି ' , ଯାହାକି ଜଣେ କବି ଓ ତାଙ୍କ ଚଉକିକୁ ନେଇ ଲିଖିତ । କବି ଜୀବନର ବ୍ୟଥା , ବେଦନା ଓ

"କବି ଭାଷା ସାଧେ ନାହିଁ, ଭାଷା ହିଁ ସାଧେ କବିକୁ । ହୁକୁମ୍ ଆସେ ଆଉ କୋଉଠୁ , ଲେଖନୀରେ କେବଳ ତାକୁ ତୋଳିଧରେ କବି । ଯେଉଁ କବିତା ଲେଖା ହୁଏ, ବେଶୀ କ୍ଷଣ ସେଠି ରହି ହୁଏନା । ପୁଣି ଯେଉଁ କବିତା ଲେଖା ସରେ, ସେଠାକୁ ବି ଆଉ କ୍ୱଚିତ୍ ଫେରି ହୁଏ । କବି ମାତ୍ର ଜଣେ । କଲମକାର ଆଉ କିଏ କିଏ । ଅସ୍ଥିର କାଳ ଅନୁକ୍ଷଣମୂର୍ତ୍ତ କବିତାକୁ ଜଗିରହେ " ବୋଲି ମନ୍ତବ୍ୟ ରଖୁଥିବା ଯଶସ୍ୱୀ କବି ହୃଷୀକେଶ ମଲ୍ଲିକ ସାଂପ୍ରତିକ ଓଡିଆ ସାହିତ୍ୟର ଜଣେ ସୁଦକ୍ଷ ବିନ୍ଧାଣୀ ।

ଶ୍ରୀ ମଲ୍ଲିକ ଓଡିଆ ଭାଷାରେ ଲେଖୁଥିବା ସେଇ ଭାରତୀୟ କବି, ଯାହାଙ୍କ କବିତାରେ ବିଭୁପ୍ରୀତି, ସାଂପ୍ରତିକ ମଣିଷଜୀବନର ବହୁ ଭାବବିଭାବ ଏବଂ ଭାରତବର୍ଷର ଅଂଗ ଓ ଆତ୍ମାର ବାଙ୍ମୟ ପରିପ୍ରକାଶ ଘଟିଥାଏ । ସେ ଏପରି ଜଣେ ସ୍ରଷ୍ଟା, ଯିଏ ଚାଲିଗଲା ଲୋକ ମୁହଁରୁ ଛଡେଇ ଆଣନ୍ତି ଭାଷା, ଆଉ ନିମିଷକେ ପର ଲଗେଇ ଉଡେଇ ଦିଅନ୍ତି ଦିଗବିଦିଗ।

କବିତା କେତେ ଅଧିକ ନିଃଷ୍କପଟ ଭାବେ କବି ଚିତ୍ତର ନିବିଡ ଆତ୍ମୀୟତାକୁ ପ୍ରକଟନ କରିପାରେ ତାର ଏକାନ୍ତ ସଫଳ ନିଦର୍ଶନ ହେଉଛି କବି ମଲ୍ଲିକଙ୍କ "ସରିଯାଇଥିବା ଅପେରା" କବିତା ସଂକଳନର ପ୍ରତ୍ୟେକ କବିତା । ଆତ୍ମାର ବିଶ୍ଳେଷଣ କବିତା ଗୁଡିକୁ କରିଛି ଅଧିକରୁ ଅଧିକ ଭାବପ୍ରବୋଧକ । ମାନବ ଜୀବନର ଏବଂ ଚରାଚରର ପ୍ରତ୍ୟେକ ଅନୁଭୂତି ଏ ସଂକଳନରେ ପ୍ରତୀକିତ ହୋଇଥିବାର ଉପଲବ୍ଧି କରିଥାଏ ମୋ ଭଳି ଜଣେ ବିଦଗ୍ଧ ପାଠକଟିଏ। ସେଇଥିପାଇଁ ତ ଏ ସଂକଳନର ପ୍ରକାଶକ କହନ୍ତି -"ଗାଁ ରୁ ସହର, ପଲାରୁ ପ୍ରାସାଦ, ଅଗଣାରୁ ଅନ୍ତରୀକ୍ଷ - ସମଶ୍ରଦ୍ଧାରେ ବ୍ୟାପ୍ତ ତାଙ୍କର ସୃଜନ-ବିଶ୍ୱ" ।

କବି ମଲ୍ଲିକଙ୍କ କବିତାରେ ପ୍ରସଙ୍ଗ ସବୁ ସ୍ୱତଃପ୍ରବୃତ୍ତ ଭାବରେ ଅବତରି ଆସନ୍ତି ଏବଂ ଶୈଳୀ ତାକୁ ଅନୁଗମନ କରନ୍ତି । ସମାଲୋଚକ ପ୍ରଫେସର ଆଦିକନ୍ଦ ସାହୁ ଙ୍କ ମତରେ -" ଆପଣା ଅଭ୍ୟନ୍ତରର କରୁଣା , ଶୂନ୍ୟତା , ସ୍ମୃତି, ସଂପ୍ରୀତି, ମାୟାମମତା , ବିଗଳନ , ପ୍ରତିଟି ଅନୁଭବ ପ୍ରତି ସତ୍ୟଶୀଳତା କବିତ୍ୱର ମଞ୍ଜି ଅଂଶ । ସେଥିପ୍ରତି କବି ଅନ୍ତରର ସତ୍ୟଶୀଳତା ନଥିଲେ କବିତା କେମିତି ଗୋଟେ ଶୂନ୍ୟ ପରବତ ପରି ଏବଷ୍ଟ୍ରାକ୍ଟ ଓ ଇନ୍ଦ୍ରିୟ ନିରପେକ୍ଷ ହୋଇଥାଆନ୍ତା ।" (ପ୍ରଫେସର ଆଦିକନ୍ଦ ସାହୁ, " ମୋ ମନ ପସନ୍ଦର କବି ଓ ଅନ୍ୟାନ୍ୟ ନିବନ୍ଧ, ପୃଷ୍ଠା-179) । ଠିକ୍ ସେହିପରି କବି ହୃଷୀକେଶ ମାନବୀୟ ସଂବେଗକୁ ତାଙ୍କ କବିତାରେ ପ୍ରଥମ ସ୍ଥାନ ଦେଇଛନ୍ତି । ବୋଧହୁଏ କବି ପାଶ୍ଚାତ୍ୟ ଦାର୍ଶନିକଙ୍କ ସେଇ ମହାନ୍ କଥାଟିକୁ ଗ୍ରହଣ କରି ନେଇଛନ୍ତି ଯେ -
" Whereever pain is; there I am. With a single drop of tears is shed, I myself am, crucified ."

ଆଲୋଚ୍ୟ ସଂକଳନରେ ମୋଟ ପଇଁଚାଳିଶଟି କବିତା ରହିଛି । ଏ ସମସ୍ତ କବିତାର ଭାବ ଭାଷା ଖୁବ୍ ଭାବପୂର୍ଣ୍ଣ । ସଫା ଆକାଶରେ ସାଦା ଜହ୍ନ ପରି ସରଳ, ନିରଭିମାନ ଅଥଚ ଗଭୀର ତେଜୋଦୀପ୍ତ ତାଙ୍କ କବିତାର ଚେହେରା ଓ ଚାହାଣି । ଥରେ ମନ ଦେଲେ ତାଙ୍କ କବିତାରେ ଫେରି ଫେରି ପଢିବା ଓ ପଢୁ ପଢୁ ଫେରାର୍ ହେଇଯିବା ଛଡା ଗତ୍ୟନ୍ତର ନଥାଏ ପାଠକର ବୋଲି ଏ ସଂକଳନର ପ୍ରକାଶକ କହିଥାନ୍ତି । ଏଥିରୁ ଅନୁଭବି ହୁଏ ଯେ କବିଙ୍କ ଜୀବନ ପ୍ରତି ନିରୁତା ସଂବେଦନା କେତେ ମାତ୍ରାରେ ରହିଛି ।

ସଂକଳନସ୍ଥ ପ୍ରଥମ କବିତା
'କାଠ ଚଉକି ' , ଯାହାକି ଜଣେ କବି ଓ ତାଙ୍କ ଚଉକିକୁ ନେଇ ଲିଖିତ । କବି ଜୀବନର ବ୍ୟଥା , ବେଦନା ଓ ବ୍ୟତିକ୍ରମ ସହିତ ଚିରକାଳ ଜଡିତ ଏଇ ଚଉକି ସଂପର୍କରେ କବି ବେଶ୍ ମନୋଜ୍ଞ ଭାବେ ପ୍ରକାଶ କରିଛନ୍ତି ତାଙ୍କ ଭାବାନୁଭୂତିକୁ । ସତେକି ଏ ଚଉକି ବୁଝିଛି କବିଙ୍କ ମନତଳର ରାଶି ରାଶି ଭାବକୁ, ଯାହାକୁ କବି ଶବ୍ଦର ରୂପଲାବଣ୍ୟରେ ଉଦ୍ଭାସିତ କରିଛନ୍ତି କବିତାରେ । କବିଙ୍କ ଲେଖନୀରେ ଏ ଭାବ ସଂପୂର୍ଣ୍ଣ ରୂପେ ଜୀବନ୍ୟାସ ପାଇଛି-

" ଏୟ ମେଘ !
ମାମୁଲି କାଠ ନୁହେଁ, ମୁଁ କବି - ଚଉକି
କୋଉ ବୁଝନ୍ତେ ଏ ହୀନ ଲୋକେ ?

ତସବୀର ଥୋଇ ଯୋଉଠି କବି ଲେଖୁଥାଏ କବିତା ।"
(କବିତା- କାଠ ଚଉକି)

କବିଙ୍କ ବର୍ଣ୍ଣନା ଏଇଠି ବିଶ୍ଳେଷଣ କରିଛି ମାନବ ଜାତିର ପର୍ଯ୍ୟାୟ କ୍ରମ ବିକାଶ ପଥକୁ । ଶାନ୍ତ ସ୍ନିଗ୍ଧ କାଠ ବ୍ୟବହୃତ ଜିନିଷ ସ୍ଥାନରେ ରାଜୁତି କରିଛି ଆଜି ଲୁହା, ପ୍ଲାଷ୍ଟିକ ନିର୍ମିତ ଚଉକି , ଟେବୁଲ ଏବଂ ଆହୁରି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ । ଏ ପରିସ୍ଥିତିରେ କାଠ ଚଉକି କିନ୍ତୁ ତା ମାଲିକ ବା କବିଙ୍କୁ ଭୁଲି ନାହିଁ । ଅତୀତ ସହିତ ବର୍ତ୍ତମାନର ସ୍ଥିତିରେ ମଧ୍ୟ ସେ କବିଙ୍କ ମଂଗଳ କାମନା କରିଛି । ବାସ୍ତବିକ କବିଙ୍କ ବର୍ଣ୍ଣନାରେ ଚଉକି ଏବଂ କବିଙ୍କ ସଂପର୍କକୁ ଖୁବ୍ ସୁନ୍ଦର ଭାବରେ ବୁଝି ହୁଏ ।

ସଂକଳନସ୍ଥ ଅନ୍ୟ ଏକ ଶ୍ରେଷ୍ଠ କବିତା ହେଉଛି 'ନଈପଠାରେସୂର୍ଯ୍ୟାସ୍ତ (2)' ।
ଏହାର ଭାବବସ୍ତୁ ଖୁବ ବାସ୍ତବଧର୍ମୀ । ଜୀବନର ଶେଷ ପର୍ଯ୍ୟାୟର ଜୀବନତତ୍ତ୍ୱକୁ କବି ସୁନ୍ଦର ଭାବରେ ଉପସ୍ଥାପନା କରିଛନ୍ତି ଉକ୍ତ କବିତାରେ । ମଣିଷ ଜୀବନର ଚରମ ଅବସ୍ଥା ହେଉଛି ନିର୍ବାଣ । ଏ ମୋକ୍ଷ ପ୍ରାପ୍ତି ସମୟରେ ପ୍ରେମ, ଯୁଦ୍ଧ, ଦେଶ, ପାତ୍ର, ପ୍ରେମ, ଯୁଦ୍ଧ ଆଦିର ଆଉ ଦରକାର ହୁଏନା । ଏସବୁର କୌଣସି ମୂଲ୍ୟ ରହେ ନାହିଁ । କାରଣ ଏ ସମଗ୍ର ଚରାଚରର ନିୟନ୍ତା ହେଉଛନ୍ତି ସ୍ୱୟଂ ପରଂବ୍ରହ୍ମ । ତାଙ୍କ ଅଧୀନରେ ସମସ୍ତ ଜୀବଜଗତ ପ୍ରତିପାଳିତ । ମଣିଷର ଇଅତ୍ତା କୁ ବି ସେ ନିୟନ୍ତ୍ରିତ କରନ୍ତି । କବି କଲମରେ ଏ ଭାବ ଖୁବ୍ ବଳିଷ୍ଠ ହୋଇପାରିଛି-

" ମୃତ୍ୟୁରେ ନୁହେଁ,
ମୁଁ ଲୀନ ହୋଇଯାଉଛି
ବାପା ! ସ୍ୱପ୍ନରେ,ଅଭିପ୍ସାରେ , ନିରାସକ୍ତିରେ , ନିର୍ବାଣରେ
ବନି ଯାଉଛି
କବିତାର ସବୁଠୁ କାମ୍ୟ , ସବୁଠୁ ଗୂଢ ଶବ୍ଦଟିଏ
ଜୀବନ କ'ଣ , ମୃତ୍ୟୁ କ'ଣ
ଆଉ ଏବେଳେ ପଚାରେ କିଏ ?"
କବିତା- 'ନଈ ପଠାରେ ସୂର୍ଯ୍ୟାସ୍ତ (2) ' ।

ମଣିଷ ସମାଜର ଅଲକ୍ଷ୍ୟରେ ସରଳ ଆଦିବାସୀର ଜୀବନ , ପରିବାରର କର୍ମ , ତ୍ୟାଗ, ସହନଶୀଳତା କିପରି ଲୁପ୍ତ ହୋଇଯାଏ ତାର ବର୍ଣ୍ଣନା ଅତ୍ୟନ୍ତ ମର୍ମଭେଦୀ ମନେହୁଏ ' ସୀମା ଜାନିର ଦୁଃଖ ' କବିତାରେ । ମାଓବାଦୀଙ୍କ ଅତ୍ୟାଚାର , ଆଦିବାସୀମାନଙ୍କ ଦରିଦ୍ରାବସ୍ଥା କବି ଚକ୍ଷୁରୁ ବାଦ ଯାଇନାହିଁ । କବି ମର୍ମାହତ ହୋଇପଡିଛନ୍ତି ଏବଂ ଲେଖିଛନ୍ତି---" ଏଇ ଦୁଃଖରେ ଭାଙ୍ଗି ପଡୁଛୁ ସୀମା ଜାନି ,
ଇଏ କିବା, ଆଉରି ଆଉରି ଦୁଃଖ ଅଛି ।"
(କବିତା-- ସୀମା ଜାନିର ଦୁଃଖ)

ସଂକଳନସ୍ଥ ଅନ୍ୟ ଏକ ଶ୍ରେଷ୍ଠ କବିତା ହେଉଛି ' ଆକ୍ରମଣ '। କବିତାର ପ୍ରତିଟି ପଦରେ କବି ଜଣେ ବୈଦିକ ଋଷିଙ୍କ ପରି ପ୍ରତୀୟମାନ ହୁଅନ୍ତି । ଜୀବନର ଚରମ ବାସ୍ତବତାର ନିଖୁଣ ଚିତ୍ରକୁ ଉତ୍ତୋଳନ କରିବାରେ କବି ଏଠି ସମର୍ଥ ହୋଇଛନ୍ତି । ଶୃଙ୍ଗାର ଭଳି ଜୀବନନିଷ୍ଠ ଭାବବସ୍ତୁ କବିକଲମରେ ଆହୁରି ବାସ୍ତବଧର୍ମୀହୋଇପାରିଛି ।
" ପ୍ରତ୍ୟେକ ଶୃଙ୍ଗାର ଏହିପରି ସଶସ୍ତ୍ର

ଓଡ଼ିଆ ଅଧ୍ୟାପିକା,
ଝରିଆପାଲି, ସୁନ୍ଦରଗଡ଼

■■■

ଇ-ପତ୍ରିକା
ଦ୍ୱାଦଶ ସଂଖ୍ୟା, ୧ ଜୁନ୍ ୨୦୨୩

# ଭୂତ

**ଗଗନ ବିହାରୀ ନାୟକ**



ତଣ୍ଟି ଚିପି ମାରୁଥିବା ଭୂତ କଥା ଶୁଣି ଟିକେ ଡରି ଯାଇଥିଲା ବିଜନ । ଭୂତକୁ ସେ ଦରେନ ସତ, ହେଲେ ସବାର ହୋଇ ମାରି ଦେବା କଥା ଶୁଣି ଶଙ୍କି ଗଲା । ସଚେତନ ଅବସ୍ଥାରେ ଗଳା ଚିପି ମାରିଦେବା କଥା... ଟିକେ ଅଡୁଆ ଲାଗୁଥିଲା । ଭୂତ ଦେଖିବାକୁ ସେ ନିର୍ଜନ ରାତିରେ ଯାଆ ଆସ କରିଛି ଭୂତ ଦେଖିନି ।କେତେବେଳେ କେମିତି ପଥଚାରୀ ମଣିଷଙ୍କୁ କଳା ମିଟିମିଟି ଅନ୍ଧାର ରାତିରେ ଦେଖି ଭୂତ ଭାବି ଚମକି ପଡ଼ିଛି କେତେ ଥର । ସେଇ ଦିନରୁ ଭାବିଛି ଭୂତ ନାହାନ୍ତି। କିଏ ଜାଣେ ରାତି କଥା...।

ଚେତନ, ଅବଚେତନ ସମୟରେ ଲୋକକୁ ଭୂତ ଗ୍ରାସି ପାରେ, ହେଲେ ସଚେତନ ଲୋକଙ୍କୁ କେବେ ତ ନୁହେଁ । ଠିକ୍ ଏଇ ସମୟରେ କାଗଜ ଖଣ୍ଡିଏ ବଢେଇ ଦେଇ ଦାସିଆ ମଉସା କହୁଥିଲା- ମୋତେ ଭଡ଼ା ଘରଟିଏ ଦେବାକୁ ଟିକିଏ ମୋ ଅଫିସର ପାଖକୁ ଇଂରାଜୀରେ ଲେଖି ଦେଲ ବାପା । ବିଜନ କହିଲା କେତେ ଲେଖିବ ସେ ତୁମ ଅଫିସର ପାଖକୁ । ଲୋକଟା କେବେ ଶୁଣିବାକୁ ପ୍ରସ୍ତୁତ ନୁହେଁ । ଖନେଇଁ ଖନେଇଁ ବିଜନ ଜେଜେମା କହୁଥିଲେ କେମିତି ଭୂତ ଟାଏ ସେ । ବିଜନ ଏଠାରେ ଜାଣି ପାରିଲା, ସଚେତନ ଅବସ୍ଥାରେ ଯେଉଁ ମାନେ ଲୋକଙ୍କ ଭୂତ ଭଳି ହଇରାଣ କରନ୍ତି ସେମାନେ ତେବେ ଏଇ ଭଳି ତଣ୍ଟି ଚିପା ଭୂତ ।

ସହରରେ ସରକାରୀ ସଂସ୍ଥାର ଏତେ ଘର ଖାଲି ରହୁଛିଯେ, ତାକୁ ଅଧିକାରୀ ଅନ୍ୟ ବିଭାଗକୁ ଦେବାପାଇଁ ବିଜ୍ଞା-ପନ ପ୍ରଚାର କରି ଦେଉ ନାହିଁ । ଅଥଚ କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି କରି ଚାଲିଛନ୍ତି । ଏଣେ ଭଡ଼ା ଘରଟିଏ ପାଇଁ ଦାସିଆ ମଉସା ତା' ଅଧିକାରୀକୁ କେତେ ନେହୁରା ହୋଇବି ମିଳୁନି।

କିଛି ଦିନପରେ, ଦାସିଆ ମଉସା ଶୁଣିଲା କୁଆଡେ ଭୂତ କୋଠି ଭଳି ଠିଆ ହୋଇ ଥିବା ସେଇ ଖାଲି ଘର ଗୁଡ଼ିକରେ ସଂଜ ନଇଁ ଗଲା ପରେ କଲୋନୀର କିଛି ଲୋକ ମିଶି ଆରମ୍ଭ କରି ଦିଅନ୍ତି ବ୍ରାଉନ ସୁଗାର, ହେରୋଇନ ଓ ଗଞ୍ଜେଇ ଧୁନୀ । ତାଙ୍କ ସହିତ ମିଶି ଯାଏ ଅଧିକାରୀଙ୍କ ଏକମାତ୍ର ପୁଅ ରିତିକ । ରାତି ଶୋଇଗଲା ପରେ ଭୂତକୋଠିର ବାଦଶାହା ହୋଇ ନିଜେ ଅଧିକାରୀଙ୍କ ପୁଅ ସହିତ ଲୁଚି ଲୁଚି କିଛି ସମୟ ନିଶାରେ ଝୁମିବାକୁ ଆସନ୍ତି ଆଭିଜାତ୍ୟ ସମ୍ପନ୍ନ ସୁନ୍ଦରୀ ଝିଅ ମାନେ । ନୀଳ ଜହରରେ ନୀଳ ନୟନା ମାନଙ୍କର ସହିତ ରିତକର ଚାଲେ ଅସାମାଜିକ କାର୍ଯ୍ୟ କଳାପ ।

ବିଜନ ଗାଲରେ ହାତ ଦେଇ ଭାବୁଥିଲେ ଭୂତ ମାନଙ୍କ କଥା । ଯେଉଁ ମାନେ ବେଶ ସଚେତନ କିନ୍ତୁ ଭୂତ ଭଳି ତଣ୍ଟି ଚିପା କାମରେ ଧୁରନ୍ଧର । ଘର ଖାଲି ଥାଇ ଦାସିଆ ମଉସା ଭଳି ଜଣେ ସଚୋଟ ଲୋକକୁ ଆଜି ଘରଟିଏ ମିଳୁନି ଅଥଚ ଘର ଅସାମାଜିକ ଲୋକଙ୍କ ଦ୍ୱାରା କରାୟତ ହୋଇ ଅସାଧୁ କାମରେ ବ୍ୟବହାର କରା ଯାଉଚି ।

ସମାଜ ଆମର କଣ ସତରେ ସଭ୍ୟ ମୁକ୍ତ । ଆଉ ଶିକ୍ଷିତ ଲୋକେ କଣ ମଣିଷରୁ ପାଲଟି ଗଲେଣି ଭୂତ । ଯେଉଁମାନେ ସଚେତନ ଲୋକଙ୍କ ତଣ୍ଟି ଚିପି ମାରିଥାନ୍ତି । ଦାସିଆ ମଉସାଙ୍କ ଗଳାରେ ପଡ଼ିଥିବା ରୁଦ୍ରାକ୍ଷ ମାଳକୁ ଚାହିଁ ରହିଥିଲେ ବିଜନ ଆଉ ଦେଖୁଥିଲେ ଯେମିତି ମଉସାଙ୍କ ଚାରି ପଟେ ଘୁରି ବୁଲୁଥିବା ଭୂତମାନଙ୍କ ଭିତରେ ଥିବା ତାଙ୍କ ଅଧିକାରୀ ଓ ତାଙ୍କ ଗେଲବସର ପୁଅକୁ । ଯିଏ ନିରୀହ ଝିଅମାନଙ୍କୁ ଶିକାର କରି ଚାଲିଛି, ଆଉ ତା' ବାପ, ଦାସିଆ ମଉସା ଭଳି ସତ୍ୟ ନ୍ୟାୟ ଧର୍ମ ପରାୟଣ ଲୋକକୁ । ଅଚେତନ, ଅବଚେତନ କୁ ଛାଡ଼ି ସଚେତନ ମାନକୁ ଭୂତ ମାନେ ହଇରାଣ କରିବା କଥା ସେ ସେଇ ଦିନ ବୁଝି ପାରିଥିଲା ଓ କୋଟି କୋଟି ସରକାର ରାଜସ୍ୱ କୁ କ୍ଷତିରେ ପହଞ୍ଚାଉଥିବା ଲୋକେ ଯେ ଭୂତ ଠାରୁ ଅଧିକ ମାରାତ୍ମକ ତାହା ଅବୁଝା ନଥିଲା । ଅଧିକାରୀଙ୍କ ପୁଅ ରିତିକ ବି ମଣିଷରୁ ଭୂତ ପାଲଟି ଯାଇଥିଲା କେହି ଜଣେ କହୁଥିଲା, ସେ ଜଣେ ଏଡ଼ସ ରୋଗୀ ବୋଲି !

■■■

ନିଳାଦ୍ରୀ ବିହାର ଭୁବନେଶ୍ୱର
ଫୋନ୍ ନଂ – ୭୨୦୫୨୯୩୮୫୭

# ଡିସ୍କାଉଣ୍ଟ୍

**ପ୍ରମୋଦ କୁମାର ମହାପାତ୍ର**



ସନ୍ଧ୍ୟାରେ ଅଫିସରୁ ଫେରି ଚା' ସହିତ କିଛି ହାଲୁକା ଜଳଖିଆ ଉଦରସ୍ଥ କରି ଟିଭି ଆଗରେ ବେଶୀ ସମୟ ବସିଗଲେ ପେଟ କାହିଁକି ଓଜନିଆ ଲାଗେ, ଶରୀର ନିସ୍ତେଜ ମନେହୁଏ। ତେଣୁ ପ୍ରାୟ ସାନ୍ଧ୍ୟ ଭ୍ରମଣରେ ବାହାରି ପଡେ ପଦବ୍ରଜରେ । କେବେ ଏକା, କେବେ କେବେ ଅର୍ଦ୍ଧାଙ୍ଗିନୀଙ୍କ ସହିତ । ଖିଆଲି ମନ ଯୁଆଡେ ଚାହିଁଲା ସେଆଡେ ଗଲା । କେବେ ନିକଟସ୍ଥ ପାର୍କ, କେବେ ପାଖରେ ଥିବା ବଜାର, କେବେ କେବଳ ରାଜରାସ୍ତା ଉପରେ ଟହଲ ମାରି ଅନିର୍ଦ୍ଧିଷ୍ଟ ଭାବରେ ପଦ ଚରଣ, କେବେ ଅବା କିଛି ସାଂସ୍କୃତିକ କାର୍ଯକ୍ରମ ଥିଲେ ନଗରର ନାଭିକେନ୍ଦ୍ରରେ ଥିବା ପ୍ରେକ୍ଷାଳୟ ଯାଇ ଥଣ୍ଡା ପବନ ସହିତ ସଙ୍ଗୀତ, ସାହିତ୍ୟ ର ଭରପୁର ମନୋରଞ୍ଜନ ସହିତ ଚିତ୍ତ ବିନୋଦନ।

ସେ ଦିନ ବୁଲୁ ବୁଲୁ ପଶି ଗଲି ଏକ ଜଣାଶୁଣା ନାମୀ ସପିଂ ମଲ୍ ଭିତରେ। କିଣିବାର ତ କିଛି ନଥିଲା, ଖାଲି ଟାଇମ୍ ପାସ୍ ଉଦ୍ଦେଶ୍ୟ। ଇଏବି ଏକ ନୂଆଁ ବଜାରି ସଂସ୍କୃତି। ବୁଲିବା ବାହାନାରେ ମଲ୍ ଭିତରେ ପଶିଲେ ଘଣ୍ଟା ଘଣ୍ଟା ସମୟ ଜଣା ପଡ଼ିବନି,ବେଶ୍ ଆରାମରେ ଚାଲିଯିବ ଏ ସି ର କୁଲ୍ କୁଲ୍ ଥଣ୍ଡା ଥଣ୍ଡା ହୱା ଖାଇ ଖାଇ। କେଉଁଠି କେଉଁଠି ଚା, କଫି ବି ମିଳିଯାଏ ସମ୍ମାନ ର ସହିତ ସମ୍ଭାବିତ ଗ୍ରାହକ ହିସାବରେ, ବିଶେଷ କରି ଗହଣା ଦୋକାନରେ। ମଲ୍ ମାଲିକ ବି ଏଇଆ ଚାହେଁ,କେତେ ଫୁଟ ଫଲ୍ (foot fall)ହେଲା,କାହିଁକି ନା ସେ ଠିକ୍ ଜାଣେ ଯେ ଆସିବ,କିଛି ନା କିଛି ନିଶ୍ଚୟ କିଣିବ,ଦରକାର ଥାଉ ବା ନଥାଉ। ହୁଏବି ସେମିତି,ଲୋକେ ଖାଲି ମନରେ ଭିତରୁ ଯାଆନ୍ତି, ଫେରିଲା ସମୟରେ ଟ୍ରଲି ଭର୍ତି ସାମାନ ଧରି ବାହାରନ୍ତି ବିଭିନ୍ନ ପ୍ରକାର ଅଫର୍, ଡିସ୍ କାଉଣ୍ଟ ର ଲୋଭ ସମ୍ଭାଳି ନ ପାରି। ମଲ୍ ର ବିଜ୍ଞାପନ ସାଥିରେ କିଛି ବିକ୍ରିବଟା ର ସୁବିନ୍ୟସ୍ତ ଯୋଜନା !

ହଁ, ବିଭିନ୍ନ ସାମଗ୍ରୀ ହାତ ମାରୁ ମାରୁ ନଜର ପଡିଗଲା ଏକ ଲମ୍ବା ହାତ ଟି-ସାର୍ଟ ଉପରେ। ଶୀତ ଦିନିଆ ପୋଷାକ ,ବେଶ୍ ମନଲୋଭା। ପ୍ରାଇସ ଟେଗ୍ ଉପରେ ଆଖି ବୁଲେଇ ଦେଖିଲି ଦାମ୍ ୧୪୦୦ ଟଙ୍କା କିନ୍ତୁ ଅଫ ସିଜନ୍ ପାଇଁ ୭୦୦ ଟଙ୍କାରେ ଉପଲବ୍ଧ।ଭାବିଲି, ମନ୍ଦ ନୁହେଁ,ଖଣ୍ଡେ ନେଇଯିବି।କିନ୍ତୁ ନଜର ପଡ଼ିଗଲା ତିଆରି ଚାଲିଥିବା ଏକ ସାଇନ୍ ବୋର୍ଡ ଉପରେ, - ଲେଖାଥିଲା " ଅଫ ସିଜନ୍ ସେଲ, ୫୦ ରୁ ୭୦% ପର୍ଯ୍ୟନ୍ତ ଛାଡ, ସମୟ ସୀମା ଏକ ସପ୍ତାହ",ଆରମ୍ଭ ହେବ ପରବର୍ତ୍ତୀ ସପ୍ତାହରୁ। ଭାବିଲି ଏବେ କାହିଁକି ନେବି, ପରବର୍ତ୍ତୀ ସପ୍ତାହ ରେ ଆସିଲେ ତ ଆହୁରି ଶସ୍ତା ରେ ମିଳିବ, ଏବେ ନ ନେବା ହିଁ ବୁଦ୍ଧିମାନର କାର୍ଯ୍ୟ।

ମୁଁ ଫେରି ଆସିଲି ।

ପେକ୍ଷାର ଅନ୍ତ ଘଟିଲା।ଏବେ "ଡିସ୍ କାଉଣ୍ଟ ସେଲ୍" ଆରମ୍ଭ ହେଲାଣି।ଡେରି କଲେ ହୁଏତ ମାଲ ସରିଯିବ,ତେଣୁ ଇପସିତ ବସ୍ତୁ ନେବା ପାଇଁ ପ୍ରଥମ ଦିନ ସନ୍ଧ୍ୟାରେ ହିଁ ପହଞ୍ଚିଗଲି ସେହି ମଲ୍ ରେ।ଭିଡ଼ ବହୁତ୍, ଧାଡ଼ି ବାନ୍ଧି ଛିଡା ହୋଇ,ଜଣକ ପରେ ଜଣେ ପ୍ରବେଶର ବ୍ୟବସ୍ଥା। ଏଣେ ତର ସହୁନି।ମୋ ନମ୍ବର ଆସନ୍ତେ ଶୀଘ୍ର ଭିତରକୁ ପ୍ରବେଶ କରି ନିର୍ଦ୍ଧାରିତ ରେକ୍ କୁ ଯାଇ ଖୋଜାଖୋଜି କରି ଉକ୍ତ ଟି-ସାର୍ଟ ଟିକୁ ଉଠାଇ ଆଣିଲି। ପ୍ରାଇସ୍ ଟେଗ୍ ଆଉ ଥରେ ଚେକ୍ କଲି।ଆରେ ଏ କଣ ଦାମ୍ ୨୦୦୦ ଟଙ୍କା,ପୁଣି ୫୦% ରିବେଟ୍ ପରେ ୧୦୦୦! ଆଛା କିଳା ହେ, ଯାହା କୁହନ୍ତି ମହରଗ ରୁ ଯାଇ କାନ୍ତରରେ ପଡିଲି, ଏଇଟା ତ ଦିନ ଦ୍ୱିପହରରେ ଖୁଲମ୍ ଖୁଲା ପକେଟ୍ ମାର୍।ମୁଣ୍ଡ ଘାବରେଇ ଗଲା, ନେବି ନା ନାହିଁ ? ଏବେ ଉପାୟ? ବୁଦ୍ଧି ଜୁଟିଲା । ନିକଟରେ ଥିବା ଜଣେ ବୟସ୍କ

ସେଲ ସ୍ ମେନ ପାଖକୁ ଯାଇ ତା କାନ ପାସରେ ଧୀର ଗଳାରେ ଫିସ୍ ଫସ୍ କରି କହିଲି - ଭାଇ ଶୁଣିଲ, ଏହି ଗତ ସପ୍ତାହରେ ଦେଖିଥିଲି ରିବେଟ୍ ପରେ ୭୦୦ ଟଙ୍କା ,ଏବେ କିନ୍ତୁ ରିବେଟ୍ ପରେ ୧୦୦୦ ଟଙ୍କା,ଏ କେମିତି କଥା?

ସେଲସ୍ ମେନ ଜଣେ ପୋଖତ ସାମଝଦାର ଲୋକ, ବେଶୀ ଗୌରଚନ୍ଦ୍ରିକା ନ କରି ଶାନ୍ତ ଭାବରେ କହିଲା -"ଆପଣଙ୍କ ନେବାର ଅଛିତ? ଆସନ୍ତା ସପ୍ତାହରେ ଆସନ୍ତୁ। "ଅଫର୍ ସେଲ ସରି ଯାଇଥିବ,ପୁଣି ସେହି ପୁରୁଣା ରେଟ୍ ରେ ପାଇଯିବେ।" ମୁଁ ବି ଭାବିଲି ଠିକ୍ କଥା ତ, ଆଉ କିଛି ଦିନର ଅପେକ୍ଷା ମାତ୍ର ।

ଅଗତ୍ୟା ମୁଁ ଫେରି ଆସିଲି ।

ଭାରତ ସଞ୍ଚାର ନିଗମ ଲିମିଟେଡ୍ ଭୁବନେଶ୍ୱର
ମୋ - ୯୪୩୭୫୭୮୩୧୧

■■■







**ବିଶିଷ୍ଟ ସାହିତ୍ୟିକା ପ୍ରଫେସର ବୀଣାପାଣି ତ୍ରିପାଠୀଙ୍କ ର କବିତା ସଂକଳନ '"ମଗ୍ନ ମଧୁମତୀ "ଓ "ପାପୁଲିଏ ଆକାଶ"**

# ସୋନାଗାଛିର ରାଜକୁମାର

ବିଦ୍ୟାଧର ଗୁରୁ





ପଉଷର ଶୀତୁଆ ପ୍ରଭାତରେ ଆମେ ଚାରିବନ୍ଧୁ ପହଞ୍ଚିଲୁ ସୁନ୍ଦରୀ କୋଲ୍‌କତାର ହାବୁଡ଼ା ଷ୍ଟେସନ୍‌ରେ । ସଂରକ୍ଷିତ ଡ଼ବାରେ ଯାତ୍ରା ହୋଇଥିଲେ ମଧ୍ୟ ଆଖିରୁ ତନ୍ଦ୍ରା କଟିନଥାଏ ରେଳରେ ଉତ୍ତମ ନିଦ୍ରା ବାଧକ ହେତୁ । ବାଟସାରା ଯାତ୍ରୀମାନଙ୍କର ଚଢ଼ିବା, ଓହ୍ଲେଇବା, କିଏ ଏକ/ଦୁଇ ଗଲେ ଆଲୁଅ ଜଳେଇବା/ଲିଭାଇବା କାର୍ଯ୍ୟ, ଉପଯୁକ୍ତ ଟିକେଟ ନ ଥିବା ଯାତ୍ରୀମାନଙ୍କ ସହିତ ଟିକେଟ ଯାଞ୍ଚକାରୀଙ୍କ ବଚସା ଇତ୍ୟାଦି ଯୋଗୁଁ ନିଦ୍ରାଦେବୀଙ୍କର ଆସ୍ଥାନ ଜମିପାରେ ନାହିଁ । ଯଦି ହୁଏ ଛାଇଛାଇଆ ହାଲ୍‌କା ନିଦ । ଏହା ବାଦ୍ ୪/୫ ଜଣ ଯୁବକ ଯଦି ଏକାଠି ଯାତ୍ରା କରୁଥାନ୍ତି ପରିବାର ବ୍ୟତୀତ ସେ ପୁଣି ଆହୁରି ବାଧକ । ଟାହିଟାପରା, ହସଖୁସି ଯୋଗୁଁ ବହୁତ ଡ଼େରିରେ ଆଖିକୁ ନିଦ ଆସେ । ଆମେ ଥିଲୁ ଏହି ଶ୍ରେଣୀର ଯାତ୍ରୀ ।

ହାବୁଡ଼ା ଷ୍ଟେସନ୍‌ର ପୂର୍ବ ନିର୍ଦ୍ଧାରିତ ନୂଆ ପାର୍କିଂ ଅଞ୍ଚଳରେ ଆମକୁ ଅପେକ୍ଷା କରିଥିଲା ଗାଡ଼ି । ସେଠାରୁ ସିଧା ଚାଲିଲୁ (ଡ଼ିଭାଇନ୍ ବ୍ଲିସ୍ ଗେଷ୍ଟ ହାଉସ୍) ଅତିଥିଭବନକୁ । ଅତିଥିଭବନରେ ପହଞ୍ଚି ନିଜ ନିଜର ସକାଳୁଆ ନିତ୍ୟକର୍ମ ଜଲ୍‌ଦି ସାରିବାକୁ ହେଲା, କାରଣ ସମୟ କମ୍ । ଦୁଇ ଦିନର ଅତିଥି । ଏଇ ଦୁଇ ଦିନ ମଧ୍ୟରେ ଲାସ୍ୟମୟୀ କୋଲ୍‌କତାର ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ହେବ ।

ଅତିଥିଭବନଟି ନୂଆକରି ନିର୍ମିତ ହୋଇଥାଏ । କିଛିକିଛି ଅସମ୍ପୂର୍ଣ୍ଣ କାମ ମଧ୍ୟ ଚାଲିଥାଏ । ଏହାର ପୂର୍ବ ଦିଗରେ ଲମ୍ବା ଖୋଲା ପଡ଼ିଆ । ପଡ଼ିଆଟିରେ ଘର ନିର୍ମାଣ ପାଇଁ ନିଅଁ ଖୋଳା ଚାଲିଥାଏ । ସେଠାରେ କାମ କରୁଥିବା ଶ୍ରମିକମାନଙ୍କ ରହଣି ପାଇଁ ନୁଆଁଣିଆ ଟିଣ ଘରମାନ ତିଆରି ହୋଇଥାଏ । କାମ ଦିନରାତି ଚାଲିଥାଏ । ଆଉ ତିନି ଦିଗରେ ସୁଉଚ୍ଚ ଅଟ୍ଟାଳିକାମାନ ଶାଳଗଛ ପରି ପରସ୍ପରକୁ ଟପିଯିବାର ପ୍ରତିଯୋଗିତାରେ ମଗ୍ନ ।

ଅତିଥିଭବନଟି ଛୋଟ ହେଲେ ମଧ୍ୟ ଅତିଥିମାନଙ୍କୁ ଆନନ୍ଦ ଦେବା ପାଇଁ ଯତ୍ପରୋନାସ୍ତି ପ୍ରୟାସ କରାଯାଇଛି । ଏହାର ସାମ୍ନାରେ ଛୋଟିଆ ଫୁଲ ବଗିଚା । ରଜନୀଗନ୍ଧା, ତରାଟ, ଗେଣ୍ଡୁ, ଡ଼ାଲିଆ ଆଦି ଫୁଲ ଓ କାକ୍‌ଟସ୍‌ର ବିଭିନ୍ନ ଜାତିର ସମ୍ଭାର । ସକାଳର କଅଁଳିଆ ସୂର୍ଯ୍ୟକିରଣ ଶିଶିରଭିଜା ପତ୍ର ଓ ଫୁଲରେ ଇନ୍ଦ୍ରଧନୁର ରଙ୍ଗ ସୃଷ୍ଟି କରୁଥାଏ । ସେଇଥିପାଇଁ ବୋଧେ ତା'ର ନାମକରଣ କରାଯାଇଛି - ଡ଼ିଭାଇନ୍ ବ୍ଲିସ୍ ଗେଷ୍ଟ ହାଉସ୍ ।

ଏଇ ଅତିଥିଭବନରେ ୪/୫ ଜଣ କର୍ମଚାରୀ । ବେସରକାରୀ ଚାକିରିଆ । ସବୁବେଳେ ମନରେ ଡ଼ର । ଅତିଥିମାନଙ୍କର ସେବାରେ ଅଯତ୍ନ ହେଲେ ଚାକିରି ହରାଇବାର ଭୟ । ତେଣୁ ସେମାନେ ସବୁବେଳେ ଚଳଚଞ୍ଚଳ ଥାଆନ୍ତି, କାଳେ କେଉଁ ଅତିଥି କୌଣସି ଜିନିଷ ବରାଦ କରିବେ । ସେମାନଙ୍କ ସହିତ ଆମର ପରିଚୟ ହୋଇଯାଇଥାଏ । ସେମାନଙ୍କ ମଧ୍ୟରୁ ବୟସ୍କ ଲୋକଟିଏ । ବୟସ ପାଖାପାଖି ୫୫ ବର୍ଷ । ତାଙ୍କର ନାମ ଦିଲ୍‌ସାନ୍ । ସେ ଖୁବ୍ ସୁନ୍ଦର ରୋଷେଇ କରନ୍ତି । ତାଙ୍କ ହାତରନ୍ଧା ପନିର୍, ଛତୁ ତରକାରୀ, ମାଛ ବେସରର ସ୍ୱାଦ ଭୁଲି ହେବନି । ତାଙ୍କୁ ସାହାଯ୍ୟ କରିବା ପାଇଁ କିଶୋରଟିଏ । ବୟସ ୧୫/୧୬ ହେବ । ନାଆଁ ତା'ର ରାଜକୁମାର । ବୟସ ତୁଳନାରେ ଟିକେ ଅଧିକ ଡ଼େଙ୍ଗା ଦେଖାଯାଏ । ରାଜକୁମାର ପରି

ଚେହେରା । ସୁନ୍ଦର ମୁହଁ । ଦେହର ରଙ୍ଗ ଗହମ ପରି ଗୋରା । ଖଣ୍ଡାଧାର ନାକ । ନୂଆନୂଆ ଗଜୁରୁଥିବା ନିଶ ତା ଗୋରା ମୁହଁକୁ ଖୁବ୍ ମାନେ । ସଂଭ୍ରାନ୍ତ ଘରର ପିଲାଭଳି ଜଣାପଡ଼େ । ଉଭୟେ ବଙ୍ଗାଳୀ ।

ଆମେ ନିତ୍ୟକର୍ମ ସାରି ଖାଇବା ଟେବୁଲ୍‌କୁ ଚାଲିଆସିଲୁ । ସକାଳ ଜଳଖିଆରେ ସାଲାଡ୍, ଆଳୁ ପରଟା, ଡ଼ାଲମା ଓ କିଛି ଫଳ ଥିଲା । ଖାଇବା ମଧରେ ଆମ ବୁଲିବା ପାଇଁ ଗାଡ଼ି ଆସି ପହଞ୍ଚିସାରିଥାଏ । ତେଣୁ ବିଳମ୍ବ ନ କରି ଆମେ ବାହାରିଲୁ ।

ପ୍ରଥମେ କାଲୀଘାଟ୍ ଗଲୁ । ପ୍ରବଳ ଭିଡ଼ଥାଏ । ସକାଳେ ମାଆଙ୍କ ଦର୍ଶନ ପାଇଁ ଭକ୍ତମାନଙ୍କ ମଧରେ ଉତ୍ସାହ । କାଲିଘାଟରେ ମାଆଙ୍କ ଦର୍ଶନସାରି ବାହାରିଲୁ ଦକ୍ଷିଣ କାଳୀ । ସେଠାରେ ମଧ ଭକ୍ତଙ୍କର ଗହଳି । ଲମ୍ବା ଧାଡ଼ିରେ ଯିବାକୁ ପଡ଼େ । ଠାକୁରାଣୀ ଦର୍ଶନ ସରିଲାବେଳକୁ ଅପରାହ୍ଣ ୨ଟା । ଅତିଥିଭବନରେ ମଧାହ୍ଣ ଭୋଜନସାରି ବାହାରିଲୁ ଅନ୍ୟାନ୍ୟ ପ୍ରସିଦ୍ଧ ସ୍ଥାନ ବୁଲିବା ପାଇଁ । ଭିକ୍ଟୋରିଆ ମେମୋରିଆଲ୍, ବଟାନିକାଲ୍ ଗାର୍ଡେନ, ଚିଡ଼ିଆଖାନା ଇତ୍ୟାଦି । ଭିକ୍ଟୋରିଆ ମେମୋରିଆଲ୍‌ର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ । ଶୁଭ୍ର ମାର୍ବଲରେ ନିର୍ମିତ ସ୍ଥାପତ୍ୟ ବାସ୍ତବିକ ମନୋମୁଗ୍ଧକର । ଦୂରରୁ ଦେଖିଲେ ଜଣାପଡ଼ିବ, ସୁନ୍ଦରୀ ନର୍ତ୍ତକୀଟିଏ ଧଳାଶାଢ଼ୀ ପିନ୍ଧି ଦଣ୍ଡାୟମାନା । ଇଂଲଣ୍ଡର ରାଣୀ ଭିକ୍ଟୋରିଆଙ୍କର ସ୍ମୃତିରେ ଏହା ନିର୍ମିତ । ଏହା ଭାରତରେ ଇଂରେଜ ଶାସନର ମୂକସାକ୍ଷୀ । ଇଂରେଜ ଶାସନ ସମୟରେ, ଇଂରେଜ ସେନାପତି ଓ ସୈନିକମାନଙ୍କ ବୀରତ୍ୱର ବିବରଣୀ ମୁଖ୍ୟତଃ ଏଥିରେ ପ୍ରତିବିମ୍ବିତ । ଭିକ୍ଟୋରିଆ ମେମୋରିଆଲ୍‌ର ସମ୍ମୁଖ ବଗିଚାର ସନ୍ଧ୍ୟାକାଳୀନ ଦୃଶ୍ୟ ଅତ୍ୟନ୍ତ ମନୋହର ।

କୋଲ୍‌କାତାର ଅନ୍ୟ ଏକ ପ୍ରସିଦ୍ଧ ଆକର୍ଷଣ ହେଲା ବେଲୁର୍ ମଠ । ଏହା ରାମକୃଷ୍ଣ ମଠ ଓ ମିଶନ୍‌ର ମୁଖ୍ୟ ଦପ୍ତର । ରାମକୃଷ୍ଣ ପରମହଂସଙ୍କର ପରମଭକ୍ତ ସ୍ୱାମୀ ବିବେକାନନ୍ଦ ଏହାର ପ୍ରତିଷ୍ଠାତା । ଏହା ହୁଗୁଳୀ ନଦୀର ପଶ୍ଚିମ ତଟରେ ଅବସ୍ଥିତ । ରାମକୃଷ୍ଣ ମିଶନ୍‌ର ଯୁବ ସନ୍ନ୍ୟାସୀମାନଙ୍କୁ ଏଠାରେ ଯୋଗ, ଧ୍ୟାନ, ସମାଜସେବା, ସର୍ବୋପରି ସେମାନଙ୍କର ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ତାଲିମ ଦିଆଯାଏ । ଏହାର ନିର୍ମାଣ ଶୈଳୀ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ । ସମୟ ଅଭାବରୁ ଶେଷ ଦିନ ଆମେ ବେଲୁର୍ ମଠ ବୁଲିଯିବା ପାଇଁ ସ୍ଥିର ହୋଇଥିଲା ।

ପ୍ରଥମଦିନ ବୁଲାବୁଲି ସାରି ଅତିଥିଭବନକୁ ଫେରିଲାବେଳକୁ ସନ୍ଧ୍ୟା ଗଡ଼ିଯାଇଥାଏ । ପୂର୍ବ ରାତ୍ରିର ଅର୍ଦ୍ଧନିଦ୍ରା ଓ ଦିନସାରା ଭ୍ରମଣ ଆମ ଦେହ ଓ ମନରେ କ୍ଳାନ୍ତି ଭରିଦେଇଥାଏ । ତେଣୁ ଶୀଘ୍ର ବିଶ୍ରାମ ନେବା ପାଇଁ ଆମେ ବ୍ୟଗ୍ର ହେଉଥାଉ । ଆମ ଆଗମନରେ ଦିଲସାନ୍ ଓ ରାଜକୁମାର ତତ୍ପର ହୋଇ ଉଠିଲେ । ଆମେ ନିଜନିଜ କକ୍ଷରେ ଗୋଡ଼ହାତ ଧୁଆଧୋଇ ହୋଇ ପୋଷାକ ବଦଳାଇ, ପ୍ରତିକ୍ଷାଳୟରେ କିଛି ସମୟ କଟେଇଲୁ ।

ରାଜକୁମାର ଟିକିଏ ଚିନ୍ତିତଥିବା ଜଣାଯାଉଥିଲା । କିଛି ଅସହାୟତା ବୋଧେ ତାକୁ ଆନ୍ଦୋଳିତ, ବିବ୍ରତ କରୁଥିଲା, ଯାହା ତା'ର ମୁଖମଣ୍ଡଳରେ ପ୍ରତିବିମ୍ବିତ ହୋଇଥିଲା । ଏକାନ୍ତରେ ତାକୁ ମୁଁ ପଚାରିଲି, କ'ଣ ହୋଇଛି ? ମୁହଁ କାହିଁକି ଶୁଖିଯାଇଛି ? ସେ ଗମ୍ଭୀର ହୋଇ କହିଲା, ନା ସାହେବ୍! ସବୁ ଠିକ୍ ଅଛି । ଆମେ ରାତ୍ରଭୋଜନ ଉତ୍କଳଭବନରେ ସାରିକରି ଆସିଥାଉ । ତେଣୁ ଆମ ପାଇଁ ତାଙ୍କୁ ବିଶେଷ କାର୍ଯ୍ୟ କରିବାକୁ ପଡ଼ିନଥିଲା ।

ପୂର୍ବ ରାତ୍ରିର ରେଳଯାତ୍ରାଜନିତ ଅବସନ୍ନତା ଏବଂ ଦିନସାରା ଭ୍ରମଣ, ଅବଶ ଆଖିକୁ ଭାରାକ୍ରାନ୍ତ କରିପକାଉଥାଏ । ତେଣୁ ବିଛଣାରେ ପଡୁପଡୁ ଆଖିପତା ମୁଦି ହୋଇଯାଇଥିଲା । ଦେହରେ କ୍ଳାନ୍ତି ସତ୍ତ୍ୱେ, ରାତ୍ରିର ଚତୁର୍ଥ ପ୍ରହରରେ ମୋର ନିଦ୍ରା ଭଙ୍ଗହେଲା । ନିଦୁଆ ଆଖିରେ ବାଲ୍‌କୋନୀ ଆଡ଼କୁ ମୁହାଁଇଲି । ବାହାର ପଡ଼ିଆରେ ଶ୍ରମିକମାନେ ନିଜନିଜ କାର୍ଯ୍ୟ କରିବାରେ ବ୍ୟସ୍ତ । ସେମାନଙ୍କ ପାଇଁ ବିଜୁଳି ଆଲୁଅର

ବ୍ୟବସ୍ଥା ହୋଇଥାଏ । ହଣାହଣି, ପାଟିତୁଣ୍ଡ ଶବ୍ଦ ହେଉଥାଏ । କୋଳାହଳ ଲାଗି ରହିଥାଏ । ବାଲ୍‌କୋନୀର ଗୋଟିଏ କଣରେ କାନ୍ଥକୁ ଲାଗି କେହି ଜଣେ ବସିଥିବାର ଦେଖି ପ୍ରଥମେ ବିସ୍ମୟାଭିଭୂତ ହୋଇପଡ଼ିଲି । ବାଲ୍‌କୋନୀ ଆଲୁଅ ଜଳୁନଥିଲେ ମଧ୍ୟ ଷ୍ଟ୍ରିଟ୍‌ଲାଇଟ୍‌ର ଆଲୋକରେ ରାଜକୁମାରକୁ ଚିହ୍ନିବାରେ ଅସୁବିଧା ହେଲାନି ।

ମୁଁ ଆଶଙ୍କାରେ ପଚାରିଲି, "ରାଜକୁମାର ! ତୁମେ ଏଠାରେ ? ଶୋଇନ କାହିଁକି ? କିଛି ସମସ୍ୟା ?" ସେ ଦୀର୍ଘଶ୍ୱାସ ଛାଡ଼ି ନିଜକୁ ହାଲୁକା କରି କହିଲା, "ନାଇଁ... ରାମଭାଇ... ଏଇମିତି ଏକୁଟିଆ ବସି ମାଆ କଥା ଭାବେ ।" ଗଭୀର ରାତ୍ରୀରେ ସହସା ତା' ମାଆ କଥା ଶୁଣି ମୋର ତନ୍ଦ୍ରା ତୁଟିଗଲା । ସେ ନିଶ୍ଚେ କିଛି ଅସୁବିଧାରେ ଅଛି । ମୋର ପ୍ରତ୍ୟୟ ହେଲା । ମୁଁ ତା'ର ନିକଟତର ହେଲି । ତା' ମୁହଁକୁ ନିବିଡ଼ ଭାବେ ନିରୀକ୍ଷଣ କଲି । ଶୀତରାତ୍ରୀର କାକରଭିଜା ଶୀତଳ, ଖୋଲା ବାତାବରଣରେ ମଧ୍ୟ ତା' ମୁହଁରେ ବିନ୍ଦୁବିନ୍ଦୁ ଝାଳ ଉକୁଟି ଉଠୁଛି । ମୁହଁ ତା'ର ଆରକ୍ତ । ଆଖି ଲୁହରେ ଢ଼ଳଢ଼ଳ । ମୁଁ ସ୍ନେହରେ ତା' କାନ୍ଧରେ ହାତ ରଖିଛି କି ନାହିଁ, ତା' ଆଖିର ଲୁହ ନଈ ବନ୍ଧ ଭାଙ୍ଗିଲା ଭଳି ବହିଚାଲିଲା । ଅବିଶ୍ରାନ୍ତ ଭାବେ ଅଶ୍ରୁ ଗଡ଼ାଇଚାଲିଲା, ନିଜ ନିୟନ୍ତ୍ରଣ ବାହାରେ । ସେ ଥିଲା କୋହମିଶା ଲୁହ ।

ଆବେଗର ବଶବର୍ତ୍ତୀ ହୋଇ ମୋ ଅଜାଣତରେ ମୁଁ ତାକୁ କୋଳେଇ ନେଇଥିଲି । ତାକୁ ସାନ୍ତ୍ୱନା ଦେଇଥିଲି । କାନ୍ଦିବାରୁ ନିବୃତ୍ତ କରାଇ ତାକୁ ଉପଦେଶ ଛଳରେ କହିଥିଲି, "ତୁମେ ପିଲାଲୋକ, ଲମ୍ବା ଭବିଷ୍ୟତ । ଏଇ ଦିନୁ ଭାଙ୍ଗିପଡ଼ିଲେ, ସଂସାରରେ ଚଳିବ କେମିତି ?"

ସେ ଭାବୋନ୍ମତ୍ତ ହୋଇ କହିଲା: ରାମ ଭାଇ ! ଏ ସଂସାରରେ ମାଆ ବ୍ୟତୀତ ମୋର ନିଜର ବୋଲି ଆଉ କେହି ନାହାନ୍ତି । ମୋର ପରିଚୟ ଜାଣିଲେ ତୁମେ ହୁଏତ ଘୃଣା କରିପାର; ଏ ସମାଜର ଅନ୍ୟମାନଙ୍କ ପରି । ପିଲାଟି ଦିନରୁ ବାପାବୋଲି କିଏ ଜାଣିନି । ମାଆ ମୋର ସବୁକିଛି । ସେ ସୋନାଗାଛି ବସ୍ତିରେ ରହେ । ମାଆ ମୋର ଗଣିକା । ସେମାନଙ୍କ ସନ୍ତାନଙ୍କୁ ଏ ସମାଜ କେଉଁ ଦୃଷ୍ଟିରେ ଦେଖେ, ତୁମେ ତ ଜାଣ । ମୋ ମାଆ ଭାରି ସ୍ନେହୀ । ମୋତେ ଦିନେ ନ ଦେଖିଲେ, ବାୟାଣୀ ପରି ହୁଏ ।

ମାଆ କୁହେ ମୁଁ ସଂଭ୍ରାନ୍ତ ଘରର ସନ୍ତାନ । ମୋ ବାପା ଏ ସହରର ଜଣେ ଖୁବ୍ ନାମକରା ଧନୀ ଏବଂ ଆଭିଜାତ୍ୟ ସଂପନ୍ନ ଯୁବକ ଥିଲେ । ମୁଁ ତା'ର କୁଆଁରୀ ଜୀବନର ପବିତ୍ର ପ୍ରଥମ ସନ୍ତକ । ହେଲେ ବିଧିର ବିଧାନ । ମଣିଷ ଯାହା ଭାବେ, ଆଶାକରେ ତାହା ହୁଏନା । ଆଶା ନିରାଶାରେ ପରିଣତ ହୁଏ । ଭାଗ୍ୟର ଖେଳ । କୁଆଡ଼େ ଟାଣିନେବ କେହି ଜାଣେନା ! କାଳର ପୈଶାଚିକ ଖେଳରେ ମୋର ଭୂମିଷ୍ଠ ହେବା ଆଗରୁ ମୋର ବାପା ଏ ସଂସାରରେ ନ ଥିଲେ । ଏକ ମର୍ମନ୍ତୁଦ ଦୁର୍ଘଟଣାରେ ସେ ଏବଂ ତାଙ୍କର ବାପମାଆ ପ୍ରାଣ ହରେଇଥିଲେ ।

ପିତୃମାତୃହୀନା, ଗରିବ, ଅସହାୟା କୁଆଁରୀ ମାଆକୁ ସାନ୍ତ୍ୱନା, ସହାନୁଭୂତି ଦେଖାଇବା କିମ୍ବା ସାହାଯ୍ୟ କରିବା ପାଇଁ କେହି ହାତ ବଢ଼ାଇନଥିଲେ । ବଡ଼ବାପା, ଦାଦା ଯେଉଁମାନଙ୍କୁ ନିଜର ଭାବିଥିଲା, ସମ୍ପତ୍ତି ଲୋଭରେ ସେମାନେ ବେଶି ଘୃଣା କରିଥିଲେ । ପତିତା ବୋଲି ଧିକ୍କାର କରିଥିଲେ । ଘରୁ ବାହାର କରି ଦେଇଥିଲେ । ମୋର ମଙ୍ଗଳ ଓ ମୋତେ ଭଲ ମଣିଷ କରିବା ପାଇଁ, ଅନାଥାଶ୍ରମର ଆଶ୍ରୟ ନେଲା । ମୋତେ ଆଶ୍ରମରେ ଛାଡ଼ି, ବାରଘରେ ପାଇଟି କରି ପେଟ ପୋଷେ । ହେଲେ ରୂପ ତା'ର ବଇରୀ ହେଲା । ଏ ସମାଜ ତାକୁ ଶାନ୍ତିରେ ରଖେଇ ଦେଲା ନାହିଁ । ଦୁର୍ବୃତ୍ତମାନଙ୍କ ହିଂସ୍ର କାମନାର ଭୋକିଲା ଲୋଲୁପ ଆଖି ତା' ଉପରେ ଘୂରି ବୁଲିଲା ଦିନରାତି । ଜୀବନ ଦୁର୍ବିଷହ ହେଲା । ଜିଇଁବା ମୁସ୍କିଲ ହୋଇ ପଡ଼ିଲା । ସବୁ ଆଶା ଛାଡ଼ି, ସେ ବାଧ୍ୟ ହୋଇ ସୋନାଗାଛିର ବସ୍ତିକୁ ଆପଣାର କରିନେଲା । ବଞ୍ଚିବା ପାଇଁ ଆଶ୍ରୟ ଦରକାର । ସାହାରା ଲୋଡ଼ା ଜିଇଁବା ପାଇଁ । ସ୍ୱର୍ଗର ଘୃଣା, ତାଚ୍ଛଲ୍ୟ, ଟାହିଟାପରା, ଅମାନବୀୟ ଆଚରଣ ଅପେକ୍ଷା ନର୍କରେ ବାସ

କରିବା ତା'ଠାରୁ ସ୍ପୃହଣୀୟ ।

ମାଆ ମୋର ଏଡ଼୍ସ୍ ରୋଗରେ ପୀଡ଼ିତା । ସୋନାଗାଛିର ବସ୍ତିରେ ଜୀବନ ସହ ଯୁଝୁଛି । ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା ଚାଲିଛି । ସେ ବର୍ତ୍ତମାନ ଜୀବନର ଶେଷ ମୁହୂର୍ତ୍ତରେ ଉପନୀତ । ଔଷଧ କେତେଦିନ ସେ ସର୍ବଗ୍ରାସୀ ରୋଗ କବଳରୁ ଜୀବନକୁ ରଖିପାରିବ ? ଗତ ରାତ୍ରୀରୁ ମାଆ ବାଉଳି ହେଉଛି । ମୋତେ ଖୋଜୁଛି । ଦୁଇତିନି ଥର ଖବର ପଠାଇଲାଣି । ହେଲେ ମୁଁ ଯାଇପାରୁନି । ଅସହାୟ । ମୋର ସହକର୍ମୀ ଆସିଲା ପରେ ହିଁ କାର୍ଯ୍ୟରୁ ଅନ୍ତର ହୋଇପାରିବି । ମ୍ୟାନେଜରଙ୍କ କଡ଼ା ନିର୍ଦ୍ଦେଶ । କାର୍ଯ୍ୟ ହସ୍ତାନ୍ତର ପରେ ହିଁ ଜଣକର ଛୁଟି । କମ୍ପାନୀର ନିୟମ, ଆତିଥ୍ୟରେ ଅବହେଳା ହେଲେ ଚାକିରୀର ଅନ୍ତ । ତେଣୁ ସକାଳକୁ ଅପେକ୍ଷା କରିଛି । ଆଖିକୁ ନିଦ ନାହିଁ । ରାତିସାରା ମାଆ କଥା ଚିନ୍ତା କରୁଛି । ସେ କେମିତି ଥିବ ? ଆଉ ମାଆର ମୁହଁ ଦେଖି ପାରିବି କି ନାହିଁ ଈଶ୍ୱର ଜାଣନ୍ତି ।

ଆମ କଥୋପକଥନରେ ବହୁ ସମୟ ଅତିକ୍ରାନ୍ତ ହୋଇଯାଇଥାଏ । ପ୍ରଭାତ ଉପନୀତ ହେବାର ସୂଚନା । କାଉ, ବଣି, ପାରା ଆଦି ପକ୍ଷୀଙ୍କର କଳରବ ଶୁଣାଗଲା । ଇତି ମଧ୍ୟରେ ଗେଷ୍ଟ ହାଉସ୍‌ର କିଛି ଅତିଥି ଶଯ୍ୟା ତ୍ୟାଗ କଲେଣି । ରାଜକୁମାର ମୋ ଠାରୁ ବିଦାୟ ନେଇ ଚାଲିଗଲା । ମୁଁ ମଧ ଫେରିଆସିଲି ସକାଳର ନିତ୍ୟକର୍ମ ସାରିବା ପାଇଁ, ମୋ କକ୍ଷକୁ ।

ସ୍ନାନାଦି ନିତ୍ୟକର୍ମ ସାରି ଆମେ ଚାରି ବନ୍ଧୁ ଡ଼ାଇନିଙ୍ଗ୍ ହଲ୍‌କୁ ପ୍ରବେଶ କଲୁ ସକାଳ ଜଳଖିଆ ପାଇଁ । ଦିଲ୍‌ସାନ୍ ଆମକୁ ଖାଦ୍ୟ ପରଷିବା ଦାୟିତ୍ୱରେ ଥାଏ । ରାଜକୁମାରକୁ ନ ଦେଖି ଆଶଙ୍କାରେ ତା' ବିଷୟରେ ଦିଲ୍‌ସାନ୍‌କୁ ପଚାରିଲି । ସେ ସନ୍ତର୍ପଣରେ କହିଲା, ତା' ମାଆର ଦେହ ଅସୁସ୍ଥ । ଖବର ଆସିଥିଲା ଯାଇଛି ।

ଆମେ ବୁଲାବୁଲି ସାରି ସନ୍ଧ୍ୟାରେ ଅତିଥିଭବନରେ ପହଞ୍ଚିଲୁ । ଆମର ବାହୁଡ଼ା ଯାତ୍ରା ଥାଏ ବିଳମ୍ବିତ ସନ୍ଧ୍ୟାରେ । ସେଦିନର ଭ୍ରମଣରେ ମୋ ମନ ନ ଥାଏ । ଅନ୍ୟମନସ୍କ ଥାଏ । ରାଜକୁମାର କଥା ମନକୁ ବାରମ୍ବାର ଆନ୍ଦୋଳିତ କରୁଥାଏ । ତା'କଥା ଚିନ୍ତା କରୁଥାଏ । ଅନିଶ୍ଚିତ ଉଦ୍‌ବେଗ ଓ ଅସରନ୍ତି ଉତ୍କଣ୍ଠାରେ ମନ ଭାରୀ ହୋଇଯାଇଥାଏ ତା' ପାଇଁ । ମୋ ଚାରିପାଖର ପୃଥିବୀ ଦୁଃଖୀଦୁଃଖୀ ଲାଗୁଥିଲା ମୋତେ । ଗୋଟାଏ କରୁଣ ମୂର୍ଚ୍ଛନା ସଞ୍ଚରିଯାଇଥିଲା ମୋ ଦେହର ପ୍ରତି ରକ୍ତବିନ୍ଦୁରେ । ଅନିଶ୍ଚିତ ହତାଶାଭାବର ଲହଡ଼ି ମୁଣ୍ଡ ପିଟୁଥିଲେ ମୋ ଛାତିରେ । ମୁଁ ବେଳକୁ ବେଳ ଅପ୍ରତିଭ ହୋଇପଡୁଥିଲି । ଏଇ ଅନିଶ୍ଚିତ ଉଦ୍‌ବେଗ ଓ ଅସରନ୍ତି ଉତ୍କଣ୍ଠାରୁ ମୁକ୍ତି ପାଇଁ ଆଖିବୁଜି ଠାକୁରଙ୍କୁ ମନେମନେ ପ୍ରାର୍ଥନା କରୁଥାଏ, ତା ମାଆର ମଙ୍ଗଳ ପାଇଁ । ଭାବୁଥାଏ, ଫେରିବା ବେଳେ ରାଜକୁମାର ସହିତ ଟିକିଏ ଦେଖାହୁଅନ୍ତା କି !

ଆମେ ଅତିଥିଭବନ ଛାଡ଼ିଲୁ । ହେଲେ ରାଜକୁମାର ଫେରିନଥିଲା ।

■■■

ୟୁନିଟ୍ -୯, ଭୁବନେଶ୍ୱର



# ଧାରାବାହିକ

## ଯୋଗୀ -୨

## ସିଦ୍ଧାଚାର୍ଯ୍ୟ ଶବର

ମୀନୁ ହୋତା





ଜନ୍ମରୁ ସେ ଥିଲେ ଶବର । ଓଡିଶାର ଏକ ନିଘଞ୍ଚ ଜଙ୍ଗଲରେ ରହୁଥିଲେ । ସାଂଗରେ ଥିଲେ ଦୁଇପତ୍ନୀ ଲୋଗୀ ଏବଂ ଗୁନି। ଉଭୟେ ଥିଲେ ଦୁଇ ଭଉଣୀ । ଘଞ୍ଚ ଅରଣ୍ୟ ମଧ୍ୟରେ ଏକ ପତ୍ର କୁଡିଆ ରେ ତିନିଜଣଯାକ ଆନନ୍ଦରେ ରହୁଥିଲେ । ବଣ ରୁ ହରିଣ, ଠେକୁଆ, ମୟୂର ଓ ଅନ୍ୟାନ୍ୟ ପଶୁ ପକ୍ଷୀଙ୍କୁ ହତ୍ୟାକରି ସେମାନଙ୍କ ମାଂସ ରାନ୍ଧି ଖାଉଥିଲେ ଏବଂ ପଶୁପକ୍ଷୀଙ୍କ ଚମଡା, ହାଡ ଓ ପରକୁ ଦେହରେ ଧାରଣ କରୁଥିଲେ । କେବେ କେବେ ନିକଟବର୍ତ୍ତୀ ଗାଁ ଗୁଡିକୁ ଆସି ଘୁଡକା ନୃତ୍ୟ ପ୍ରଦର୍ଶନ କରୁଥିଲେ । ଶବର ଜଣକ ଘୋଡକା ବାଦ୍ୟ ବାଦନ କରି ଗୀତ ଆରମ୍ଭ କରିବା ମାତ୍ରେ ଦୁଇପତ୍ନୀ ଲୋଗୀ ଏବଂ ଗୁନୀ ଗୀତର ଘୋଷା ବା ସ୍ୱର ଧରି ସୁନ୍ଦର ସ୍ୱରରେ ଗାଉଥିଲେ ଏବଂ ଗୀତର ସୁରେ ସୁରେ ତାଳ ମିଳାଇ ନାଚୁଥିଲେ । ସେମାନଙ୍କ କୋକିଳ ସ୍ୱର ଏବଂ ଘୁଙ୍ଗୁରୁ ର ଶବ୍ଦ ଶୁଣି ଦର୍ଶକ ମାନେ ଗାଁ ରାସ୍ତାରେ ରୁଣ୍ଡ ହୋଇଯାଉଥିଲେ ଏବଂ ନୃତ୍ୟ, ସଂଗୀତ ଓ ଘୁଡକା ବାଦ୍ୟର ମଜା ଉପଭୋଗ କରୁଥିଲେ। ସେଥିରୁ ଯେଉଁ ମୁଦ୍ରା, କଉଡି ଓ ଖାଦ୍ୟଶସ୍ୟ ମିଳୁଥିଲା ତାହା ଥିଲା ତାଙ୍କର ଜୀବିକା ଉପାର୍ଜନ ର ଏକମାତ୍ର ପନ୍ଥା।

ଥରେ ତିନିଜଣ ଯାକ ଜଙ୍ଗଲ ଜଙ୍ଗଲ ଭ୍ରମଣ କରି କରି ପୂର୍ବ ବଙ୍ଗର ସୀମାନ୍ତ ଅଞ୍ଚଳରେ ପହଞ୍ଚିଲେ। ସନ୍ଧ୍ୟା ହେବାପରେ ସେମାନେ ଏକ ପାହାଡର ପାଦଦେଶରେ ଥିବା ବୃକ୍ଷ ମୂଳରେ ଆଶ୍ରୟ ନେଲେ । ସକାଳ ପାହିବା ପରେ ସେମାନେ ବଣ୍ୟ ଫଳମୂଳ ଖୋଜିବା ପାଇଁ ପାହାଡ ଉପରକୁ ଚଢିବା ପରେ ଗୋଟାଏ ଗୁମ୍ଫାର ଦ୍ୱାର ମୁହଁରେ ଜଣେ ଯୋଗୀଙ୍କୁ ବସିଥିବାର ଦେଖିଲେ । ଶବର ଓ ତାଙ୍କ ପତ୍ନୀଦ୍ୱୟ ତାଙ୍କ ପାଖରେ ପହଞ୍ଚି ନିଜର ନୃତ୍ୟ ପ୍ରଦର୍ଶନ କରିବା ପାଇଁ ଆରମ୍ଭ କରିବା ମାତ୍ରେ ଯୋଗୀ ଜଣକ ସେମାନଙ୍କୁ ପାଖକୁ ଡାକି ବସିବାକୁ କହି ନିଜ ମୁଣାରୁ ଏକ ଦର୍ପଣ କାଢିଲେ । ତା'ପରେ ଜଣ ଜଣ କରି ପାଖକୁ ଡାକି ସେହି ଦର୍ପଣ ଦେଖାଇଲେ । ସେହି ଦର୍ପଣରେ ଲୋଗୀ ଏବଂ ଗୁନି ନିଜର ପ୍ରତିବିମ୍ବ ପରିବର୍ତ୍ତେ ଜଣେ ଅତ୍ୟନ୍ତ ତେଜସ୍ୱୀ ପୁରୁଷଙ୍କୁ ଦେଖିବାକୁ ପାଇଲେ। ସେହି ତେଜସ୍ୱୀ ପୁରୁଷ ଜଣକ ଥିଲେ ବୋଧିସତ୍ତ୍ୱ ମହାମୁନି । କିନ୍ତୁ ଶବର ସେହି ଦର୍ପଣରେ ନିଜକୁ ନରକ ଯନ୍ତ୍ରଣାରେ ଛଟପଟ ହେଉଥିବାର ଦେଖିଲେ । ଦର୍ପଣରେ ସେହି ଦୃଶ୍ୟ ଦେଖିବା ପରେ ଶବର ଜଣକ ଅତ୍ୟନ୍ତ ଭୟଭୀତ ହୋଇ ଯୋଗୀଙ୍କ ପାଦତଳେ ପଡି ନିଜର କୃତକର୍ମ ର ଫଳ ସ୍ୱରୂପ ସେହି ନର୍କ ଯନ୍ତ୍ରଣାରୁ ମୁକ୍ତି ପାଇବାର ବାଟ ବତାଇବା ପାଇଁ ଅନୁରୋଧ କଲେ।

ସେହି ଯୋଗୀ ଜଣକ ଥିଲେ ବୌଦ୍ଧ ଗୁରୁ ନାଗାର୍ଜୁନ। ସେ ସେତେବେଳେ ସେହି ପାହାଡ ଉପରକୁ ତପସ୍ୟା କରିବା ପାଇଁ ଆସିଥିଲେ । ଗୁରୁ ନାଗାର୍ଜୁନ ସେହି ଶବର ଉପରେ କୃପା କରି ସମ୍ବର ବ୍ରତ କରିବା ପାଇଁ ଉପଦେଶ ଦେଲେ । ସେହି ଦିନଠାରୁ ଶବର ଜଣକ ଜୀବହତ୍ୟା ଓ ଜୀବ ହିଂସା ତ୍ୟାଗ କରି ଅତ୍ୟନ୍ତ କଠିନ ସାଧନା ସମ୍ବର ବ୍ରତ ପାଳନ କଲେ । ସେହି ବ୍ରତ ପ୍ରଭାବରୁ ସେ ସମସ୍ତ ପାପରୁ ମୁକ୍ତ ହୋଇ ପୁଣିଥରେ ଗୁରୁ ନାଗାର୍ଜୁନ ଙ୍କ ପାଖକୁ ଫେରିଆସିଲେ । ଗୁରୁ ନାଗାର୍ଜୁନ ତାଙ୍କୁ ପୁଣିଥରେ ଦର୍ପଣ ଦେଖାଇଲେ । ଏଥର ଶବର ଦର୍ପଣରେ ବୋଧିସତ୍ତ୍ୱ ମହାମୁନିଙ୍କୁ ଦେଖିବାକୁ ପାଇଲେ । ଗୁରୁ ନାଗାର୍ଜୁନ ତାଙ୍କୁ ଶିଷ୍ୟ ରୂପରେ ଗ୍ରହଣ କରି ମୟୂରୀବିଦ୍ୟା ପ୍ରଦାନ କଲେ । ଲୋଗୀ ଏବଂ ଗୁନି ମଧ୍ୟ ତାଙ୍କ ଶିଷ୍ୟତ୍ୱ ଗ୍ରହଣ କଲେ । ଗୁରୁଙ୍କ ଆଦେଶରେ ତିନିଜଣଯାକ ଶ୍ରୀପର୍ବତରେ ଯାଇ ମୟୂରୀବିଦ୍ୟାର ସାଧନା କଲେ ଏବଂ ସାଧନାରେ ସିଦ୍ଧି ଲାଭ କଲେ । ସେହିଦିନ ଠାରୁ ଶବର ଗୁରୁ ସିଦ୍ଧ ଶବର, ସରୋହପାଦ ବା ସିଦ୍ଧାଚାର୍ଯ୍ୟ ଶବର ନାମରେ ପରିଚିତ ହେଲେ । ତାଙ୍କର ଦୁଇ ପତ୍ନୀ ଲୋଗୀ ଏବଂ ଗୁନି ହେଲେ ତାଙ୍କର ସାଧନା ଶକ୍ତି ସହଯୋଗିନୀ ବା ଡାକିନୀ । ସେମାନେ ଦୁହେଁ ପଦ୍ମାବତୀ ମୁଦ୍ରା ଓ ଜ୍ଞାନବତୀ

ମୁଦ୍ରା ନାମରେ ପରିଚିତା ହେଲେ । ବୌଦ୍ଧ ଧର୍ମରେ ସାଧନା ଯୋଗିନୀଙ୍କୁ ମୁଦ୍ରା ନାମରେ ନାମିତ କରାଯାଏ।

ସେହି ଡାକିନୀଦ୍ୱୟଙ୍କ ସହାୟତାରେ ସିଦ୍ଧ ଶବର ଶ୍ରୀପର୍ବତରେ ସାଧନାରତ ରହି ଅଳ୍ପ ସମୟରେ ସମସ୍ତ ବୌଦ୍ଧ ତାନ୍ତ୍ରିକ ବିଦ୍ୟାରେ ସିଦ୍ଧିଲାଭ କଲେ । ପରବର୍ତ୍ତି କାଳରେ ଆଚାର୍ଯ୍ୟ ଶବର ପଶ୍ଚିମ ଓଡିଶାର ଘଞ୍ଚ ଜଙ୍ଗଲରେ ଥିବା ଗିରିଗୁମ୍ଫା ରେ ଅବସ୍ଥାନ କଲେ ଏବଂ ସମ୍ବଲପୁର ର ରାଜକୁମାରୀ ତଥା ସୋନପୁରର ରାଣୀ ଲକ୍ଷ୍ମୀଙ୍କରାଙ୍କ ଠାରୁ ସହଜଯାନରେ ଦୀକ୍ଷିତ ହେଲେ । ସହଜଯାନ ସାଧନାକରି ସେ ସିଦ୍ଧିଲାଭ କଲେ ଓ ବୌଦ୍ଧ ଚଉରାଶୀ ସିଦ୍ଧଙ୍କ ମଧ୍ୟରେ ସ୍ଥାନ ପାଇଲେ।

ଆଚାର୍ଯ୍ୟ ଶବରଙ୍କ ଅନେକ ଗୁଡିଏ ଶିଷ୍ୟ ଥିଲେ । ସେମାନଙ୍କ ମଧ୍ୟରୁ ମୈତ୍ରୀଗୁପ୍ତ ଥିଲେ ଅନ୍ୟତମ । ମୈତ୍ରୀଗୁପ୍ତ ଜନ୍ମରୁ ଥିଲେ ଜଣେ ବ୍ରାହ୍ମଣ ପଣ୍ଡିତ । ଶବରୀପାଦଙ୍କ ସିଦ୍ଧି ଓ ସୁଖ୍ୟାତି ବିଷୟରେ ଶୁଣି ସେ ଶବରୀ ପାଦଙ୍କ ଆଉ ଜଣେ ଶିଷ୍ୟ ନରୋଙ୍କୁ ସାଂଗରେ ନେଇ ତାଙ୍କୁ ଦେଖା କରିବାକୁ ବାହାରିଲେ । ସେତେବେଳେ ଆଚାର୍ଯ୍ୟ ଶବର ଶ୍ରୀପର୍ବତରେ ଅବସ୍ଥାନ କରୁଥିଲେ । ଉଭୟେ ଯେତେବେଳେ ତାଙ୍କୁ ଖୋଜି ଖୋଜି ଶ୍ରୀପର୍ବତରେ ପହଞ୍ଚିଲେ ସେମାନେ ଦେଖିଲେ ଯେ ଆଚାର୍ଯ୍ୟ ଶବର ଖଣ୍ଡେ ଶିଳା ଉପରେ ବସିଛନ୍ତି ଏବଂ ତାଙ୍କର ଡାକିନୀଦ୍ୱୟ ଶବରୀଙ୍କ ଲମ୍ବ ଜଟାକୁ ସଜାଡୁଛନ୍ତି । ସେହି ଅଠାଳିଆ ଲମ୍ବ ଜଟା ଉକୁଣୀ ଓ ଲିଖରେ ପରିପୂର୍ଣ୍ଣ ହୋଇଛନ୍ତି । ନରୋ ଯାଇ ସଭକ୍ତିରେ ଶବରୀପାଦଙ୍କ ପାଦତଳେ ପଡିଗଲେ, କିନ୍ତୁ ବ୍ରାହ୍ମଣ ମୈତ୍ରୀଗୁପ୍ତ ସେଠାରେ ଛିଡାହୋଇ ରହିଲେ । ଯେଉଁ ସିଦ୍ଧ ପୁରୁଷଙ୍କ ସହିତ ସାକ୍ଷାତ କରିବା ପାଇଁ ସେ ଆସିଛନ୍ତି ସିଏ ଯେ ଏମିତି ଅସନା ହୋଇଥିବେ ସେ ଏକଥା କଳ୍ପନା କରିପାରୁ ନଥିଲେ । ମୈତ୍ରୀଗୁପ୍ତ ଏମିତି କିଂକର୍ତ୍ତବ୍ୟବିମୂଢ ଅବସ୍ଥାରେ ସେଠି ଛିଡା ହୋଇଥିବା ବେଳେ ତାଙ୍କ ଆଖି ସାମ୍ନାରେ ହଠାତ୍ ଏକ ଅଦ୍ଭୁତ ଦୃଶ୍ୟ ଦେଖାଗଲା । "ଅଜୟୂ ର ବଳହୁ"ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଉଠିଲା ଏବଂ ଦେଖୁ ଦେଖୁ ଶବରୀପାଦଙ୍କ ଶରୀରଟା ଏକ ଉଜ୍ଜ୍ୱଳ ଇନ୍ଦ୍ରଧନୁ ର ଆକାର ଧାରଣ କଲା । ମୈତ୍ରୀଗୁପ୍ତ ଏ ଅଦ୍ଭୁତ ଦୃଶ୍ୟ ଦେଖି ଆଚମ୍ବିତ ହୋଇଗଲେ । ଶବରୀପାଦଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତି ଭାବରେ ତାଙ୍କ ଅନ୍ତର ଭରିଗଲା । ସେ ଲଜ୍ଜିତ ଓ ଅନୁତପ୍ତ ହୋଇ ଗୁରୁଙ୍କ ପାଦ ପାଖରେ ନତଜାନୁ ହେଲେ ଓ ନିଜର ଭୁଲ୍ ପାଇଁ କ୍ଷମା ଭିକ୍ଷା କଲେ । ଏହି ସମୟରେ ଆଉ ଏକ ଅଦ୍ଭୁତ ଘଟଣା ଘଟିଲା । ପଦ୍ମାବତୀ ଓ ଜ୍ଞାନବତୀ ଡାକିନୀ ଦୁଇଜଣ କୁଆଡୁ ଶୂକର ଓ ମୟୂରମାନଙ୍କୁ ନେଇଆସି ତାଙ୍କ ସମ୍ମୁଖରେ ହତ୍ୟାକଲେ । ଏହି ଦୃଶ୍ୟ ଦେଖି ମୈତ୍ରୀଗୁପ୍ତ ଭୟରେ ନିଜ ହାତରେ ଚକ୍ଷୁ ଦୁଇଟିକୁ ଢାଙ୍କି ପକାଇଲେ । ଚକ୍ଷୁ ଖୋଲି ବା ପରେ ସେହି ଭୟଙ୍କର ଦୃଶ୍ୟର ଚିହ୍ନବର୍ଣ୍ଣ ନଥିଲା । ଡାକିନୀମାନେ ପୂର୍ବପରି ଯୋଗୀଙ୍କ ଜଟା ସଜାଡିବାର ବ୍ୟସ୍ତ ଥିଲେ। ସେହି ମୟୂର ଓ ଶୂକର ଗୁଡିକ କୁଆଡେ ଥିଲେ ମଣିଷ ମନର ଦୁଷ୍ପ୍ରବୃତ୍ତି । ମୈତ୍ରୀଗୁପ୍ତ ସିଦ୍ଧ ଶବରଙ୍କ ପାଦତଳେ ପଡି ତାଙ୍କୁ ଶିଷ୍ୟ ରୂପେ ଗ୍ରହଣ କରିବା ପାଇଁ ଅନୁରୋଧ କଲେ । ଆଚାର୍ଯ୍ୟ ଶବର ତାଙ୍କୁ ଶିଷ୍ୟ ରୂପେ ଗ୍ରହଣ କରି ଡାକିନୀ ବିଦ୍ୟା ଓ ମୟୂରୀ ବିଦ୍ୟା ପ୍ରଦାନ କଲେ।

ଆଚାର୍ଯ୍ୟ ଶବର ଓଡିଶା ସମେତ ନିକଟବର୍ତ୍ତି ବଙ୍ଗ, ଆସାମ ଆଦି ରାଜ୍ୟର ପାର୍ବତ୍ୟ ଅଞ୍ଚଳରେ ବୁଲି ବୁଲି ବୌଦ୍ଧ ସହଜଯାନର ପ୍ରଚାର ଓ ପ୍ରସାର କରିଥିଲେ । ନିଜର ଦୁଇ ପତ୍ନୀଙ୍କ ସହ ମିଶି ସେ ଓଡିଶା ତଥା ଓଡିଶାର ସୀମାନ୍ତବର୍ତ୍ତୀ ଅଞ୍ଚଳ ବୁଲି ବୁଲି ସେଠାରେ ଥିବା ଆଦିମ କନ୍ଧ କୋହ୍ଲ, ସାନ୍ତାଳ, ଭୀଲ ଓ ଗଣ୍ଡ ଆଦି ଜନଜାତିଙ୍କ ମଧ୍ୟରେ ଗ୍ରାମ୍ୟ ଓ ଆରଣ୍ୟକ ଭାଷାରେ ତାନ୍ତ୍ରିକ ବୌଦ୍ଧଧର୍ମ ପ୍ରସାର କରିଥିଲେ। ଶବରୀପାଦଙ୍କ ଦ୍ୱାରା ପ୍ରଚାରିତ ହୋଇଥିବାରୁ ଏହି ବିଦ୍ୟାକୁ ଶାବରବିଦ୍ୟା ବୋଲି କୁହାଗଲା।


ଶାବରବିଦ୍ୟା ଏବେ ବି ଏହି ଆଦିମ ଜନଜାତିଙ୍କ ମଧ୍ୟରେ ବଞ୍ଚି ରହିଛି । ବରଂ ଛନ୍ଦ,ତାଳ,ଲୟ ବିହୀନ ଏହି ପାରଂପାରିକ ଗ୍ରାମୀଣ ବିଦ୍ୟା ଉପରେ ଏବେ ଆଧୁନିକ ଭାବରେ ଗବେଷଣା ଚାଲିଛି । ଶବରୀପାଦଙ୍କ ପରେ ଉପଯୁକ୍ତ ଦକ୍ଷ ଶିଷ୍ୟଙ୍କ ଅଭାବରୁ ଏହି ବିଦ୍ୟା ଲୁପ୍ତପ୍ରାୟ ଥିଲା । ପରବର୍ତ୍ତି କାଳରେ ନାଥଧର୍ମ ର ଅଭ୍ୟୁଦୟ ପରେ ଗୁରୁ ମତ୍ସ୍ୟେନ୍ଦ୍ର ନାଥ ଏବଂ ତାଙ୍କ ଶିଷ୍ୟ ଗୁରୁ ଗୋରଖନାଥଙ୍କ ପ୍ରଚେଷ୍ଟାରେ ଶାବର ବିଦ୍ୟା ପୁଣିଥରେ ପ୍ରଚାର ପ୍ରସାର ଲାଭ କଲା ତେଣୁ କେହି କେହି ଗୁରୁ ଗୋରଖନାଥଙ୍କୁ ଶାବର ବିଦ୍ୟାର ପ୍ରତିଷ୍ଠାତା ବୋଲି କହିଥାନ୍ତି। ବୌଦ୍ଧ ତନ୍ତ୍ରଯାନ, ବଜ୍ରଯାନ ଓ ସହଜଯାନ ଉପରେ ସିଦ୍ଧ ଶବର ଅନେକ ଗୁଡିଏ ପୁସ୍ତକ ରଚନା କରିଥିଲେ । ସେହି ପୁସ୍ତକ ମଧ୍ୟରୁ କେତେଗୁଡିଏ ପୁସ୍ତକ ହେଲେ-

ସିତ କୁରୁକୁଲ୍ଲା
ବଜ୍ର ଯୋଗିନୀ ସାଧନା
ସହଜୋପଦେଶ ସ୍ୱାଧିଷ୍ଠାନ
ଶୂନ୍ୟତା ଦୃଷ୍ଟି
ସହଜ ଶଙ୍କର ସ୍ୱାଧିଷ୍ଠାନ ଇତ୍ୟାଦି ।

ଆଚାର୍ଯ୍ୟ ଶବରଙ୍କ ପୂର୍ବରୁ ଦେବୀ ନୀଳତାରା ବା ଶୂନ୍ୟତାରା ଙ୍କୁ ବୌଦ୍ଧ ତନ୍ତ୍ରଯାନ ର ଆରାଧ୍ୟା ଦେବୀରୂପେ ପୂଜା କରାଯାଉଥିଲା । ଆଚାର୍ଯ୍ୟ ଶବର ତାଙ୍କୁ ପ୍ରଥମ କରି କୁରୁକୁଲ୍ଲା ଦେବୀ ରୂପରେ ପ୍ରତିପାଦନ କରିଥିଲେ। ପଶ୍ଚିମ ଓଡିଶାର ଲୋକ ସଂସ୍କୃତି ଉପରେ ଏବେ ବି ଆଚାର୍ଯ୍ୟ ଶବରପାଦଙ୍କର ପ୍ରଭାବ ଦେଖିବାକୁ ମିଳେ। ଶାବର ବିଦ୍ୟା, ଶବର ଭାଷା, ଘୁଡକା ନୃତ୍ୟ ଭିତରେ । ଘୋଡକା ବା ଘୁବକୁଡୁ ନାଚରେ ବର୍ଣ୍ଣିତ ଚଢୈୟା, ଚଢୈୟାଣୀ ଯାହାଙ୍କୁ ସାକ୍ଷୀ ରଖି ଏହି ନୃତ୍ୟ ଗତିଶୀଳ ହୁଏ ସେ ହେଉଛନ୍ତି ଆଚାର୍ଯ୍ୟ ଶବରୀପାଦ ଓ ତାଙ୍କର ଦୁଇ ଯୋଗିନୀ ।

■■■

**ହରିପୁର କଲାଁ, ମହିମାନନ୍ଦ ଆଶ୍ରମ ପାଖ,**
**ହରିଦ୍ୱାର, ଉତ୍ତରାଖଣ୍ଡ,**




**କବି ତଥା ଗାଳ୍ପିକ**
**ଯୋଗେଶ ଚନ୍ଦ୍ର ମିଶ୍ରଙ୍କର ପ୍ରଥମ କବିତା ସଂକଳନ**
**"ପ୍ରିୟ ଈଶ୍ୱର"**

## ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର
## ସାହିତ୍ୟ, ସାହିତ୍ୟିକ ଏବଂ ସାହିତ୍ୟ ସଂଗଠନ ବିଷୟରେ
## ନବୀନ ପ୍ରବୀଣ ସାହିତ୍ୟ ସ୍ରଷ୍ଟାଙ୍କୁ ନେଇ YOUTUBE
## ମାଧମରେ ଏକ ସାକ୍ଷାତକାର କାର୍ଯ୍ୟକ୍ରମ

ଆଲାପ
ସାହିତ୍ୟ, ସାହିତ୍ୟିକ ଓ ସାହିତ୍ୟ ସଂଗଠନ

https://www.youtube.com/channel/UCP8TIAy8I8b-SBPaJWnCLKg

# ପଦ୍ୟ ବିଭାଗ



# ଚକ୍ରଧର

ଶିବପ୍ରିୟା ମିଶ୍ର





ଏଇଠି ଇ ତ ମାଟିକୁ ବି
 ଚରିଯାଏ ଗାର ଗାର ଉଇ
 ଲାଲ୍ ମାଟିର ସଂସାର
 ଆବୋରିନିଏ କଞ୍ଚାଗଛର ଦେହ।
ସାଗୁଆ ପତାକା ପରି ପତ୍ର,
ଉପରେ ଧଳା ଆକାଶ
ତଳେ ନାରଙ୍ଗୀ କୃଷ୍ଣଚୂଡାର ତରଙ୍ଗ
କୁହତ ! କିଏ ଚରି ଯାଇଛି
ତା" ସ୍ୱାଧୀନତାର ରଙ୍ଗ?

କାଲିଠୁ ସେ ସେଇମିତି
ବସିଚି ପେଜ ପାଣି ନ ଥିବା
ଚୂଲି ମୁଣ୍ଡେ ପେଜୁଆ ଆଖିରେ
କିଏ ଦବ ଟଙ୍କିକିଆ ଚାଉଳ
ବିନା ରାସନ୍ କାର୍ଡରେ?

ଏଥରକ ମୁକୁଳେଇବ
 ରାସନ୍ କାର୍ଡ
ଶୁଭୁଚି ଦଦରା କାନ୍ଥରୁ ଶବ୍ଦ
ଚିରା ମସିଣା ଠିକ୍ ବୁଝୁଛି
ଭଙ୍ଗା ଅଣ୍ଟାର ଦରଜ

ହଁ ତ, ସିଏ ହାତ ଯୋଡୁଚି
କ୍ୟାଲେଣ୍ଡରରୁ ତା' ଆଡେ
ଚାହିଁଥିବା କାଗଜ କୃଷ୍ଣଙ୍କୁ
ଆହା,ଏଇନା ତ
ହସିଲେଣି ଦିଅଁ ମୁରୁ ମୁରୁ
କହିଲେଣି, ଟିକେ ଧୈର୍ଯ୍ୟ ଧର
ମୁଁ ଇ ତ ମୂକ ସାକ୍ଷୀ ତୋ ଦୁଃଖର ।

ସିଏ ଏବେ ପୁରାପୁରି ସ୍ୱାଧୀନ
ତା' ହାତରେ ନା ମାଳା ନା ମନ୍ତ୍ର
ନା କାକୁତି ମିନତି ସ୍ତୁତି ନା ସ୍ତବ
ଦୁଇ ଆଖିରେ ଘମାଘୋଟ ନିଦ
ସତେକି ନିସ୍ତରିଗଲା ଚକ୍ରଧର
ପିଞ୍ଜରାରୁ ଡାକ ଛାଡୁଛି ଶୁଆ
ପକ୍ଷୀ ଜନ୍ମରୁ ପାରିକର ।



■■■

ସଦସ୍ୟା ଓଡ଼ିଶା ସାହିତ୍ୟ ଏକାଡେମୀ,
ଝାରସୁଗୁଡ଼ା,
ମୋ:୯୮୬୧୨୩୪୨୧୧

# ଦୃଶ୍ୟ ଓ ଦ୍ରଷ୍ଟା

ପ୍ରଫେସର ବୀଣାପାଣି ତ୍ରିପାଠୀ



ଖୁବ ନିବିଷ୍ଟ ରେ ନିରେଖି ଦେଖୁଥିଲି
ଅବିରତେ ଧାବମାନ ସମୟ
ବଦଳି ଯାଉଥିବା 'ମୁଁ' ପ୍ରତି ମୁହୂର୍ତ୍ତ ରେ ।

ମୋ ଭିତରେ କମନୀୟ ଦେବୀ ରୂପ
ନିଜକୁ ଈଶ୍ୱରୀ ଲାଗେ
ଆଉ କେବେ ଅନେକ ଅବିଗୁଣ
ଗୋଟେ ପରେ ଗୋଟେ ଦେଖା ଯାଏ
ମୁଁ ରାକ୍ଷସୀ ପାଲଟେ ।



କେବେ ନିରୋଳା ପ୍ରେମ ରେ ବୁଡୁ ବୁଡୁ
କେଉଁ ଏକ ଅନିର୍ବଚନୀୟ ଉଚ୍ଛ୍ୱାସ
କେବେ ସମବେଦନା ରେ ହୃଦୟ କାନ୍ଦୁ ଥାଏ
ଆଉ କେବେ ମୁଁ ପାଷାଣ ପାଲଟେ
ଶୁଭେ ନାହିଁ କିଏ ସେଠି ମୁଣ୍ଡ ପିଟେ
ମୋ ଆଶ୍ୱାସନା ଖୋଜେ ।

କେବେ ପ୍ରଶାନ୍ତି ମୁଦ୍ରାରେ ମୁଁ ଧ୍ୟାନ ରତ
କେବେ ଗୋଟିଏ ଶବ୍ଦ ରେ ଖୁବ ବିଚଳିତ...
ମୁଁ ମୋ ନିଜଠୁ ଦୁରେଇ ଯାଇ ମୋତେ ଦେଖୁଥାଏ
ଦୃଶ୍ୟ ସବୁ ବାରମ୍ବାର ବଦଳୁଥାଏ ଋତୁ ପରି
ମୁଁ ତନ୍ନ ତନ୍ନ ଦେଖୁଥାଏ
ନିଜକୁ ଦୃଶ୍ୟ ମନେକରି ।

ଏ ବିଭକ୍ତ ପ୍ରକ୍ରିୟା ରେ ବିଚଳିତ ହୁଏନା ମୁଁ
ପ୍ରଶ୍ନ କରେ ଓ ଉତ୍ତର ଖୋଜେ
ଆରୋହଣ ଓ ଅବରୋହଣ ମୁହୂର୍ମୁହୁ ଚାଲିଥାଏ
ଦ୍ରଷ୍ଟା ହୋଇ ନିଜେ ମୁଁ ଦୃଶ୍ୟ ରେ ବଦଳି ଯାଏ ।

■■■

ମଧୁବନ, ଢେଙ୍କାନାଳ



# ଆକାଶ

ବିଷ୍ଣୁପ୍ରିୟା ମହାପାତ୍ର

ଏବେ ବଞ୍ଚିବା ଏକ ଛଳନା
ନିରାଶା ଯନ୍ତ୍ରଣା କରେ ଆନମନା
ଦୂରୁ ଦେଖେ ସେଇ ଧୂମାନ୍ତ ଗଗନ
ଯାହା ସନ୍ଦର୍ଶନେ ଆନନ୍ଦିତ ତନୁମନ
ଏଇ ସେଇ ନୀଳାକାଶ, ଯିଏ
କବିମନେ ଭରୁଥିଲା ଭାବର ଜୋଛନା।

ଶାନ୍ତ ସ୍ନିଗ୍ଧ କମନୀୟ ରୂପର ପ୍ରତୀକ
ଦୁଃଖି ମନ ଉପଶମେ  ଭୂମିକା ଅନେକ
ମିଥ୍ୟା ଭ୍ରମେ ଆସକ୍ତ ଏ ମଣିଷ
ମାୟା ଛନ୍ଦେ ବନ୍ଧା ହୋଇ ହୁଏ ଛଟପଟ ।
ଛକିଶୂନ ଖେଳ ର ଯେ ଫଳାଫଳ ଶୂନ୍ୟ
ନିର୍ବୋଧ  ଜାଣେନା ବିଧିର ଏ ସଙ୍କେତ
ବିଭୂପଦେ ସମର୍ପିତ କଲେ ହେବ
ଏ ଭାବ ବୈତରଣୀରୁ ମୁକତ ।



ନୂଆ ଆଶା ସଞ୍ଚରିବ ମନେ
ଦୂରେ ଫିଙ୍ଗି  ହତାଶା ନିରାଶା
ନୀଳ ଆକାଶର ତଳେ ରଚିଯିବା
ସୁନ୍ଦର ସଂସାର, ଯହିଁ ଥିବ ସ୍ନେହ ପ୍ରେମ
ମଧୁର ଚେତନା ଆଉ ପୁଲକିତ ହେବ
ପୁଣି ମଣିଷ ଜୀବନ,
ଗଢ଼ିବ ନୂଆ ସଂସାର,
ମୈତ୍ରୀ, ପ୍ରୀତି, ଶ୍ରଦ୍ଧା  ସମ୍ମାନର ।

ସମୟର ବାଲିବନ୍ତ ପରେ
ଛାଡ଼ିଯିବା ବହୁ ପଦଚିହ୍ନ
ସାକ୍ଷୀ ଥିବ ଏ ନୀଳ ଆକାଶ
ଉତ୍ତର ପୀଢୀକୁ ଦେବ କିଛି ପୂର୍ବାଭାସ
ସଦା ବିରାଜିତ ନଭ ହେବ ମୂକ ସାକ୍ଷୀ
ଏ ବୀର ପ୍ରସବନୀ ଧରଣୀ ରାଣୀର ।

■■■

ଅଧ୍ୟାପିକା, ଓଡ଼ିଆ ବିଭାଗ
ମହିମା ମହାବିଦ୍ୟାଳୟ, ଜୋରନ୍ଦା,ଢେଙ୍କାନାଳ
ମୋ: ୭୩୭୭୧୯୭୮୬୭

# ସ୍ମୃତି

ମନୋରମା ମିଶ୍ର



ଜହ୍ନର ଚାନ୍ଦୁଆ ତଳେ
ଦୁହେଁ ଆମେ ପ୍ରୀତି ଭୋଳେ
ବିତାଇଥିଲେ ଟି କେତେ ଯାମିନୀ,
ସାଗର ବେଳାରେ ବସି
କଥା ହେଉଥିଲେ ମିଶି
ସମୟର ଆକଟକୁ ନ ମାନି ।।

ରାଗରୁଷା ଅଭିମାନ
ମନଛୁଆଁ କଥାମାନ
ଜୀବନ ଖାତାରେ ଲେଖା ରହିଛି
ଖୋଲିଦେଇ ଥରେ ଥରେ
ବିଜନେ ଏ ମନ ଝୁରେ
ସେଦିନକୁ ଯାହା ବିତିଯାଇଛି
ସ୍ନେହ ସୋହାଗରେ ଭରା
ଅତୀତ ଯେ ଅପାଶୋରା
ସବୁଅଛି କିଛି ହଜିଯାଇନି ।।



ସପନ ସଉଧ କେତେ
ତୋଳିଥିଲେ ଅଜାଣତେ
ଜୀବନର ଆଶା ସବୁ ସଜେଇ
ରାଗ ଅନୁରାଗ ମିଶା
ନୀରବ ଆଖିର ଭାଷା
ସ୍ମୃତି ହୋଇ ଦିଏ ମନ ଭିଜେଇ
ଆଜି ଦିନେ କାଲି ହେବ
ଅତୀତ ପାଲଟିଯିବ
ଏକଥା ଏ'ମନ ଜମା ବୁଝେନି ।।

■■■

ନୀଳାଦ୍ରି ବିହାର, ଭୁବନେଶ୍ୱର
ମୋ - ୮୭୬୩୭୦୦୭୦୪

# ସ୍ୱପ୍ନ ନା ଜାଗୃତି

ଅଧ୍ୟାପକ ଅଜୟ ପଟ୍ଟନାୟକ





ସ୍ୱପ୍ନ ଦେଖେ ମୁଁ,
କଳା ପ୍ଲାଷ୍ଟିକ୍ ଜରିରେ ଗୁଡାଇ କରି
ଆଣୁଛନ୍ତି ମତେ କଳିଙ୍ଗ ହସ୍‌ପିଟାଲରୁ ।
ଅପମୃତ୍ୟୁ ବୋଧେ,
ହୋଇପାରେ ଦୁର୍ଘଟଣା, ଆତ୍ମହତ୍ୟା,
ହତ୍ୟା ବା ଆଉ କିଛି ।
ନ ହେଲେ ପୋଷ୍ଟମର୍ଟମ କାହିଁକି ?
କାନ୍ଦୁଛନ୍ତି ପତ୍ନୀ, ପୁତ୍ର
କାନ୍ଦୁଛନ୍ତି କଥା ହେଉ ନ ଥିବା,
ବାଟ ଭାଙ୍ଗି ଚାଲି ଯାଉଥିବା ସହୋଦର ଭାଇମାନେ ।
ମୁହଁ ଫୁଲାଉଥିବା, କୁତ୍ସା ରଟୁଥିବା ପଡୋଶୀଗଣ ।
କିଛି ସୁହୃଦ ବନ୍ଧୁ, ଜଣା ଅଜଣା ଶୁଭେଚ୍ଛୁ ମାନେ ।
ନିଦ ଭାଙ୍ଗେ, ଅନୁଭବ କରେ ମୁଁ ଜୀବିତ ।
ଭାବେ, ମୃତ୍ୟୁ ତ ଧ୍ରୁବ ସତ୍ୟ,
ମୋ ଶବ ଉପରେ ଢଙ୍କା ହୋଇଥାଉ
କଳା ପ୍ଲାଷ୍ଟିକ୍ ଜରି ଅବା ଧଳା ନୂଆ ଧୋତି ।
ପୁଣି ଭାବେ,
ସ୍ୱପ୍ନ ମୋର ସତ୍ୟ,
ବା
ଜାଗୃତ ମୋ ସତ୍ୟ ?
ନା. ଆଉ କିଛି ଅଛି,
ଯାହା ନିତ୍ୟ, ସତ୍ୟ, ଚିରନ୍ତନ ?

ନୈମିଷାରଣ୍ୟ, ଜି.ଏ. ୧୧୬. ନିଳାଦ୍ରିବିହାର
ମୋ- ୯୯୩୭୫୭୯୩୫୯

# ଭକ୍ତି

ବ୍ୟଙ୍ଗ କବିତା

ବିରଞ୍ଚି ମିଶ୍ର



କି ଦେଇ ତୋଷିବି, ଯାହା ମୁଁ ପାଉଛି
ସବୁ 'କର' ପରସାଦ ।
ଯା' କର ପ୍ରସାଦ, ତା' କରେ ଅର୍ପିଲେ
ହେବ କିଆଁ ଅପରାଧ !?

"ମୁଁ" କାର ମାତର, କହିବାକୁ ଲାଜ
"ମୋ" ଶବଦେ କି ଆକଟ !
ମୋ ନାମେ ତୁମକୁ ଯାହା ଦେଉଅଛି
ଘେନ ତା' ଭୋଟ ସମ୍ରାଟ ।।

ମୋ ଛତା, ମୋ ଜୋତା,
ମୋ ବସ, ମୋ ବସା
ମୋ ଇସ୍କୁଲ, ସାଇକଲ ।
କାଳିଆ, ବଳିଆ, ସବୁ ତୁମ ପାଇଁ
ତୁମେ ହିଁ ମୋହରି ବଳ ।।



■■■

(ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସ୍ମୃତିରେ ଏହା ମୋର ଭକ୍ତି ନିବେଦନ ।)

ଓଲ୍ଡ୍ ଟାଉନ୍, ଭୁବନେଶ୍ୱର

# ଭଲ ମଣିଷ

ଯଜ୍ଞଦତ୍ତ ସାମନ୍ତରାୟ





ଖୁବ୍ ସୁନ୍ଦର ଚେହେରା ବି ଦିନେ
ବୁଢା ହୋଇଯାଏ,
ବଳିଷ୍ଠ ଶରୀର ବି ଦିନେ
ମଉଳି ଯାଏ,
ପଦ,ପଦବୀ ଓ ପ୍ରତିପତ୍ତି ବି ଦିନେ
ଶେଷ ହୋଇଯାଏ,
ହେଲେ, ଜଣେ ଭଲ ମଣିଷ
ସବୁବେଳେ ଭଲ ମଣିଷ
ହୋଇ ରହିଥାଏ ।

■■■

ସମ୍ପାଦକ, ଗୁଞ୍ଜନ
କବିସୂର୍ଯ୍ୟ ନଗର, ଗଞ୍ଜାମ
ମୋ - ୯୩୩୭୪୪୪୯୨୪

# ପ୍ରଦ୍ୟୁମ୍ନ

ଜ୍ୟୋତିପ୍ରକାଶ ଗଡ଼ତ୍ୟା



କେମିତି ପୋଛିବ
ମାଁ ଆଖିର ଲୋତକ, ଘୋଡ଼େଇ ଦେବ
ମା' ର ପଣତକାନି, ଅବା ଶୋଇଯିବ ନିଘୋଡ଼ରେ
ଓଦା ଶେଯ ପୁଣି, ଉଦର ଭରିବ
ମା' ର ଭୋକିଲା ପେଟର ବାକିତକ ସଂଚିତ ଆହାର ।
ଅନ୍ତହେଲା
ପ୍ରତୀକ୍ଷା ଆଉ ଅପେକ୍ଷାର
ଆଉ ଶୁଭୁନାହିଁ ଅଳି ଅଝଟ ଅବା
ମା' ମା' ଡାକ ପୁଣି,ଘର ଅଗଣା ବାଡ଼ି ବଗିଚାରେ
ଭାଇ ଭଉଣୀର ଖେଳ
ପାଠପଢ଼ା ସାଙ୍ଗସାଥୀ ମେଳ, ବିଦ୍ୟାଳୟ ଆଉ ଘରର
ଦୂରତା ସଂକୀର୍ଣ୍ଣ, ସ୍ୱାର୍ଥପର ଯେମିତି ସଭିଏଁ
ଫୁଲଟିଏ ହୋଇ ଫୁଟିବା ଆଗରୁ
ଝଡ଼ିଗଲା କଳିକାଟିଏ ହୋଇ
ବିଶ୍ୱାସର ପୃଥିବୀରେ ବିଷର ବଳୟରେ
ଚକ୍ରାନ୍ତ, ଷଡ଼ଯନ୍ତ୍ରରେ ହଜିଗଲା
କେଉଁ ଅବା ବେଳରେ
ପ୍ରଦ୍ୟୁମ୍ନ ନୁହେଁ ଶ୍ରୀକୃଷ୍ଣଙ୍କ ପୁତ୍ର
ବରଂ ଏକ ସାମାଜିକ ଚରିତ୍ର ।



■■■

ସର୍ଗିଗୁଡ଼ା, ଟିଟିଲାଗଡ଼, ବଲାଙ୍ଗିର
ମୋ: ୯୬୫୮୮୨୭୫୫୨

# ଅସ୍ତ୍ର ଉଠାଅ ଝିଅ

ଡ. ନଳିନୀ ବେହେରା



ବହୁତ ହୋଇଗଲା ଆଖିରୁ ଲୁହ
ଗଡାଇବା
କପାଳରେ କରମାରି
ନିଜ ଭାଗ୍ୟ କୁ ନିନ୍ଦିବା।
ମାଟି ଉପରେ ଲୋଟି ପଡ଼ିଥିବା
ଧୂଳି ଧୂସରିତ ଶରୀରକୁ
ଉତଥିତ କରି
ଏବେ ନିଜ ପାଇଁ ନିଜେ
ଅସ୍ତ୍ର ଉଠାଅ ଝିଅ ।
କାରଣ ତୋ ସ୍ବାଭିମାନ ର
ମାନ୍ ରକ୍ଷା ପାଇଁ ଆଉ ଈଶ୍ୱର ଆସିବେ
ନାହିଁ।

ଗୋଟିଏ ନାରୀ କୁ
ଆଇନ୍ ର ଦେବୀ ସଜାଇ
ତା'ର ଆଖିରେ ବାନ୍ଧି ଦିଆଯାଏ
ଅନ୍ଧପୁତୁଳି।
ହାତ ଗୋଡରେ
ଲୁହାର ଶିକୁଳି।
ତାପରେ ହୁଏ
ସେଇ  ନାରୀ ର ଚିର ହରଣ ହୁଏ
ନ୍ୟାୟାଧୀଶ ଓ ମନ୍ତ୍ରୀ  ପାରିଷଦ ସହିତ
ନିଜ ଗୁରୁ ଗୁରୁଜନଙ୍କ ସାମ୍ନାରେ।
ସମସ୍ତେ ପାଲଟିଗଲେ
ଅନ୍ଧ ମୂକ ଆଉ ବଧୀର।
ତୁ କାହାକୁ ନ୍ୟାୟ ମାଗିବାକୁ ?

ଏଠି ନ୍ୟାୟାଧୀଶ
ସ୍ବୟଂ ଦୁଃଶାସନ
ତା ହାତରେ ଥାଏ
ଏ ରାଜ୍ୟ ର ଶାସନ।
ତୋ ଅଜାଣତରେ
ଗୋଟି ଚଲା ସରିଯାଇଥାଏ
କେବେଠାରୁ।
କେବଳ ନାମକୁ ମାତ୍ର ମୋହରା ତୁ
ପାଦର ଚପଲ ଛିଡେ
ଦେହରୁ ଆୟୁଷ ସରେ
ଆଖିରେ ଆଶା ମରେ
ତଥାପି ନ୍ୟାୟ ମିଳେନା।

ନିଜ ଆତ୍ମ ସମ୍ମାନ ପାଇଁ
ଅସ୍ତ୍ର ଉଠାଅ ଝିଅ।
ଗୌତମ ଅଗଣାରେ ପାଶାଣୀ ହୋଇ ପଡିରହିବା
ତୋ ଭାଗ୍ୟ ନୁହଁ ।
ପାଞ୍ଚ ପତିର ପତ୍ନୀ ହୋଇ
ଦୁଇ ହାତରେ ନିଜ ମୁହଁକୁ ଲୁଚେଇ
ଦାସୀତ୍ବକୁ ସ୍ୱୀକାର କରିବା
ତୋ ଭାଗ୍ୟ ନୁହେଁ।

ଅବଳା ତୁ ନୁହଁ,
ଲହ ଲହ ଜିହ୍ବା ଟେକି ଜଳୁଥିବା
ଦବାନଳରେ ପଶି ସତୀତ୍ୱ ପ୍ରମାଣ ଦେବା
ଦୁର୍ବଳା ତୁ ନୁହଁ,
ତୁ ନାରୀ, ତୁ ଦୁର୍ଗା, ତୁ କାଳୀ
ତୁ ବହ୍ନିକନ୍ୟା,
ନିଜର ସୁରକ୍ଷା ପାଇଁ
ପୃଥିବୀର ରକ୍ଷା ପାଇଁ
ଅସ୍ତ୍ର ଉଠାଅ ଝିଅ,
ବିଶ୍ୱ ଶାନ୍ତି ଯଜ୍ଞ ପାଇଁ ଉଠାଅ
କୃପଣ, ଖର୍ପର ଶୁଳ, ତ୍ରିଶୁଳ,
କଦମ ତୋଳୁ ସହସ୍ର ପାଦ
ସହସ୍ର ଉଠୁ ସହସ୍ର ବାହୁର ବଳ,
ଏବେ ଅସ୍ତ୍ର ଉଠାଅ ଝିଅ ।

■■■

ଅଧ୍ୟାପିକା ଓଡ଼ିଆ ବିଭାଗ
ବହୁଗ୍ରାମ ସ୍ନାତକ ମହାବିଦ୍ୟାଳୟ,ବହୁଗ୍ରାମ, କଟକ
ମୋ- ୮୭୬୩୧୩୫୯୯୨

# ଆସଇ ରୂପେଲି ରଜ

ଅନସୂୟା ବାରିକ





ଠେକି ଉଠା ସଙ୍କରାନ୍ତି ସରଇ ଯେବେ
ରଜ ରଜ ବାସନା ଟା ଆସଇ ତେବେ
ନୂଆ ରୂପେ ପାଳିବାକୁ ରୂପେଲି ରଜ
ନବ ଭାବନାରେ ଭରା ମନ ରାଇଜ ||

ଓଡ଼ିଆ ର ସଂସ୍କୃତି ରେ ଶୋଭା ଏ ରଜ
ସ୍ମୃତି ରେ ଅଗଣା ରେ ଭରା
ସୁନ୍ଦର ସଜ ପୋଡ଼ପିଠା ଚକୁଳିରେ ନଡ଼ିଆ
ଛେନା ପୁର ଦେଇ କରେ ବୋଉ ମନ ଛାଡେନା ||

ଆମପାଇଁ କେତେ ନୂଆ ପୋଷାକ ଧରି
ଆସୁଥିଲେ ବାପା ଖେଳେ ଖୁସି ଲହରୀ
ତାସ ଲୁଡୁ ସାଥେ କେତେ ଫୁଲର ଦୋଳି
ପିଲାଏ ଖେଳନ୍ତି ଖେଳ ଭଳିକି ଭଳି ||

ଆବାଳ ବୃଦ୍ଧ ବନିତା ଆନନ୍ଦ ଭରେ
ପାଳୁଥିଲେ ରଜ ମିଳି ପ୍ରୀତି ପ୍ରାଣରେ
ରଜପର୍ବ ନିଏ ଏବେ ନୂତନ ରୂପ
ବଦଳଇ ଯେଉଁ ପରି ବିଶ୍ୱ ସ୍ୱରୂପ ||

କୁମାରୀଙ୍କ ପାଇଁ ଥିଲା ରଜର ସୁଖ
ଆଜିର ନାରୀଏ ରଜ ପାଳନ୍ତି ଦେଖ
ସରବେ ଆନନ୍ଦ ଏହି ରଜ ଉତ୍ସବେ
ନେତା ଓ଼ ଜନତା ମିଳି ପାଳନ୍ତି ସର୍ବେ ||

ଶଙ୍ଖ ଫୁଙ୍କା, ବାସ୍କେଟ ବଲ
ମିଉଜିକ ଚେୟାର
ଝୋଟିଚିତା ସାଥେ ନାଚ ଗୀତର ସମ୍ଭାର
ସାନ ବଡ଼ ଭେଦ ଭୁଲି ସର୍ବେ ବିଭୋର
ରଜ ସତେ ବନ୍ଧୁ ଆମ ଜନ୍ମ ଜନ୍ମ ର ||

ପିଠା ପଣା ଷ୍ଟଲ ଦେଇ କେତେ ଯେ ମହିଳା
ପ୍ରତେହୁଏ ସତେ ଅବା ଖୁସିର ପସରା
ତା ସାଥେ ଶୋଭା ବଢାଏ ବନ୍ଧୁ ମିଳନ
ରଜ ସେତ ବାନ୍ଧିଦିଏ ଭାବ ବନ୍ଧନ ||

ଆନନ୍ଦ ଆଣି ଆସୁଛି ରଜ ପରବ
ଓଡିଆ ସଂସ୍କୃତିର ସେ ବଡ଼ ଗଉରବ
କେତେ ପ୍ରସ୍ତୁତିର ଏବେ ଆସେ ସୂଚନା
ଆମ ଭାବ ସମ୍ପର୍କର ଶୁଭଭାବନା ||

ବଢ଼େ ବନ୍ଧୁତା ପ୍ରସରେ ଗୁଣ ଆମର
ସୃଷ୍ଟିହୁଏ ହୃଦୟରେ ଏକତା ବଳ
ଉତ୍କଳର ମାନ ଏବେ ବଢାଏ ରଜ
ମନ ବନେ ତନୁଲତା ହୂଏ କି ସଜ ||

■■■

ବି.ଡି.ଏ. କଲୋନୀ, ଚନ୍ଦ୍ରଶେଖରପୁର
ଭୁବନେଶ୍ୱର

# ସମ୍ବାଦିକତା

**ଶର୍ମିଷ୍ଠା ମିଶ୍ର**



ତୁ କବି ମୁଁ କବିତା
ତୁ ଲେଖକ ମୁଁ ଲେଖା
ମୁଁ କାଗଜ କଲମର ସୁନ୍ଦର ଗାରେ
ଅକ୍ଷର ତୁ ଅଙ୍କା ବଙ୍କା
ଲିପିବଦ୍ଧ ହୁଏ ଅନ୍ତରର କଥା
ଆଉ ଅଳ୍ପ କିଛି ବ୍ୟଥା
ପାରିପାର୍ଶ୍ୱିକ ର ସବୁ ଦୁଃଖ କଥା
ସାମାଜରେ ମନୁଷ୍ୟ ପ୍ରତି ହେଉଥିବା
କଠୋରତା
କେତେ ପ୍ରକାର ନେତା କଥା
ରାଜନୀତିର ମହାଗାଥା
ଆଉ ସଂସାରରେ ହଉଥିବା କଳୁଷିକତା
ହସ, କାନ୍ଦ, କ୍ରୋଧ, ମୋହ ର
ବିରାଟ ବିରାଟ ଲେଖା
ଭୟଙ୍କର ଶବ୍ଦର ସଂଯୋଜନା ରେ
ଶ୍ରୋତା ପିଟି ଦିଏ ମଥା
ଆମେ ସମସ୍ତେ ଜାଣିବା କଥା
ଏହା ନୁହେଁ ସାଧାରଣ କଥା
ଯାହାକୁ ଆମେ କହିପାରିବା
ସାମ୍ବାଦିକତା... ସାମ୍ବାଦିକତା... ।



■■■

ଭାଟିପଡ଼ା, ଟିଟିଲାଗଡ଼

# କ୍ୟାବିନ୍ ନମ୍ବର - ୪୧୩

## ନିହାରିକା ରାୟ ବରାଳ



ସବୁ  ଆଶା, ଆକାଂକ୍ଷାମାନେ କେବେଠାରୁ
ଘୋଡେଇ ହେଇ ସାରି ଥିଲେ
ବିବସତାର ଧଳା ଚାଦର
ସମୟ ଉଙ୍କିମାରୁଥିଲା
ଜଗିଥିବା ଦରୱାନର ଆକାଶିଆ ସାର୍ଟର
ବେଧଡକ ମୌନତା ଭିତରେ
ବେଡ଼ରେ ଶୋଇଥିଲା
ସ୍ୱପ୍ନଦେଖି ଡରିଯାଇଥିବା
ଗୋଟେ ଲତପତ ରାତିର
କଳା ମଚମଚ ଭୈରବୀରୂପ
କୋଠରୀସାରା ପଦଚାଳନା କରୁଥିଲା
ହତବିମ୍ବର କରୁଣ ନିଶ୍ୱାସ
ଶବ୍ଦମାନେ କଏଦ ହେଇସାରିଥିଲେ
ସାଲାଇନର ବୁନ୍ଦା ବୁନ୍ଦା
ମଛର ମ୍ରିୟମାଣରେ
କେବଳ ଯାହା ଅଣନିଶ୍ୱାସୀ ହେଉଥିଲେ
ହାରିବା କି ହରାଇଦେବାର
ଅନ୍ତର୍ମୁଖୀ ଯୁଦ୍ଧ ଡାକରାରେ
ଅପେକ୍ଷା ଥିଲା କାଳରାତ୍ରିର
ଊର୍ଦ୍ଧଗମନରେ
ଚିପୁଡିଥିବା ଦୁର୍ଭାଗ୍ୟର
ମହୁଫେଣାରେ
ଅପେକ୍ଷା ଥିଲା ନୂଆ ସୂର୍ଯ୍ୟର ଆଗମନକୁ
ଅପେକ୍ଷା ଥିଲା ସକାଳର ଗଣ୍ଠିଲିରେ
ଖୋଲି ଦେଖିବାକୁ
ଭାଗ୍ୟର ବିଡମ୍ବନା
ଅବା ଭଗବାନଙ୍କ ଆଶୀର୍ବାଦର
କାଣିଚାଏ ରେଣୁର କରିସ୍ମା ।



■■■

ବି-୧୦, ପ୍ରତିଭା ଏନ୍‌କ୍ଲେଭ୍ ,
ବିଜେବି ନଗର, ଭୁବନେଶ୍ୱର-୧୪

# ମୃତ୍ୟୁ

ସରୋଜ କୁମାର ଶତପଥୀ



ମୃତ୍ୟୁ,
ମୋ' ଦ୍ୱାରେ ତୁମ ସେବକ ଆସି ଉପଗତ
ଅଜଣା ସମୁଦ୍ର ପାରିହୋଇ
ସେ ଆଣିଛି ମୋ' ଗୃହେ ତୁମ ଆମନ୍ତ୍ରଣ ।

ରାତ୍ରୀ ତ ଅନ୍ଧାର, ହୃଦୟ ବି ଭୟପୂର୍ଣ୍ଣ
ତଥାପି ମୁଁ ହସ୍ତେ ଦୀପ ନେଇ
ମୋ ଦ୍ୱାରେ ଜାଳିବି,
ନତଶିରେ ତାହାଙ୍କୁ ମୁଁ ସ୍ୱାଗତ କରିବି,
ସେ ଯେ ତୁମ ବାର୍ତ୍ତାବହ ମୋ' ସମୀପେ ।

ଯୋଡ଼ ହସ୍ତେ, ଅଶ୍ରୁ ଅଞ୍ଜଳିରେ
ତାଙ୍କ ସ୍ତୁତି ଗାନ ମୁଁ କରିବି
ମୋ' ହୃଦ ସଂପଦ ତାଙ୍କ ପାଦତଳେ ଥୋଇ
ତାଙ୍କୁ ଆରାଧନା ମୁଁ କରିବି ।

ତାଙ୍କ କାର୍ଯ୍ୟ ଶେଷକରି ସେ ତ ଫେରିଯିବେ
ପ୍ରଭାତେ ମୋ' କୃଷ୍ଣଛାୟା ଘୋଟିଯିବ
ମୋ' ନିର୍ଜନ ଗୃହେ,
ତୁମକୁ ଶେଷ ନୈବେଦ୍ୟ ରୂପେ
ମୋ' ପରିତ୍ୟକ୍ତ ସତ୍ତା ପଡ଼ିଥିବ ।

■■■



ସମ୍ପାଦକ, ଇ-ପତ୍ରିକା
ମୋ : ୯୯୩୭୧୨୮୫୪୭

# ବିନ୍ତି

(କୋଶ୍ଲୀ କବିତା)

ପ୍ରଜ୍ଞା ଦର୍ଜୀ ମହାପାତ୍ର





ପହେଲା ଦେଖାଥି ନିଜର କଲୁ
ଆଖିଥି ମିଶେଇ ଆଖି
ସେ ଦିନୁ ଟୁରା ବଦ୍ଲା ଭାବ
ମହୁଲ୍ ଝାର୍ ଅଛେ ସାଖୀ ।

ପୀରତି କର୍ବାର୍ ମହୁ ଚଖାଲୁ
କେତେ ଯେ' ନିଜର୍ କରି
ତୋର୍ ବିନା ନାଇଁ ପାରେଁ ଗା' ରହି
ବଁଚୁଛେଁ ମୁଇଁ ମରି ମରି ।

ଘଡ଼େ ନାଇ ଦେଖ୍ଲେ
ଭଲ୍ ନାଇ ଲାଗେ ମନ୍
ହଉଥିସିଁ ଝୁରି ତତେ
ତୋର୍ ବିନା ଇ ଜୀବନ୍ ଟା ମୋର୍
ଅସାର୍ ଲାଗୁଛେ କେତେ
ଖାଇ ମୋର କିରିଆ, କହ ଦଗାଦିଆ
ଛାଡ଼ି ନାଇଁ ପଲାବୁ ମତେ ।

■■■

ଦର୍ଜୀ କମ୍ପ୍ଲେକ୍ସ, ମେନ୍ ରୋଡ଼୍, ଟିଟିଲାଗଡ଼,
ମୋ : ୭୯୭୮୭୫୩୪୪୦

# ମୁଇଁ ଆର୍ ମୁଇଁ ନାଇଁନ

(କୋଶ୍‌ଲୀ କବିତା)

**ଯୋଗେଶ ଚନ୍ଦ୍ର ମିଶ୍ର**



ମୁଇଁତ ଆର୍ ମୁଁଇଁ ନାଇନ
ମୋର୍ ଦେହେ ମନ୍ ଛିର୍ ପଟ୍
ସବୁଠାନେ ତୁଇ ମାଡି ବସିଛୁ
ତତେ ନିଜର୍ ଭାବ୍ ଲା  ଦିନୁ
ଦିନ୍ ଆର୍ ରାଏତ୍ ଏକା ଲାଗୁଛେ
ହର୍ମେସା ତୋର୍ କଥା ହେତେଇ
ମନ୍ ବଗିଚାଥି ମଲି କୁରେ କିଆ ଫୁଟୁଛନ୍
ଆଁଏଖ୍ ମୁଜ୍ ଲେ  ଦିଶି ଜଉଛେ
ତୋର୍ ଖଜରିଆ ଚଁଣ ମୁହୁଁ ମଲ୍କା
ଜନ୍ କେ ଦେଖ୍ ଲେ  ତୋର୍ ଚକା ମୁଁହୁ
ତରାଥି ମୁଡର୍ ବିନ୍ଦି
ମନ କଦମ୍ ର ତଲେ
ପେରେମ୍ ବଁଏଁସି ବାଜୁଛେ
ଦିହି ଯମୁନା ଉଛ୍ ଲି  ଯଉଛେ
ବାଟ୍ ଘାଟ୍ କଁଟା ଝଁଟା ନି ମାନି
ସତେରେ ମୁଇଁତତେ ଭଲ୍ ପଉଛେଁ
ତତେ ଝୁରୁଛେଁ ବଲିତ ଜିଇଁଛେଁ ।



■■■

ଟିଟିଲାଗଡ଼, ବଲାଙ୍ଗିର
ପିନ୍-୭୬୭୦୩୩
ମୋ- ୮୯୧୭୩୯୬୩୪୮

# ଅଭିମାନର ସ୍ୱର

ଅଞ୍ଜଳି ଆଚାର୍ଯ୍ୟ





କବିତା ପ୍ରତି ଆକର୍ଷଣ ତୋର,
ମତେ ବିବ୍ରତ ତ କରୁଥିଲା ପ୍ରତିକ୍ଷଣେ ।
କବିତାର ଅପରୂପ ଅଙ୍ଗରାଶି
ତାର କୋମଳ ମନ, କଥା, ଦୃଷ୍ଟି ସବୁ ତ
ଇଙ୍ଗିତ କରେ ତୋର
ପୌରୁଷ ର କଠିନପଣକୁ ।

କଳା କଳା ବାଦଲ ସଦୃଶ
ଘନ କୁଞ୍ଚୁ କୁଞ୍ଚୁ କେଶରାଶି
ସମୁଦ୍ର ଲହଡ଼ି ପରି ଆଖିର ଚାହାଣି
ସ୍ତୁତିରଞ୍ଜକ ଶବ୍ଦାଳଙ୍କାରରେ
ତୋ ବିମୋହିତ ପଣ ।
ଅନ୍ଧକାର ଚାରିଆଡ଼େ ଅନ୍ଧକାର
ଆଭାସ ଖାଲି ରାତ୍ରିଚର ଜୀବଟିର ।
ବସ୍ତ୍ର ଉତାରି ଆଣିଲେ କବିତା କୁଆଡେ
ତତେ ଆହୁରି ସୁନ୍ଦର ଦିଶେ ।
ଉତ୍କର୍ଷ ଅପକର୍ଷ ଶୈଳୀରେ
ତନ୍ତରେ ତନ୍ତୀ ଲୁଗା ବୁଣିଲା ଭଳି
ଚିତ୍ର ସବୁ ।

ବସନ୍ତର ପତ୍ରଝଡ଼ା ରେ
ଥୁଣ୍ଟା ବରଗଛେ ଶୁଆଯୋଡି
ପିଚୁ ରାସ୍ତାରେ ଦୌଡୁଥିବା କୁକୁରଦଳ ।
ସେଇ ଗର୍ଭିଣୀ ଗାଇଟିକୁ ଦେଖିବା ନେଇ

ଦର୍ଶନାର୍ଥୀଙ୍କ ଭିଡ଼
କଅଁଳ ବାଛୁରୀଟି  କି
ଆଶା ନେଇ ଆସିଛି ଯେ ?
ଗୋଟେଇ ଆଣିଛି ଝୁନା ମା'
ଜୀବନଟିଏ ତ ଆଗକୁ ଜୀଇଁବ
ବାଛୁରୀଟି ଜ୍ୟୋତିଷ ଗଣନା
କଳ୍ପନା ଜଳ୍ପନା ତାକୁ ବା କି ଜଣା ?
ତୁ ତ ଖାଲି କବିତା ପଛରେ ।
ଯା' ଦୌଡୁ ,
ଦୌଡ଼ି ଦୌଡ଼ି ଯେବେ ଥକି ପଡ଼ିବୁ
ଦିନେ ନିରୋଳା ରେ ପଚାରି
ବୁଝିଦେବୁ ନିଜକୁ ନିଜେ
ଜୀବନର ଅର୍ଥ...
ଉତ୍ତର ପାଇବୁ ଜୀବନର ଅର୍ଥ କିଛି ନୁହେଁ

■■■

ପ୍ରାଚୀ ଏନ୍‌କ୍ଲେଭ୍, ଚନ୍ଦ୍ରଶେଖରପୁର୍ ଭୁବନେଶ୍ୱର

# ପଶ୍ଚାତାପ

ଗୀତା ପଟ୍ଟନାୟକ



ହେ ମାୟାଧର କି ମାୟା ରଚିଲ
କଅଁଳ ବୟସେ ମୋର,
ତାରୁଣ୍ୟରେ ପ୍ରତ୍ୟାଖ୍ୟାନା କରି ଦେଲି
ଅମୃତ ଆହ୍ବାନ ତୋର ।

ଗୈରିକ ବସନ କରି ପରିଧାନ
ଗାଇବାକୁ  ନାମ ତୋର,
 ଦେଇଥିଲ ତୁମେ ଅମୃତ ପ୍ରେରଣା
ସପନରେ ଆସି ମୋର ।

ମୁଁ ଥିଲି ନିର୍ବୋଧ ଯୌବନେ ଉନ୍ମାଦ
କରିଥିଲି ତର୍କ କେତେ,
ସଂସାରରେ ରହି ତୁମକୁ ସ୍ମରିବି
ହେଉ ପଛେ ଯାହା ଯେତେ ।

ମନ୍ଦେ ବି ହସି ଚାଲି ଗଲ ତୁମେ
ସପନ ହୋଇଲା ଶେଷ,
ନିଦ୍ରା ତେଜି ମୁଁ ଯେ ଭାବିହେଲି ବସି
ନିର୍ଣ୍ଣୟ ମୁଁ ନେଲି କିସ ।



ତଥାପି ମନରେ ରଖିଲି ସାହାସ
କଥା ମୋ ରଖିବା ପାଇଁ,
ଲୀଳାମୟ ତୁମେ କି ଲୀଳା ରଚିଲ
ମାୟାରେ ହଜିଲି ମୁହିଁ ।

ଦେଇଥିବା କଥା ରଖି ପାରିଲି ନି
ଏବେ ମୁଁ ଭାବୁଛି ବସି,
ସଂସାରରେ ରହି କି ଲାଭ ପାଇଲି
କାହାକୁ କଲି ମୁଁ ଖୁସି ?

ସଂସାର ଜଞ୍ଜାଳ ଲୁହାର ଶିକୁଳି
ସହଜେ ପାରୁ ନି ଖସି,
ବନ୍ଧନ କାଟିବି ଯେତେ ମୁଁ ଭାବିଲେ
ବେଶୀ ବେଶୀ ଯାଏ ଫସି ।

ହେ ଚକ୍ରଧରୀ କ୍ଷମା ମୋତେ କରି
ଦେଖାଅ ସୁଗମ ପଥ,
ଘୋର ଅନ୍ଧକାରେ ଅଣ୍ଡାଳି ହେଉଛି
ଆସ ଆସ ଜଗନ୍ନାଥ
ଆସ ଆସ ଜଗନ୍ନାଥ ।

■■■

ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ
ଆଦର୍ଶ ବିହାର
ମୋ-୭୯୭୮୯୦୨୩୭୩

# କୋଳକୁ ତୁମରି ନିଅ ମା'

ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ



ମା' ମୋର ସାଧନା ସରିଲା ଆଶା ନ ପୂରିଲା
ଜୀବନର ସନ୍ଧ୍ୟା ହୋଇଲା
ଅନେକ ଦିନରୁ ଡାକୁଛି ତୁମକୁ
କୋଳକୁ ତୁମରି ନିଅ ମା' ।
ପୃଥିବୀର ଲୋକେ ସୁଖ ନ ଜାଣିଲେ
ଦୁଃଖ କାତରରେ ସମୟ କାଟିଲେ
ଯେଉଁଠାରେ ଅଛି ସ୍ନେହ, ପ୍ରେମ, ମୈତ୍ରୀ
ସେଇଠିକୁ ମତେ ନିଅ ମା' ।
କୋଳକୁ ତୁମରି ନିଅ ମା' ।
କେତେ ଦଗା ପାଇ କାମନା ଭୂଲିଲି
ବଡ଼ ଜ୍ୱାଳା ସହି ବାସନା ତେଜିଲି
ଅନେକ କାନ୍ଦି ମୁଁ କାନ୍ଦି ତ ପାରୁନି
ବୁକୁ ଫାଟି ଭାଙ୍ଗି ଯାଏ ମା' ।
କୋଳକୁ ତୁମରି ନିଅ ମା' ।
ତୁମ ବିରହରେ ବଞ୍ଚି ତ ପାରେନା
ଏ ଜୀବନ ବ୍ୟର୍ଥ ତୁମ ଦେଖା ବିନା
ନିରାଶ ନ କରି ଆସ ବେଗି ମାତ
ଅନ୍ତର ବେଦନା ବୁଝ ମା' ।
କୋଳକୁ ତୁମରି ନିଅ ମା' ।
ମା' ମୋର ସାଧନା ସରିଲା ଆଶା ନ ପୂରିଲା
ଜୀବନର ସନ୍ଧ୍ୟା ହୋଇଲା
କୋଳକୁ ତୁମରି ନିଅ ମା' ।



■■■

ବରମୁଣ୍ଡା ହା. ବୋ. କଲୋନୀ,
ଭୁବନେଶ୍ୱର
ମୋ - ୯୪୩୭୨ ୭୯୧୭୨

# ଉପକାର

ଅଧ୍ୟାପିକା ପ୍ରିୟଦର୍ଶିନୀ ନାୟକ



ଅନେକ ଶବ୍ଦ ଭିତରେ
କେତେ ମହତ ଶବ୍ଦ ଟାଏ ସତେ
ଯିଏ କରେ ସେ ଉଲ୍ଲସିତ ଉତଫୁଲ୍ଲ
ଯେ ପାଏ କୃତଜ୍ଞତାର ଛୋଟ ଭେଟି
ବଢ଼େଇଦିଏ ଆକ୍ଳେଶରେ ସୋତଃ..
ପ୍ରତ୍ୟାଶାର ଜ୍ଞ ନ ଥାଏ ଯେଉଁଠି
ସେ ଅମୂଲ୍ୟ ଅତୁଳନୀୟ ଶବ୍ଦ
'ଉପକାର ' ।

ସାମ୍ପ୍ରତିକ ସମାଜରେ କୁହ ଅବା
ସମୟରେ କୁହ
ବଦଳି ଯାଇଛି ସଂଜ୍ଞା
ହଜିଯାଉଛି ଅସ୍ତିତ୍ୱ
ମିଳେଇଯାଉଛି ସହାନୁଭୂତି
ବଳିପଡିଯାଉଛି ଅକ୍ଲେଶରେ
ମାନବିକତାର ମହାନପଣିଆ ଶବ୍ଦ
'ଉପକାର ' ।

ଚତୁଃର୍ଦିଗ ଭରିଯାଇଛି 'ନବା' ଶବ୍ଦରେ
'ଦବା' ଧୀରେଧୀରେ ପାତାଳି ଅଭିମୁଖୀ
କାଣିଚାଏ ଉପକାର ପ୍ରତିବଦଳେ
ଭରଣେ ପାଇବାର ଅଦମ୍ୟ ଇଚ୍ଛା
କାମନା ଆଉ ବାସନାର ଲୋଲୁପରେ
ବାରମ୍ବାର ବଳିପଡୁଛି...
କିଏ ବା ଶୁଣିବ ତା ଆର୍ତ୍ତଚିତ୍କାର ଶବ୍ଦ
' ଉପକାର ' ।

ଯୁଆଡେ ଚାହିଁବ ମେଞ୍ଚା ମେଞ୍ଚା ସ୍ୱାର୍ଥ
ନିସ୍ୱାର୍ଥ ଆସିବ ବା କାହୁଁ
କଳିର କରାଳରେ ଗଣ୍ଡାଗଣ୍ଡା ଦୁଃଶାସନ
ଦାନୀକର୍ଣ୍ଣ ଆସିବ ବା କାହୁଁ
ସଭିଙ୍କ ଜିହ୍ୱା ଲାଳସାରେ ଥପ୍ ଥପ୍
ପାଞ୍ଚ ଅଙ୍ଗୁଳି ମୁଖରେ ଭରିବାର ମୋହ
ସାଜିଲାଣି ସୁସଜ୍ଜିତ ବ୍ୟାପାର ଶବ୍ଦ
' ଉପକାର ' ।

■■■

# ଜଞ୍ଜାଳ

କବିତା ନାୟକ



କେତେ ଆଉ ଜଞ୍ଜାଳ ସହିବା
ନିତିଦିନ ମିଛ ପ୍ରତିଶୃତି
ଏଇ ମାତ୍ର ସରିଯିବ ବୋଲି
ଶୁଣାଉଛ ନିଇତି ନିଇତି ।
ମୁଁ ଜାଣେ ସରିବନି କେବେ
ସମୟର ସ୍ରୋତ ଧାରେ ଧାରେ
ମାପକାଠି ଜୁଟେଇ ହେବନି
ସବୁ ବନ୍ଧା କର୍ତ୍ତବ୍ୟ ଡୋରିରେ।
ଆଜିଦେଖ ଜୀବନର ମୋହ
ମୋ ଆଖିରେ ତଥାପି ଦେଖୁଛି
ସାୟଂକାଳେ ରକ୍ତିମ ସୂରୁଜ
ରହି ରହି ନିଶିକୁ ଡରୁଛି ।
ତୁମେ ମୋତେ ଖୋଜିବ ମୁଁ ଜାଣେ
ନିଶବ୍ଦରେ ଝୁରିହେବ ଯାହା
ଆସ ଟିକେ ଖୋଲାକଥା ହେବା
ଦେଖିନେବା ବଞ୍ଚିବାର ରାହା ।
ଫୁଲଦେବ ମୋ ମଥାରେ ତୁମେ
ସ୍ଥିର ମୋର ପାର୍ଥିବ ଶରୀରେ
ପାଇବନି ଖୋଜି ଖୋଜି ଜମା
ମୋ ମୁହଁର ସ୍ମିତ ହସ ଧାରେ ।
ଆଜି ବରଂ ଫୁଲଟିଏ ଦିଅ
ଖୋସି ଦିଅ ମୋ ମଥା ଗଭାରେ
ତୃପ୍ତିରେ କହିବି ହେ' ପ୍ରିୟ
ବାରମ୍ବାର ଆସ ଜୀବନରେ ।
କହୁଥିବ ଉଠ ପ୍ରିୟତମା
ଶୁଭିବନି ମୋ ବେନି କର୍ଣ୍ଣକୁ
ଲୋକ ଲୋଚନରେ ମୋତେ ଦେବ
ଶ୍ରଦ୍ଧାଞ୍ଜଳି ଚାପି ସେ କୋହକୁ ।
ସମୟ ବି ନାହିଁ ଆଉ ବେସି
ବୁଝିବାକୁ ଜୀବନର ବ୍ୟଥା
ଆସ ସାଥି ହଜିଯିବା ଥରେ
ନିରୋଳାରେ ହେବା ଟିକେ କଥା ।



■■■

ଏମ୍. ଆଇ. ଜି. - ୨, ୭୬/୪
ଓ.ଏସ୍.ଏଚ୍.ବି. କଲୋନୀ, ଭୁବନେଶ୍ୱର - ୧୭
ମୋ : ୭୭୩୫୯୧୭୧୧୧

# ଅହଂକାର

କ୍ଷଣପ୍ରଭା ମହାନ୍ତି



ଅହଂକାର ଅଳଂକାର ନୁହେଁ ବନ୍ଧୁ
ଧ୍ୱଂସ କରେ ଜୀବନର ସମସ୍ତ ସ୍ୱଚ୍ଛତା
ବିବେକରେ ହୁଏ ଡୋରି ବନ୍ଧା
ଅବିବେକୀ ଅଶ୍ୱରେ ବସି ହଜେ ବୁଦ୍ଧିମତା ।



ଅହଂକାର ପାଇଁ ତ ମହାଭାରତ
କୁରୁକ୍ଷେତ୍ର ,ରକ୍ତନଦୀ ସନ୍ତରଣ
ଅହଂକାରୀ ପିଚ୍ଛିଳ ପଥ ଧାରେ
ଦେଖିଛ କି ବନ୍ଧୁ ତାର ବିଜୟ କେତନ ?

ଅହଂକାରୀ ପଥଚାରୀ ପାଇଛି କି
ସମତଳ ଭୂମି
ପାଇଛି କିସାଗର ସନ୍ଧାନ
ଅହଂକାର ଅମା ରାତିରେ କେବେ
ଦେଖିଛ କି ପୂର୍ଣ୍ଣମୀର ଜହ୍ନ ?

ଅହଂକାର ଛେଦ କରେ ରକତ ସଂପର୍କ
ବୁଝେନା ସେ ଦରଦୀ ଆତ୍ମୀୟତା
ପାପ ପୁଣ୍ୟେ ବ୍ୟବଧାନ କେତେ
କାଳଚକ୍ରେ ହଜାଏ ତା' ସତ୍ତା ।

■■■

ଭୁବନେଶ୍ୱର

# ଅନ୍ତଃସ୍ୱର

ଡ. ପ୍ରବୀଣା ପରିଡ଼ା



ଭଲ,ଭେଲର ବିଚାର
ଚିନ୍ତା , ଚେତନାର ସରହଦ ଭିତରେ
କବର ନେଇଯାଏ
କୋହଭରା ଅକୁହା ବେଦନାର ଅନ୍ତଃସ୍ୱର ।
ସଜାଡିବାର ସଂକଳ୍ପ ରେ କୁହୁଡ଼ିର ପରଦା
ପାହାନ୍ତା ସୂରୁଜର କିରଣକୁ
ଢେର ଅପେକ୍ଷା ପରେ
ନିନାଦିତ ପରାଗର ବାର୍ତ୍ତା ।
ବାଷ୍ପ ରୁଦ୍ଧ  କଣ୍ଠେ
ଶବ୍ଦ ସବୁ ଲୁଚିଯାଏ,
ଉଜୁଡାକ୍ଷେତ ପରି
ବିପର୍ଯ୍ୟସ୍ତ, ବିବର୍ଣ୍ଣ
ଆଙ୍କିଚାଲେ ହୃଦ ମଧ୍ୟେ
ଆକୃତି ହୀନ ଜ୍ୟାମିତି ଚିତ୍ର ।
ଖୋଜିଚାଲେ ସେଦିନର ଘଞ୍ଚ ସବୁଜିମା
ଖେଳୁଥିଲା ମନେ ଚଇତାଳି ବାଆ
ରୋମାଞ୍ଚିତ ପାଉଁଜି
ଶବ୍ଦର ବିଭୋର ପଣ,
ଯେଉଁଠି କଷଟି ପଥରେ ପରଖିବାରେ
ଥକିଯାଏ ଜୀବନ,
ସମୟକୁ ସାକ୍ଷୀ କରି
ଯୋଡିଚାଲେ ବେସୁରା ରାଗିଣୀ ର ତାନ ।



■■■

ଷ୍ଟାର୍ ସିଟି, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ମୋ - ୮୮୯୫୫୪୭୭୬

# ସାମର୍ଥ୍ୟ

ଡ. ମନୋରଞ୍ଜନ ବିଷୋୟୀ



ତୁମକୁ ବାନ୍ଧିବା ପାଇଁ
ସାମର୍ଥ୍ୟ ବା କାହିଁ ମୋର
ବାନ୍ଧିବି ବାନ୍ଧିବି ବୋଲି
ଯେତେ ଥର ଖୋଲିଛି
ମୋ ବାହୁର ବଳୟ
ସେତେ ଥର ନିଷ୍ଠୁର
ପରିହାସର ସ୍ୱରଟିଏ
ସଞ୍ଚରିଯାଏ
ଉଦ୍ୟତ ବାହୁର
ସବୁ ଉଦ୍ୟମ
ବ୍ୟର୍ଥ ହୋଇଯାଏ ।
ଏବେ କିନ୍ତୁ ଖୋଲିଛି
ମୋ ଶବ୍ଦର ରଜ୍ଜୁ ସବୁ
ଏ ଇଲାକା ଡ଼େଇଁବା
ସାମର୍ଥ୍ୟ ବା କାହିଁ ତୁମର
ଏବେ ତୁମେ ବନ୍ଦ ମୋର
ଶବ୍ଦ ଇଲାକାରେ ।

■■■



ସ୍ନାତକୋତ୍ତର  ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ -୮୮୯୫୧୪୧୭୨୭



# ମୃଦୁ ଜହର

ଅଜୟ କୁମାର ସେଠୀ

ପଲିଥିନ୍ ଆଉ ପ୍ଲାଷ୍ଟିକ୍ ଆଜି
ସାଜିଛି ମୃଦୁ ଜହର
ଥରେ ଥରେ ସିଏ ମାଡି ଚାଲିଅଛି
ଗାଆଁ ହେଉକି ସହର ॥
ଆମେ ଯାହା ନିତି ଖାଉଛେ ପିଉଛେ
କରୁଅଛେ ବ୍ୟବହାର
ସବୁଥିରେ ମିଶି ରହିଛି ପ୍ଲାଷ୍ଟିକ୍
ହୋଇ ଆମ ଆପଣାର ॥
ମୃଦୁ ଜହରତ ଖେଳି ଯାଇଅଛି
ଜଳ, ସ୍ଥଳ,ସାଥେ ବାୟୁ
ସେଥିପାଇଁ ନାନା ଅଚିହ୍ନା ରୋଗରେ
ସରିସରି ଆସେ ଆୟୁ ॥
ହଜାର ହଜାର ବରଷ ଗଲେବି
ପ୍ଲାଷ୍ଟିକ୍ ନଷ୍ଟ ହୁଏନା
ତା ପାଇଁ ମାଟିର ଉପରି ଭାଗରୁ
ଜଳ ତଳକୁ ଯାଏନା ॥
ବ୍ୟବହାର କରି ଜରି ଓ ପ୍ଲାଷ୍ଟିକ୍
ଏଣେ ତେଣେ ଫିଙ୍ଗୁଅଛେ
ଆମ ପରିବେଶ ଆମରି ହାତରେ
ନିତି ଦୂଷିତ କରୁଛେ ॥
ପ୍ଲାଷ୍ଟିକ୍ ରାକ୍ଷସ ଆକାର ବଢୁଛି
ଚିନ୍ତା ସାରା ବିଶ୍ୱ ପାଇଁ
ସଜାଗ ନହଲେ ଆମ ଏ ମଣିଷ
ଜଗତକୁ ଦେବ ଖାଇ ॥
ଏବେବି ସମୟ ଆମ ହାତେ ଅଛି
ପ୍ଲାଷ୍ଟିକ୍ କରି ବର୍ଜନ
କନା ବ୍ୟାଗ୍ ଧରି ସଉଦା କିଣିବା
ଯେବେ ଯିବାଟି ଦୋକାନ ॥
ଆଜିଠାରୁ ଆସ ଶପଥ କରିବା
ପ୍ଲାଷ୍ଟିକ୍ ରାକ୍ଷସ ମାରି
ମୃଦୁ ଜହରଠୁ ବିଶ୍ୱ ଉଦ୍ଧାରିବା
ଭାଇଚାରା ଗୁଣ ଧରି ॥



■■■

ଅଞ୍ଜିରା, ଓହ୍ଲାଣ,ପୁରୀ
ମୋ - ୯୯୩୭୧୯୮୮୭୮

ଇ ପତ୍ରିକା
ଦ୍ୱାଦଶ ସଂଖ୍ୟା, ୧ଜୁନ୍ ୨୦୨୩

# ଖଣ୍ଡଗିରିରେ ଭାବନା

ବୀରେଶ୍ୱର ମହାନ୍ତି





ମହିମାମଂଡ଼ିତ ବିଜୟପ୍ରତୀକ ପୂଣ୍ୟ ଖଂଡ଼ଗିରି ପାଦତଳେ
ଶୀଳା-ଐଶ୍ୱର୍ଯ୍ୟ,କିର୍ତ୍ତୀ-ମାଧୁର୍ଯ୍ୟ ଅତୀତକୁ ମନ ଝୁରେ,
ଦୃଷ୍ଟି ଯେହ୍ନେ ସ୍ପର୍ଶ ଲଭେ ହାତୀଗୁମ୍ଫା ପ୍ରସ୍ତର ପ୍ରାଚୀର
ଅସମାହିତ ପ୍ରଶ୍ନମାଳେ ମନେ ଉଂକିମାରେ ବାରଂବାର,
କାହଁକି ଓଡିଆ ଜାତି  ଉପେକ୍ଷୀତ, କାହିଁକି ଏତେ ଦୁର୍ବଳ
କିଏ ନେଲା ହରି, ଶକ୍ତି ଗଲା କାହିଁ, କାହିଁ ଗଲେ ଖାରବେଳ ।

ହେ କଳିଂଗାଧିପତି ମହାମେଘବାହାନ ଐର ଖାରବେଳ
ତୁମ ଯଶକିର୍ତ୍ତୀ, ଭୂଖଂଡରେ ଖ୍ୟାତି ଅମ୍ଳାନ ରହିଥିବ ଚିରକାଳ,
ହେ ମହାନାୟକ, ଶାସ୍ତ୍ର-ଶସ୍ତ୍ରରେ ନିପୁଣ, ସହନଶୀଳତା ପ୍ରତୀକ
ତୁମେ ବଂଚିଥିବ, ବଂଚିଥିବାଯାଏ ହାତୀଗୁମ୍ଫା ଶିଳାଲେଖ,
ଧଉଳିଗିରି ସିନା ବଖାଣେ କଳିଂଗର ନିର୍ମମ ପରାଜୟ ବ୍ୟଥା
ଶୀରୋତୀର୍ଣ ଉଦୟଗିରି ଉଦ୍ଘୋଷିତ କରେ ତୁମ ଦିଗ୍ ବିଜୟର ଗାଥା ।

ମାନସପଟେ ଆନ୍ଦୋଳିତ ଅତୀତର ଶିଶୁପାଳଗଡ ଆନନ୍ଦ ଉତ୍ସବ କାଳ
ସେଦିନର ତୁମ ଭବ୍ୟ ରାଜଧାନୀ ଆଜି ପାଲଟିଛି  ମଦ୍ୟପଂକ କ୍ରୀଡାସ୍ଥଳ,
ବିବଶ ପାଷାଣ ସ୍ତମ୍ଭ ଗୁଳ୍ମରାଜି ତଳୁ ଶୁଭେ କ୍ରନ୍ଦନ
ଅଯୋଗ୍ୟ କି ଆମେ, ଚିନ୍ତା-ଚେତନାରେ ବିଷାଦିତ ଭାରାକ୍ରାନ୍ତ ମନ,
ହେ ଶାସକ ପ୍ରଶାସକ, ହେ ମୋର ପ୍ରିୟ କଳିଂଗ ଦାୟାଦ
ଉଦ୍ଧାର କି ହେବ ଅତୀତ ଗୌରବ,ଦୂର ହେବ ଅବସାଦ ।

ପାଠ କରିଅଛି ବାଲ୍ୟକାଳେ ଚଣ୍ଡାଶୋକ ଅଶୋକଙ୍କ କଥା
ସ୍ୱୟଂ ଇତିହାସ ଲିପିବଦ୍ଧ କରି ସ୍ତୁତି କରିଛନ୍ତି ନିଜର ଅଯଥା ଗାଥା,
ଅସଂଖ୍ୟ ନିରୀହ ଓଡିଆଙ୍କୁ ହତ୍ୟାକରି ହୋଇଛନ୍ତି ଚକ୍ରବର୍ତ୍ତୀ
କଳିଂଗ ପ୍ରଜାଙ୍କ ରକ୍ତରେ ପୂଣ୍ୟତୋୟା ଦୟା ନଦୀ,
ଖଳନାୟକ ଅଶୋକଙ୍କ ବିକଳ୍ପ କଳିଂଗର ଖାରବେଳ
ସେ ଆମ ଆଦର୍ଶ ନାୟକ, ମନେ ରହିଥିବେ କାଳକାଳ ।

■■■

ସି – ୧୦୫, ଶୁଭମ୍ ରୟାଲ,
ଘାଟିକିଆ, ଭୁବନେଶ୍ୱର
ମୋ.- ୯୯୩୮୬୧୫୬୭୧

# କିଏ ମୋତେ ଡାକେ

**ଧର୍ମ କୁମାର ଶତପଥୀ**



କିଏ ମୋତେ ଡାକେ!
ହାତ ଠାରି ତୁହାଇ ତୁହାଇ ଡାକେ!
ତା' ଡାକର ଗାମ୍ଭୀର୍ଯ୍ୟରେ ମୁଁ ସଚେତ ହୁଏ,
ତା' ଡାକର ମାଧୂର୍ଯ୍ୟ ମୋତେ ଭାବବିହ୍ୱଳ କରେ,
କିଏ ମୋତେ ଡାକେ,
ନିୟମିତ ଡାକେ !!

ସେ ଡାକରେ ନଈପଠା, ନିରୋଳା ରାତି ଜୀବନ୍ତ ହୁଏ,
ଥୁଣ୍ଟାଗଛେ ଫୁଟିଉଠେ ନବ କିଶଳୟ,
ମନରାଜ୍ୟେ ଉଙ୍କିମାରେ ଭିନ୍ନ ଏକ ପୃଥ୍ୱୀ ମାନଚିତ୍ର,
ଏଇ ସୀମା ସରହଦ,ବନ୍ଧ ପାର ହୋଇ
ଭିନ୍ନ ଏକ ଦୁନିଆଁକୁ ଖୋଜିବୁଲେ
ଏକାକାର ରୂପ ନିଏ ଭୂମି ଆଉ ଭୂମା !!



ବାରମ୍ବାର ସେ ଡାକରେ
ମୁଁ ସଚେତନ ହୁଏ,
ଭାଙ୍ଗିଯାଏ ମୋର ଯେତେ ଆନମନା ପଣ
ସ୍ନାୟୁତନ୍ତ୍ରୀରେ ଉଛୁଳେ ଉଷୁମ ଉତ୍ତାପ,
ଅଙ୍ଗେ ଅଙ୍ଗେ ପୂଲକର ଉତ୍ତାଳ ଲହରୀ
ନିରୁଦ୍ଦିଷ୍ଟ ମୁଁ ପାଇଛି ମୋ ଇପସୀତ ନୀଡ !!

ହଁ, ମୁଁ ଠିକ୍ ଜାଣିଛି,
ସେଇ ଡାକ, ସେଇ ସ୍ୱର ଅଚିହ୍ନା ନୁହେଁ ତ!
ନିହାତି ଚିହ୍ନା ଚିହ୍ନା,
ସେଇ ହାତ ଠାର ମୋର ବେଶ୍ ପରିଚିତ
ସେଇ ଛାୟା ଛବି ମୋର ଏକାନ୍ତ ଆରାଧ୍ୟ,
ସିଏ ପରମା ଜନନୀ,
ସିଏ ପରମା କଲ୍ୟାଣୀ,
ସିଏ ମୋତେ ବାରମ୍ବାର ଡାକେ !!

■■■

ଆର୍ .ବି .ହାଇସ୍କୁଲ୍ ,
ପଦମ୍ପୁର ବରଗଡ଼



# ଗ୍ରୀଷ୍ମ

ଶୁଭଶ୍ରୀ ସିଂ

ସୃଷ୍ଟି କର୍ତ୍ତାଙ୍କର ବିଚିତ୍ର ବୈଚିତ୍ର
ଋତୁ ପରେ ଋତୁ ଆସି ଚଳିଯାଏ
ଛାଡ଼ିଯାଏ କେତେ ମଧୁର ତଥ୍ୟ
ଗ୍ରୀଷ୍ମ ଋତୁ ଅଟେ ତା ମଧ୍ୟେ ଶ୍ରେଷ୍ଠ
ଦେଇ ଯାଏ ଶୁଖ ଶାନ୍ତି ଆଉ କଷ୍ଟ
ଉତ୍ତାପର ତାପେ ଜଳନ୍ତି ସମସ୍ତେ
ଜୀବଜନ୍ତୁ ବୃକ୍ଷ ଲତା ଆଦି ଯେତେ
ଶୁଷ୍କ ଜଳବାୟୁ ଜଳଶୂନ୍ୟ ଧରା
ଆତଙ୍କିତ ପ୍ରାଣୀ ଜଗତର ସାରା
ତଥାପି ଗ୍ରୀଷ୍ମ ଋତୁ ଅଟେ ନିଆରା
ଆମ୍ବ,ପଣସ,ସପୁରି ଓ  ତରଭୁଜ
ସବୁରି  ମନେ  ଭରିଦିଏ  ହରସ
ଜୁଇ, ଜାଈ, ମଲ୍ଲୀ,ଚମ୍ପାର ମହକ
ନୀରସ ପ୍ରାଣକୁ କରେ ଅମୋଦିତ
ବାସଫୁଲ  ଗନ୍ଧେ  ଧରା ସୁବାସିତ
ଭରିଦିଏ ଉନ୍ମାଦ ଜନମନେ ସେତ
ଗ୍ରୀଷ୍ମଋତୁ ଆଣେ କେତେ ପର୍ବପର୍ବାଣୀ
ରଜ, ସାବିତ୍ରୀ, ଚନ୍ଦନଯାତ ପୁଣି
ଉତ୍କଳ ପରମ୍ପରା ସାଥେ ଥାଏ ଯୋଡ଼ି
ଗ୍ରୀଷ୍ମ ପରେ ବର୍ଷା ଧରା ପ୍ରବେଶ
ନିରସ ଜୀବନେ ଭରେ ସେ ସରସ
ଶୀତଳତା ପାଇ ପୃଥ୍ୱୀ  ଉଲ୍ଲସିତ
ଦୁଃଖ ପରେ ସୁଖ ସ୍ରଷ୍ଟାଙ୍କ ସୃଷ୍ଟି ।



■■■

ଭୁବନେଶ୍ୱର
ମୋ - ୯୧୨୪୫୬୫୨୫୦

ଈପତ୍ରିକା
ଦ୍ୱାଦଶ ସଂଖ୍ୟା, ୧ ଜୁନ୍ ୨୦୨୩

# ତଥାପି ଜଳୁଛି

ରଶ୍ମିମୟୀ ପତି



ସବୁ ରଙ୍ଗ କଣ ଭିଜେ ଗାଲରେ
ଅଜାଣତେ କିଛି ପଣତ ରେ ଲୁଚେ
ଆଉ କିଛି ଲୁଚେ ହୃଦ କାନ୍ଥ ରେ
ସବୁ ପାପ କଣ ବୁଡେ ଗଙ୍ଗା ରେ
ପର୍ଦ୍ଦା ପଛେ କିଛି ନିର୍ଲିପ୍ତ ରେ ଲୁଚେ
କିଛି ପୁଣି କାନ୍ଦେ ଦ୍ୱାର  ସନ୍ଧି ରେ।
ସବୁ ମନ୍ତ୍ରୀ କଣ ସଚା ଥାଆନ୍ତି
ଲାଞ୍ଚ ଖିଆ ନେତା ଫିତା କଟା ମନ୍ତ୍ରୀ
ତଥାପି ପରା ଏ ମଞ୍ଚ ଜଳୁଛି।



ମଞ୍ଚ ପାଇଁ କଣ ଆଲୋକ ଲୋଡା
ଆଲୋକେ ଜଳିବ ଅନ୍ଧାରେ ଜଳିବ
ଦକ୍ଷ ନିର୍ଦ୍ଦେଶକ ମଞ୍ଚକୁ ଯୋଡ଼ ।
ସବୁ ସ୍ୱପ୍ନ କଣ ହୁଏ ସାକାର
କିଛି ପରା ଲିଭେ ସ୍ମୃତି ଉହାଡ ରେ
ତଥାପି ଜୀବନ ହାରେ କି ନର?
ସବୁ ଦୋଷ କୁ କି ନ୍ୟାୟ ମିଳୁଛି
ପଟି ମାରି କେତେ ହୁଅନ୍ତି ଚମ୍ପଟ
ତଥାପି ତ ପ୍ରଶାସନ ଚାଲୁଛି ।

ସବୁ କଳସେ କି ପବିତ୍ର ପାଣି
ମହା କାଳ ଫଳ ପରି ଏ ଦୁନିଆଁ
ଅନ୍ତରେ ଜହର ବାହ୍ୟ ଟା ମଣି ।
ସବୁ ବିଦ୍ଧାଣି କି ଦକ୍ଷ ଥାଆନ୍ତି
କିଏ ହାସ୍ୟ ନେତା କେ ଖଳ ନାୟକ
ତଥାପି ପରା ଏ ମଞ୍ଚ ଜଳୁଛି ।

■■■

ପ୍ଲଟ୍ ନଂ - ୭୦୯,
ଝାରପଡା, ଭୁବନେଶ୍ୱର

# ବୋଉର କୋଳ

ବାସନ୍ତୀ ବାରକ୍



ମୋ ଆଖିରୁ ଟୋପେ   ଲୁହ ଝରିଗଲେ
ତୋ ଛାତିରୁ ଝରେ ଲହୁ,
ତୋ ପଣତ-କାନି   ଲୁହରେ ଭିଜେଇ
ମୋ ସୁଖ ମନାସୁ ଥାଉ।

ମୋ ଆଖିକୁ ଯଦି   ଆସେ ନାହିଁ ନିଦ
ତୋ କୋଳ-ଝୁଲଣା ଝୁରେ,
ତୋ ହାତ-ପରଶେ   ବିବଶ-ପରାଣେ
ମମତାର ମହୁ ଝରେ।

ମୋ'ସୁନା-ଝିଅଟା   ତୋ'ମୁଖୁ ଶୁଣିଲେ
ସବୁ ରାଗ ହୁଏ ପାଣି,
ବୋଉ ଡାକର ସେ   କୁହୁକ-ପୁଲକ
ଆଜି ମୁଁ ପାରୁଛି ଜାଣି।

ତୋ ପଣତ-ତଳେ   ମୁହଁକୁ ଲୁଚେଇ
ଦେଖେ ମୁଁ କେତେ-ସପନ,
ତୋ'ମିଠା-ବଚନ   ଅମୃତ-ସ୍ୱରରେ
ଭରିଯାଏ ଦେହମନ ।

ଲୋଡାନାହିଁ ମୋର   ବୈକୁଣ୍ଠ-ଭୁବନ
ସ୍ୱର୍ଗ ପରିଜାତ ଫୁଲ,
ତୋ'ଚନ୍ଦ୍ରମା-ମୁଖ  ଜହ୍ନ-ଜୋଛନାରେ
ମମତା ଅମୂଲ ମୂଲ।

ତୋ ଚରଣ-ରେଣୁ   ବ୍ରଜଦାଣ୍ଡ-ଧୂଳି
ମନ ପୁଣ୍ୟ-ବୃନ୍ଦାବନ,
ତୋ'ପଣତ-କାନି   ରତନ-ଚାନ୍ଦୁଆ
କୋଳ ତୋ' ଇନ୍ଦ୍ରଭୁବନ।

ତୋ ହୃଦୟ-ତୀର୍ଥ   ଦ୍ୱାରିକା, ବଦ୍ରିକା
ରାମେଶ୍ୱର, ବୃନ୍ଦାବନ,
ତୋ ହାତ-ବ୍ୟଞ୍ଜନ   ଅମୃତ-ମଣୋହୀ
ନିର୍ମାଲ୍ୟ ତୋ ଛଡାଅନ୍ନ।

ତୋ'ସ୍ନେହ-ପସରା   ମନ୍ଦାକିନୀ-ଧାରା
ଆଶିଷ ତୋ ଗଙ୍ଗାଜଳ,
ତୋ'କୋଳେ ଜନମ  ସଉଭାଗ୍ୟ ମୋର
କୋଟି ଜନ୍ମ  ପୁଣ୍ୟଫଳ।

■■■



ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବି.ଡି.ଏ କଲୋନୀ, ଫେଜ୍ -୧,
ପୋଖରୀପୁଟ୍, ଭୁବନେଶ୍ୱର -୭୫୧୦୨୦
ମୋ :୬୩୭୨୦୮୪୮୧୫

ଈପତ୍ରିକା
ଦ୍ୱାଦଶ ସଂଖ୍ୟା, ୧ ଜୁନ୍ ୨୦୨୩

# କବିତାରେ କ୍ରାନ୍ତି

ମାନଗୋବିନ୍ଦ ବାରିକ୍





ମାନବ-ଜୀବନ ଆନନ୍ଦ-ବିଷାଦ
ସାମାଜିକ ବିଡ଼ମ୍ବନା,
କବି-କଳ୍ପନାର ଭାବ-ଚିତ୍ରକଳ୍ପ
ଆଶା, ସ୍ୱପ୍ନ ସମ୍ଭାବନା ।

କବି-କ୍ରାନ୍ତିସ୍ୱର କରିପାରେ ଦୂର
ବିଭ୍ରାନ୍ତିର ପ୍ରବଞ୍ଚନା,
ସୁପ୍ତ-ହୃଦୟର ଗୁପ୍ତ-ଗହ୍ୱରରେ
ତୋଳେ ମୁକ୍ତି-ଉନ୍ମାଦନା ।

କବି ଲଙ୍ଘିପାରେ ବନ୍ଧୁର-ଶିଳାର
ନିଷିଦ୍ଧ-ଲକ୍ଷଣ ରେଖା,
କବି ଜାଳିପାରେ କ୍ରାନ୍ତି-ସଂଗ୍ରାମର
ଲେଲିହାନ-ଅଗ୍ନିଶିଖା ।

କବି ସୃଜିପାରେ ସୁପ୍ତ-ତନ୍ତ୍ରୀତଳେ
ଉନ୍ମେଷର-ଉନ୍ମାଦନା,
କବି ଭାବିପାରେ ବିଶ୍ୱ-ପ୍ରଗତିର
ବିକଶିତ-ବିଭାବନା ।

କବି ଶୁଣିପାରେ ବିଧୁର-ଅନ୍ତର
ବ୍ୟଥିତ-ତନ୍ତ୍ରୀର ସ୍ୱର,
କବି ଢାଳିପାରେ ଶାନ୍ତି-ସଂପ୍ରୀତିର
ସଂଜୀବନୀ-ସୁଧାଝର ।



କବି ଖୋଲିପାରେ ଅପ-ସଂସ୍କୃତିର
ଅବାଂଛିତ ଅନ୍ତର୍ବାସ,
କବି ଲେଖିପାରେ ସ୍ୱଚ୍ଛ-ଶାସନର
ଅମଳିନ ଇତିହାସ ।

କବି ଜାଳିପାରେ ଭ୍ରଷ୍ଟ-ଶାସକଙ୍କ
ନଷ୍ଟ-ଶାସନର ଚିତା,
କବି ପଢିପାରେ ଶାଣିତ-ସ୍ୱରରେ
ଧର୍ମ ସଂସ୍ଥାପନ-ଗୀତା ।

କବି-ଦେଇପାରେ କଳ୍ପନା-ସଂକଳ୍ପେ
ବିକଳ୍ପର ଜୀବନ୍ୟାସ,
କବି-ସାଜିପାରେ ମହା-ଭାରତର
ନବ-ସୃଜନର ବ୍ୟାସ ।

ମୁକ୍ତି-କାମନାର ମହା-ଭାଷ୍ୟକାର
ନିର୍ଭୀକତା-ହସ୍ତାକ୍ଷର,
ଭାଷା-ନିର୍ଘୋଷର ବଜ୍ର-ନିନାଦରେ
ବେସାଲିସ୍ ଇସ୍ତାହାର ।

ବାଣୀ-ଭାରତୀଙ୍କ ବୀଣା-ଝଙ୍କାରରେ
ଅମିୟ ଓଁକାର ଧ୍ୱନି,
ସାରସ୍ୱତ-ସିଦ୍ଧି ସାଧନା-ଯଜ୍ଞରେ
ପୂର୍ଣ୍ଣାହୁତି-ମନ୍ତ୍ରଧ୍ୱନି ।

■■■

ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବି.ଡି.ଏ କଲୋନୀ, ଫେଜ୍ -୧,
ପୋଖରୀପୁଟ, ଭୁବନେଶ୍ୱର -୭୫୧୦୨୦
ମୋ :୯୪୩୭୨୬୬୭୩୫

# ସନ୍ଧ୍ୟା

ଡ. ପ୍ରିୟମ୍ବଦା ସାମଲ



ସନ୍ଧ୍ୟା ଆଗୋ ତୁମେ ଧରଣୀ ବକ୍ଷରେ
ପ୍ରୀତିମୟୀ ମଧୁଛନ୍ଦା
ତୁମ ଆଗମନେ ଶୀତଳ ଧରିତ୍ରୀ
ସୁଗନ୍ଧିତା ମଧୁଗନ୍ଧା।
ଅସ୍ତଗାମୀ ହୁଏ ଦେବ ବିକର୍ତ୍ତନ
ସ୍ୱର୍ଣ୍ଣିମ ରେଣୁର ରାଗେ
ବର୍ଣ୍ଣମୟୀ ହୁଏ ପୃଥିବୀର ବକ୍ଷ
ଭାସ୍କରର ଅସ୍ତରଙ୍ଗେ।
କଳମେଘୀ ଶାଢ଼ୀ ଛାୟା ଶୀତଳତା
ପିନ୍ଧି ଆସେ ନିଶାଦେବୀ
ମନ୍ଦିରେ ଶୁଭଇ ଘଣ୍ଟା ଘଣ୍ଟି ଧ୍ୱନୀ
ଭକ୍ତି ରସେ ହୃଦ ଦ୍ରବି।
ତୁମ ଯାଦୁକରୀ ବର୍ଣ୍ଣିଳ ବିଭାରେ
ଆକାଶରେ ଉଏଁ ଚାନ୍ଦ
ମଲ୍ଲୀ ହେନା ରଜନୀଗନ୍ଧା ସୌରଭେ
ବାୟୁରେ ଖେଳେ ସୁଗନ୍ଧ।
ତାରା ଶୋଭାପାଏ ନୀଳାଭ ଗଗନେ
ମିଟି ମିଟି ଆଖିମାରି
ଲଜ୍ଜାବତୀ ବଧୂ ଏରୁଣ୍ଡି ଡେଇଁଣ
ପଥ ଦେଖେ ବାରି ବାରି।
ସୁସ୍ୱାଦୁ ବ୍ୟଞ୍ଜନ କରିବ ରନ୍ଧନ
ପ୍ରିୟଜନ ମନ ଜାଣି
ସଞ୍ଜ ବତୀ ଜାଳି ଧୀରେ ପ୍ରଣମଇ
ଗାଇଣ ବନ୍ଦନା ବାଣୀ।



ନନ୍ଦନ ବିହାର, ଭୁବନେଶ୍ୱର

■■■

# ସେଇ ଚାହାଣୀ

ବିନୋଦିନୀ ଗଉଡ଼



ସେଇ ଚାହାଣୀ ଲେଖିଥିଲା ଦିନେ
ନୂଆ କାହାଣୀ
ପ୍ରେମର ପହିଲି ଛୁଆଁରେ ପାଗଳୀ
ମନ ହରିଣୀ ।
ସଜଳ, ସୁନ୍ଦର ପ୍ରୀତି ଛଳଛଳ
ନୟନ ବେନି
ଚୋରି କଲେ ମନ ହୃଦୟକୁ ଜିଣି
ସେ ଅଭିମାନୀ।
ଧୂଳିର ଫୁଲକୁ ସାଉଁଟି ଆଣିଲେ
ସ୍ନେହରେ ଛାଣି
ପ୍ରିୟତମା କରି ସଜାଇଲେ ନେଇ
ହୃଦୟେ ରାଣୀ।
ଫଗୁଣେ ଫଗୁଳ ଆକାଶରେ ବୋଳି
ରଙ୍ଗ ରୋଷଣୀ
ଶୁଭ ସାହାନାଇ ବଜାଇ ଆଣିଲେ
କରି ଘରଣୀ।
ସେଇ ଚାହାଣୀ ପ୍ରେମରେ ଭିଜାଇ
କରିଲେ ଋଣୀ
ପ୍ରେମିକାରୁ ପତ୍ନୀ ଜାୟାରୁ ଜନନୀ
ହୋଇଲି ପୁଣି।
କେବେ ସେ ଅବୁଝା ରାଗ ତମ ତମ
ବୈଶାଖ ତାତି
କେବେ ମଉସୁମୀ ବର୍ଷା ଅନୁରାଗ
ଖେଳାନ୍ତି ତୃପ୍ତି।
କେବେ ହସ ଫୁଲ କେବେ ଲୁହଧାର
ବହେ ଉଜାଣି
ସମୟ ସହିତ ବଦଳି ଯାଉଛି
କଥା କାହାଣୀ।

■■■



କ୍ୱାଟର୍ ନଂ – ଉ୧-୧ / ୧, ନିଉ ଗଭରନ୍‌ମେଣ୍ଟ
କଲୋନୀ, ଭୁବନେଶ୍ୱର
ଫୋନ୍ ନଂ – ୯୪୩୭୩ ୩୭୯୫୫

# ଅବସର ବାସରେ

ଶ୍ରୀ କୁଞ୍ଜବିହାରୀ ସାହୁ



ଅବସର ଏକ ସୁଖଦ ମୁହୂର୍ତ୍ତ
ସାଦରେ ସାଉଁଳି ନେବା,
ଅପସୋରା ହସ, ଖୁସିର ମହକ
ସମସ୍ତଙ୍କୁ ବାଣ୍ଟିଦେବା ।

ରାଗ- ଅଭିମାନ, ମାନ-ଅପମାନ
ସରଳେ ପାସୋରି ଦେଇ,
ଅବସୋସଟିକୁ ମନରୁ ଦୂରେଇ
ରହିବା ସରାଗ ନେଇ ।

ଚାକିରି ଜୀବନ ଦୁର୍ଲ୍ଲଭ ଗଛଟେ
ଦେଇଛି ଅଭୁଲା ବାସ,
ସେ ବାସେ କଟିଛି ଏଇ ଯେ ଜୀବନ
ରଚିଛି ସରସ ରାସ ।



ଆପଣଙ୍କ ସ୍ନେହ, ଶରଧା ପାଇଛି
ରଖିଛି ସାଇତି ହୃଦେ,
ତାକୁ ହିଁ ଜୀବନେ ପାଥେୟ କରିବି
ଚାଲିବି ସଳଖ ପଥେ ।

■■■

ଏଲ୍ . ଆଇ. ଜି.-୧୫, ନୟାପଲ୍ଲୀ ବ୍ରିଟ୍ କଲୋନୀ
ଭୁବନେଶ୍ୱର
ମୋ-୭୦୦୮୧୪୨୦୪୦

# ଅଫେରା

ରାଜେଶ ପୂଜାରୀ



ମେଘରାଣୀ କୋଳରୁ ଜନମି
ଅମୃତ ଟୋପାଏ
ଆସିଲା କିଛି ଦୂର ବଢ଼ି
କଟିଗଲା ପରେ ବେଳ କିଛି
ଭାବିହେଲା
କାହିଁକି ଆସିଲି ଘର ଛାଡ଼ି ?

ଧକ୍କା ଖାଇ ଏଠି ସେଠି
ମିଶିଯିବି ମାଟିରେ
ଅବା ଭାଗ୍ୟ ଯିବ ଫିଟିରେ ?

ସେବେଳେ ଆସିଲା ବହି
ମୌସୁମୀ ପବନ
ଜଳାଧିଶ ତନୁମନ କରିଲା ଚୁମ୍ବନ
ଆନମନା ଚାତକ ଶାମୁକା ଏକ
ଚାହିଁଥିଲା ଆକାଶକୁ
ତୃଷିତ ମୁହଁ ମେଳାଇ
ତା ଭିତରେ ପଡ଼ିଲା ଅମୃତ ଟୋପାକ ।



ଚାରିପାଖେ ଚକ୍ ଚକ୍ ଆଲୁଅର
ତୋରଣ ଝଳସିଲା
କେତେ ସ୍ୱାଗତିକା, ବନ୍ଦାପଣାରେ
ପୃଥିବୀ ଗୁଞ୍ଜିଲା
ଆହାଃ... ମୁକ୍ତା ପାଲଟିଲା
ଭୁଲିଗଲା ସବୁ ଭୁଲିଗଲା ?

ଘରୁ ପାଦ କାଢ଼ିଲା ବେଳେ
ଉଦାସ ମାଖିଥିଲା କେତେ
ହେଲେ ବାହାରୁ ବାହାରୁ
ଘର ତା ଆଖିରୁ ମନରୁ
ପବନ ଭଳି ଉଡ଼ିଗଲା
କ୍ରମଶଃ ଦୂରପର୍ବତ ଭଳି
ଝାପସା ହେଇଗଲା ?

■■■

କୁସ୍‌ମେଲ, ଝାରସୁଗୁଡ଼ା
ମୋ-୮୧୪୪୭୭୯୦୬୧

# ଆସ ମୋ ସହିତ

ଜାହ୍ନବୀ ଚୌଧୁରୀ



ମୁଁ ବାହାରି ଆସୁଛି ଯିବାପାଇଁ,
ଚୁପଚାପ୍ ଆଖିବୁଜି ମୋ ପଛେ ପଛେ ଆସୁଥାଅ
ଯେତେ ଖାଲ ଖମା ଥିଲେ ବି
ଗଢିଦେବି ଚଲାପଥଟିଏ ଠିକ୍ ଅନ୍ଧାର ହେବା ଆଗରୁ ।

ଆସ ମୋ ବେକରେ ଝୁଲିପଡ
କିଛି ନ ଭାବି ପିନ୍ଧିନେବି ଗଳା ଚାରିପାଖେ
ତୁମେ ତ ମୋର ଅତି ପରିଚିତ ଗୋଟିଏ ନିଃଶ୍ୱାସ ।



ଯଦି ତୁମକୁ କେବେ ଲାଗିପାରେ
ମୁଁ ନାହିଁ ତୁମ ଆଗରେ
ଅଭିମାନ ନ କରି ପୁଣି ଖୋଜ,
ମିଶିଯାଅ ମୋ ଦୁଇବାହୁରେ ।

ତୁମ କ୍ଲାନ୍ତ ଦେହଟିକୁ
ଆଶ୍ରୟ ଦେବି ମୋ କୋଳରେ ।
ସକାଳର ସୂର୍ଯ୍ୟ ଉଇଁବା ଆଗରୁ ସଅଳ ବାହାରି ପଡ
ପ୍ରସ୍ତୁତ ହୁଅ ଆସିବାକୁ ମୋ ସାଙ୍ଗରେ,
ଯିବା କେତେ କେତେ ଅଜଣା ଜଗତ କୁ,
ଏବେ ଠୁ ଖୋଜି ଚାଲିବା ସେହି ଠିକଣା ସବୁକୁ ।

ତୁମେ ଯଦି ଚାଲିବାକୁ ଚାହଁ ଏକେଲା
ଯାଅ, ହେଲେ
କୁହୁଡି ଭିତରେ ତୁମେ ଯେମିତି ବାଟବଣା ନ ହୁଅ
ରାସ୍ତା ନ ପାଇ ହଜି ଯେମିତି ନ ଯାଅ
ମୋ ପାଦଶବ୍ଦକୁ ଶୁଣି ଶୁଣି ପାର ହୋଇଯାଅ
ସବୁ ଘନ ଘଟା, କୁହୁଡ଼ିର ମାୟା ଓ ନିପଟ ଅନ୍ଧକାର ।

■■■

ଭୁବନେଶ୍ୱର
ମୋ :୯୪୩୮୧୮୪୭୯୫

ଇ-ପତ୍ରିକା
ଦ୍ୱାଦଶ ସଂଖ୍ୟା, ୧ ଜୁନ୍ ୨୦୨୩

# ଘର

**ପ୍ରଜ୍ଞା ମହାନ୍ତି**



ଘର କରିଥିଲେ ପଥର ପଡିଲେ ସହି
ସହୁଛି ପରା ଭାବି ଘର କଥା
କା'ଆଗେ କହିବି ମୋ ଦରଜ
ଆଉ ଗୋପନୀୟ ବ୍ୟଥା
ଘରକରିବା କଣ ଫୁଟ-ମାପ କଥା!
ଘର ବି ତ' ଥିଲା ବାରୁଣାବନ୍ତ
ଗଢିଥିଲେ ବାସ୍ତୁ ପୁରୁଷ
ହେଲେ ସାମାନ୍ୟ ଉପେକ୍ଷାର ହସ
କରିଦେଲା ସର୍ବନାଶ ।
ଏଠି ତ' ସମସ୍ତେ ସମସ୍ତଙ୍କ ପାଇଁ
ଗଢନ୍ତି ଜତୁଗୃହ
ଗୋଟିଏ ମଣିଷର କୋଟିଏ ମୁଖାପିନ୍ଧା ମୁହଁ
ଘର ପୂର୍ବରୁ ଏଠି ଭାଗିଂଯାଏ ଘର
ଭାବିଥାଅ ଯାହାକୁ ନିଜର
ଜାଳିଦିଏ କ୍ଷଣକରେ କରି ସାତପର।
ସେଥିପାଇଁ ଦ୍ୱାରିକାଧିପତି
ଗଢିଥିଲେ ଦ୍ୱାରିକା ନଗର
ହେଲେ ରାଇ ହୃଦେ କରିଥିଲେ ଘର
ଘଟ ଛାଡିଲେ ଶିଆଳୀଲତା ତଳେ
ଘର ପାଲଟିଲା ଐରା ବଣା
କ'ଣ କଲେ ହୁଏ ଘର
ଭାବ ନା' ବେଶି ଦୂର
ବାସ୍ ଭାବିନେଲେ ଥରେ
ମୋର କିଛି ନୁହେଁ ମୁଁ ବି' ତମର।
ଧାପେ ପ୍ରେମ ଟିପେ ଧର୍ଯ୍ୟ ସହ
ସମ୍ୟକ ନୀରବ ଥିଲେ ଚିତ୍ତ
ସିଏ ଛାତି ହେଉ ବା ଛାତ
ସ୍ୱଚ୍ଛନ୍ଦରେ କରିହେବ ଆତଯାତ ।



■■■

ସମ୍ବଲପୁର
ମୋ : ୯୪୩୭୩ ୬୨୪୭୩

# ଶ୍ରମିକ



ସରୋଜଲକ୍ଷ୍ମୀ ମହାନ୍ତି



ପିଇଯାଏ ସବୁ ଲୁହ ଓ ଯନ୍ତ୍ରଣା
ପଖାଳକଂସା ରେ ଭସେଇଦିଏ
ସାଇତା ସପନ ଓ ଆଶା ଅସୁମାରି
ଗଢାହୁଏ ନଭଶ୍ଚୁମ୍ବୀ ଇମାରତ
ହଳରୁ ଲଙ୍ଗଳ,ବନ୍ଧ ବାଡ
କାରୁକଳା ରୁ କାରଖାନା
ସବୁଥିରେ ତା ହାତର ନିଖୁଣ ସ୍ପର୍ଶ
ନିଷ୍ଠୁରତା ନିଆଁରେ ପାଦରେ ଛାଲାପଡେ ସିନା
ଥକିଯାଏନି କେବେ
ଚାଲିଥାଏ ଅନବରତ
ସିଝିଯାଏ ପିଠି,ଛାତି ଫଟାଇ ନିଗିଡ଼ି ଆସେ
ସହିଷ୍ଣୁପଣର
ଉଷ୍ଣ ପ୍ରସ୍ରବଣ
ଛାତିର ଶକ୍ତକାନ୍ଥତଳେ
ରୁନ୍ଧି ହୁଅନ୍ତି ଅବରୋଧ ଇଚ୍ଛା
ନିଅନ୍ତି ଜୀବନ୍ତ ସମାଧୀ
ସମ୍ପର୍କତଳୁ କୁହୁଳା ଧୂଆଁ
ଆପଣେଇ ନିଏ ନିଜ ପାପୁଲିରେ  ମୁଠାଏ
ଅନ୍ଧାର,ଭାଗ୍ଯ ନାମ ଦେଇ
ଆୟୁଷକୁ ଆଉଁସିବ କିଏ
କରିବ ତାକୁ ଆୟୁଷ୍ମାନ।

■■■

ନନ୍ଦନ ବିହାର, ଭୁବନେଶ୍ୱର

# ମାଆ ବରୁଣେଇ

ନିକୁଞ୍ଜ କୁମାର ଘୋଷ



ଖୋରଧା ଶାସନେ ମାଆ ବରୁଣେଇ
ପାଉଅଛୁ ତୁହି ପୂଜା
କଳା ମୁଗୁନିରେ ସିଂହାସନ ତୋର
ଫୁଲ ଚନ୍ଦନରେ ସଜା ।।

ବରୁଣେଇ ସାଥେ କରୁଣେଇ ବିଜେ
ବରୁଣେଇ ପାହାଡରେ
ଯୁଦ୍ଧର ବେଶରେ ମୂରତି ତୁମ୍ଭର
ମନକୁ ହରଣ କରେ ।।



କୁଣ୍ଡା ପଥରରେ ଗଢା ଏ ପାହାଡ
ଦୈର୍ଘ୍ୟ ଅଟେ କି.ମି. ସାତ
ପ୍ରସ୍ଥ ଆଠ ଶହ ,ତିନି ଶହ ଚାରି
ଦଶମିକ ଆଠ ଉଚ୍ଚ ।।

ଅଠର ଇଞ୍ଚରେ ମାଆର ମୂରତି
ନିତି ପୂଜା ପାଉଥାଏ
ନାଭିସ୍ଥଳ ଦେଇ ଅଦଲ କୁଣ୍ଡ ଯେ
ପାଦ ତଳେ ବହିଯାଏ ।।

ଖୋରଧା ମାଟିର ଆରାଧ୍ୟ ଦେବୀ ତୁ
ପାଇକ ପୁଅର ସାହା
ସୁଖେ ଦୁଃଖେ ଠିଆ ହୋଇଥାଉ ମାଆ
ଦେଇ ଜୀବନର ରାହା ।।

ଚାଲିବାକୁ ମତେ ସତ୍ୟ ଧର୍ମ ପଥେ
ଶକତି ଦିଅ ଯେ ମତେ
ଶ୍ରୀଚରଣେ ତୁମ୍ଭ ରଖିଦିଅ ମାଆ
ପ୍ରଣତି ଜଣାଏ ତତେ ।।

■■■

ମାଧବପୁର, ଜଳେଶ୍ୱର - ୭୫୬୦୩୨
ମୋ - ୮୧୪୪୮୫୧୦୪୫

# ବର୍ଷାରାଗ

ଅପରାଜିତା





ନିର୍ଝର ଝଙ୍କାରେ ପକ୍ଷୀର କୂଜନେ
ମହକିତ ଫୁଲ ହାଟେ
ବର୍ଷା ଅଭିସାରେ ହୃଦୟ କାସାରେ
କୁମୁଦ ବାସ ଚହଟେ ।

ନଭ ତଳେ ମେଘମେଦୂରର ଭିଡ
ତୁମମଗ୍ନା ମନ ଝୁରେ
ତୁମ ଅଗଣାର ଫେରନ୍ତା ମୌସୁମୀ
ସିକ୍ତ ଶିହରଣ ଭରେ ।

ଅଳିକ ଅଳସ ଭାଙ୍ଗି ଆସ ପ୍ରିୟ
ନେଇ ଅଳିର କାମନା
ଆଜି ବର୍ଷାରାଗ ବୁଣେ ଅନୁରାଗ
ଅଧା ଅଧା ତୁମ ବିନା ।

■■■

ଭୁବନେଶ୍ୱର
ମୋ -୮୦୧୮୫୬୪୯୨୭

# ଦେବାଶିଷ

କରିସ୍ମା ତ୍ରିପାଠୀ



ଚାଲି ଗଲୁ ତୁ କେମିତି ଆମକୁ ଭୁଲି,
ଯିବା ଆଗରୁ ପଛ କଥା କଣ ମନେ ପଡ଼ିଲାନି ?
କଥା ଦେଇଥିଲୁ ଆସିବୁ ଫେରି,
ଆସିଲୁ, କିନ୍ତୁ ଏମିତି କେମିତି କୋକେଇ ରେ ସଜା
ହୋଇ ! ବୁଢ଼ା ବାପା ମା'ଙ୍କୁ କିଏ ସମ୍ଭାଳିବ ?
ସ୍ତ୍ରୀ କୁ ତୋର କିଏ ବୁଝେଇବ ?
ଝିଅ ଜନ୍ମ ହେଇଛି ଖୁସି କ'ଣ
ବାପା ଚେଉଣ୍ଡ ହେଇଗଲା ସିଏ,
ତା କଥା କିଏ ବୁଝିବ?
ବୃଦ୍ଧାକାଳେ ଶ୍ରବଣ କୁମାର ହେବୁ ବୋଲି ଭାବିଥିଲୁ,
ତୋ ଆଖିରେ ବାଟ ଦେଖିବୁ ବୋଲି ଭାବିଥିଲୁ,
ସପନ ରହିଲା ସପନରେ,
ଆଶା ବାଡି ଭାଙ୍ଗି ଗଲା,
କରିଗଲୁ ଅନ୍ଧରେ...
ସାତ ଜନମ କୁ ସାଥୀ କରି ଆଣିଥିଲ
ଗୋଟେ ଜନମ କୁ ସାଥୀ ରହି ନ ପାରିଲ !
ଅଧା ବାଟେ ହାତ ଛାଡିଦେଇ ଚାଲିଗଲ,
କୋଳରେ ଦେଇ ତୁମ ପ୍ରେମର ସନ୍ତକ,
କେମିତି ପାଳିବି ତାକୁ କହିବ କି ତୁମେ ?
ବାପା ମା ସ୍ତ୍ରୀ ଛୁଆ ସଭିଙ୍କୁ କରି ପର,
ଚାଲି ଗଲ ତମେ ଏମିତି କେମିତି କୁହ
ମାଟିର ମଣିଷ ତମେ ମାଟି ରେ ମିଶିଲ,
ଚିର ଦିନ ପାଇଁ ତମେ ଅମର ହୋଇଲ,
ଦେଶର ସେବାରେ ତୁମେ ହରିଲ ଜୀବନ,
ରଚିଗଲ ଯଶ ରଖି ଦେଶର ସମ୍ମାନ ।



■■■

ଭୁବନେଶ୍ୱର

# ମା'

ସରୋଜ କୁମାର ନାୟକ





ମାତୃ ଗର୍ଭେ ଶୁଣୁଥିଲି
ସେ ମହା ସଙ୍ଗୀତ
ଭୂମି ରେ ପତିତ ହୋଇ
ହେଲି ମୁଁ ବ୍ୟଥିତ ।
ସ୍ନେହମୟୀ ଜନନୀର
କୋମଳ ପରଶେ
ଆନନ୍ଦିତ ହେଲି ମୁହିଁ
ସୁଧା ସମ ରସେ ।
ଅମୃତ ର ଧାର ସେତ
ମାତୃ ବକ୍ଷୁ ଝରେ
ପାନ କଲେ ସଙ୍ଗୀତର
ସାତସ୍ୱର ଝରେ ।
ଅମୃତ ନିନାଦ ସେହି
ଆତ୍ମତତ୍ତ୍ୱ ଭେଦ
ସୃଷ୍ଟିର ମହାସଙ୍ଗୀତ
ଆଦି ବ୍ରହ୍ମନାଦ ।

■■■

ସାନରାଏପଡ଼ା, କୋଟପୁର, ଯାଜପୁର
ମୋ - ୯୩୩୭୨୬୦୩୬୩

# ନୀଳ ଢେଉରେ ମୁଁ

ସ୍ନିଗ୍ଧା ଜି. ମହାପାତ୍ର



ଭଲ ପାଏ କେବେ      କହେ  ନାହିଁ ବୋଲି
ଭଲ କି ପାଏନା ମୁହିଁ
ନୀଳ ଢେଉ ପରି      ଧାଇଁ ଆସି ପରା
ତୁମକୁ  ପାରେ ମୁଁ ଛୁଇଁ ।



ନିତି ଆସି ଢେଉ      ବେଳାକୁ ଛୁଁଉଛି
କହେନି ପଦିଏ  କଥା
ବେଳା ଓଦା ହୁଏ      ତାର ପ୍ରେମ ନୀରେ
ବୁଝିପାରେ ତାର ବ୍ୟଥା ।

କେବେ ସେ ଲହରୀ      ମୋର ମନ ପରି
ନିରିଜନେ କଥା କହେ
ଶୂନ୍ୟତା ଭିତରେ      ଛାଇ ପରି ସଦା
ତୁମରି ଭିତରେ ରହେ ।

ଦାମୀ ଉପହାର      ଅବା ଅଳଙ୍କାର
ଶୁଦ୍ଧ ପ୍ରେମେ ଲୋଡ଼ା ନାହିଁ
ସୁଖେ ଦୁଃଖେ ଯଦି      ପାଶେ ଥାଏ ସାଥୀ
ସରଗର  ସୁଖ  ସେହି ।

ସାଥୀଟିଏ ମୋର      ଏହି ଜୀବନର
ବିହି ଲେଖିଛି ସରଗେ
ତୁମ ପାଇଁ ଶଙ୍ଖା      ମଥାରେ ସିନ୍ଦୂର
ନାଇ ପକାଏ ସରାଗେ ।

ଯହିଁ ଯାଅ ତୁମେ      ଭାବନା ମୋହର
ରହେ ଛାଇ ପରି ସାଥେ
କହି କି' ପାରିବ      ଏ ଜୀବନ ତୁମେ
ଭୁଲିକି  ପାରିବ ମୋତେ !

■■■

ବାରିପଦା
ମୋ - ୯୪୩୭୬୧୫୨୨୧



# ଉଦୟରାଗ

**କମଳିନୀ ଦେବୀ**



ବିଭାବରୀ ଅନ୍ତେ ପ୍ରାଚୀ ଲୋହିତ ବରନ
ବିବସ୍ୱାନୁ ଓଁ କାର ଧ୍ୱନୀ ର  ଗୁଞ୍ଜରଣ  ।।

ଅରୁଣ ମୟୁଖ ଦିବ୍ୟ ଶୋଭା ଦରଶନେ
ସୁପ୍ତ ପ୍ରାଣରେ  ଚେତନା ସଞ୍ଚରିଗଲା କ୍ଷଣେ  ।।

ପ୍ରଫୁଲ୍ଲିତ ସର୍ବେ ଯେ ଝା କର୍ମେ ଆଗୁସାର
ବିହଙ୍ଗମେ ଗାନକରି ବନ୍ଦିଲେ   ଭାସ୍କର ।।

ନିଦ୍ରା ତେଜ ବିଶ୍ୱବାସୀ ପ୍ରଭାତ ଆସିଲା
ବାଳ ରବି ଆଗମନେ ଧରଣୀ ହସିଲା  ।।

ସରସୀ'ର ଶତଦଳ ପ୍ରସନ୍ନ ବଦନେ
ବିଚିମାଳେ ସୁଶୋଭିତ ଭ୍ରମର ଗୁଞ୍ଜନେ  ।।

ଉଦ୍ୟାନରେ ପ୍ରସ୍ଫୁଟିତ ପୁଷ୍ପ ନାନା ଜାତି
ମିଳି ସରବେ ତପନଙ୍କୁ ସ୍ୱାଗତ ଜଣାନ୍ତି  ।।

ସିନ୍ଦୁର ପିନ୍ଧିଛି ବସୁମତୀ ମଥାପରେ
ଉଦୟରାଗ ସମାନ ତ ଭ୍ରମ ସୃଷ୍ଟି କରେ  ।।

■■■

ବରଗଡ଼

# କେମିତି କହିବି କୁହ

ବିଜୟା ମିଶ୍ର



ଏକ ଶୂନ୍ୟ ଘରର
ଚାରିକାନ୍ଥ ଭିତରେ ମୁଁ
ଦେଖୁଛି ଏକ ନିବୁଜ ଆକାଶ,
ତାରା, ଚନ୍ଦ୍ର ସମସ୍ତେ ପଡୁଛି।ନିଖୋଜ
କେବଳ ମୁଁ ଏକ ନିର୍ବାକ୍ ବାଟୋଇ ।

କୋଳାହଳ ମୟ ସଂସାରରେ
କିଛି ସମୟ ପାଇଁ ଲୁକ୍କାୟିତ
ରହିବାର ଆଶା ନେଇ...
ଅପେକ୍ଷିତ ଶରୀରଟି ମୋର
ଘର୍ମାକ୍ତ.... ଜାଣେନି ମୁଁ ନିଜେ
ଶେଷଘଣ୍ଟା ବାଜିବକି ନାହିଁ !!

ଗରାଏ ଜଳ ଭିତରେ
ମୁଁ ସମୁଦ୍ର ଦେଖିଲି... କିନ୍ତୁ
ସ୍ଥିର,ଶାନ୍ତ...ତାର ଉଉଳାପଣ
ନାହିଁ... ବାରମ୍ବାର ସେ କହେ
"ମୁକ୍ତି ଦେ ମୋତେ !
ଛୁଇଁବାକୁ ଅଛି ମୋର ଦିଗ ରୁ ଦିଗନ୍ତ...
ବେଳାଭୂମି ଚୁମିବାର ଅଛି...
ପ୍ରେମର ପ୍ରତ୍ୟୟ ତାକୁ
ଫେରାଇବା ପାଇଁ ଚୁକ୍ତିବଦ୍ଧ
ମୁହିଁ,ଦୀର୍ଘ ଯାତ୍ରା ଏଯେ
କାମନା ଓ ବାସନା ରହିତ !



କ୍ଷଣେ ଚିନ୍ତା ମଗ୍ନ ହେଲି
ଏଠାରେ ସମସ୍ତେ ସମସ୍ତଙ୍କ
ସ୍ଥାନରେ, ଭାଷାରେ
ସତ୍ୟ ପ୍ରକାଶନ୍ତି, ତେବେ
ମୁଁ କଣ ନିଜେ ଭ୍ରମିତ ଆକାଶ
ଓ ସମୁଦ୍ର କୁ ନେଇ..ଅବା ମୁଁ
ଏକ ପଳାୟନ ପନ୍ଥୀ, ବାଟୋଇ !

ଦେଖ ! ମୋ ଚିନ୍ତାରେ,
କର୍ମରେ,ନିଷ୍ଠାରେ ସବୁକିଛି
ସମାହିତ, ତେବେ
"କେମିତି କହିବି କୁହ"
ମୋ ଅସ୍ତିତ୍ୱ ଦେଇଛି ହଜାଇ !

■■■

# ସଂସଦର ବାର୍ଷିକୋତ୍ସବ, "ଇ ପତ୍ରିକା" ର ମଇ ସଂଖ୍ୟା ଉନ୍ମୋଚନ ଓ କବିତା ପାଠୋତ୍ସବ ସମୟର କିଛି ସ୍ମୃତି

## ୩୦.୦୪.୨୦୨୩ (ରବିବାର)



















# ସଂସଦର ବାର୍ଷିକୋତ୍ସବ, "ଇ ପତ୍ରିକା" ର ମଇ ସଂଖ୍ୟା ଉନ୍ମୋଚନ ଓ କବିତା ପାଠୋତ୍ସବ ସମୟର କିଛି ସ୍ମୃତି

## ୩୦.୦୪.୨୦୨୩ (ରବିବାର)





















# ସଂସଦର ବାର୍ଷିକୋତ୍ସବ, "ଇ ପତ୍ରିକା" ର ମଇ ସଂଖ୍ୟା ଉନ୍ମୋଚନ ଓ କବିତା ପାଠୋତ୍ସବ ସମୟର କିଛି ସ୍ମୃତି

## ୩୦.୦୪.୨୦୨୩ (ରବିବାର)












### ସାହିତ୍ୟ ହେଉଛି ମାନବ ଜାତିର ମସ୍ତିଷ୍କ

ଭୁବନେଶ୍ୱର , (ସବ୍ଯ୍ୟ) : ରବିବାର ଅପରାହ୍ନରେ ଚନ୍ଦ୍ରଶେଖରପୁର ଜୟଦେବ ଶିକ୍ଷା କେନ୍ଦ୍ର ପରିସରରେ ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ୫୦ ତମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ବାଳ ସାହିତ୍ୟ ପୁରସ୍କାର ପ୍ରାପ୍ତ ଲେଖକ ଡକ୍ଟର ଦିଗରାଜ ବ୍ରହ୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ବିଶିଷ୍ଟ ସାହିତ୍ୟିକ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରି ସାହିତ୍ୟ ମାନବ ଜାତିର ମସ୍ତିଷ୍କ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଡାକ୍ତର ସରୋଜିନୀ ଷଡ଼ଙ୍ଗୀ,ଇଂ ଶଶୀ ଭୂଷଣ ରଥ ଯୋଗଦେଇଥିଲେ। ପ୍ରଦୀପ କୁମାର ପାଣି ସ୍ୱାଗତ ଭାଷଣ ରଖି ଥିବା ବେଳେ ଅନୁଷ୍ଠାନର ପ୍ରତିଷ୍ଠାତା ସଂପାଦକ ବସନ୍ତ ମାଝି ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ମଞ୍ଚ ପରିଚାଳନା ଭାଷାବିତ ଡ଼. ଦେବାଶିଷ ମହାପାତ୍ର କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ କବି ବିଶ୍ୱମିତ୍ର ମିଶ୍ର। ଏହି ଅବସରରେ ଅତିଥିମାନେ ପ୍ରତିଷ୍ଠିତ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧିବେଶନ କାର୍ଯ୍ୟ ପ୍ରାରମ୍ଭରେ ଡକ୍ଟର ପ୍ରତିଭା ରାଣୀ ମିଶ୍ରଙ୍କ ସଭାପତିତ୍ୱରେ କବିତା ପାଠ କରାଯାଇଥିଲା। ମନୋରମା ମିଶ୍ର ଓ କମଳିନୀ ମଲ୍ଲିକଙ୍କ ସଂଯୋଜନାରେ ୫୦ରୁ ଉର୍ଦ୍ଧ୍ୱ କବିଓ କବୟିତ୍ରୀ ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ।

### ସାହିତ୍ୟ ସଂସଦର ଅଧିବେଶନ

ଚନ୍ଦ୍ରଶେଖରପୁର, ୩।୫ (ନି ପ୍ର): ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ୫୦ତମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଶ୍ରୀଜୟଦେବ ଶିକ୍ଷାକେନ୍ଦ୍ରରେ ଅନୁଷ୍ଠିତ ଉତ୍ସବକୁ କେନ୍ଦ୍ର ବାଲ୍ ସାହିତ୍ୟ ପୁରସ୍କାରପ୍ରାପ୍ତ ଲେଖକ ଡ. ଦିଗରାଜ ବ୍ରହ୍ମା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଡା. ସରୋଜିନୀ ଷଡ଼ଙ୍ଗୀ ଭାଷା ସାହିତ୍ୟକୁ ସମୃଦ୍ଧ କରିବାରେ ସାହିତ୍ୟ ସଙ୍ଗଠନଗୁଡ଼ିକର ଭୂମିକା ଉପରେ ମତାମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଂ ଶଶିଭୂଷଣ ରଥ, ପ୍ରଦୀପକୁମାର ପାଣି, ପ୍ରତିଷ୍ଠାତା ସମ୍ପାଦକ ବସନ୍ତ ମାଝି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅଧ୍ୟାପିକା ଦୀପ୍ତିମୟୀ ସାହୁଙ୍କୁ ନିରୁପମା ଆଚାର୍ଯ୍ୟ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଡ. ସୁପ୍ରିୟା ମଲ୍ଲିକ, ପ୍ରଫେସର ବୀଣାପାଣି ତ୍ରିପାଠୀ, ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ, ଅଧ୍ୟାପକ ଅଜୟ ପଟ୍ଟନାୟକ, ଇଂ ଆଶୁତୋଷ ଧଳ, କ୍ଷଣପ୍ରଭା ମହାନ୍ତି, ଶରତକୁମାରୀ ମିଶ୍ର, ଯୋଗେଶଚନ୍ଦ୍ର ମିଶ୍ର, ସରୋଜ ଶତପଥୀ ଏବଂ ଶାନ୍ତିଲତା ପଲାଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ ଦେବାଶିଷ ମହାପାତ୍ର ମଞ୍ଚ ସଂଯୋଜନା, ବିଶ୍ୱମିତ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।

ସମ୍ବାଦ -୦୪.୦୫.୨୦୨୩

### ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ୫୦ତମ ଅଧିବେଶନ



[illegible]

# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

# ଇ ପତ୍ରିକା

ଦ୍ୱାଦଶ ସଂଖ୍ୟା, ୧ ଜୁନ୍ ୨୦୨୩

https://epatrika.cspursahityasansad.com/


Publisher :

**Newtra Creations**

Bhubaneswar



ମୁଖ୍ୟ ସଂପାଦକ: ବସନ୍ତ ମାଝି || ସଂପାଦକ: ସରୋଜ କୁମାର ଶତପଥୀ

Contact : 7/13, Type 'B' (Revised), Unit-9, Bhubaneswar - 751022

Mob : 9438621925 / 9937128547

Website: www.newtracreations.com / www.cspursahityasansad.com

Email : cspursahityasansad@gmail.com